

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-57 ◆THURSDAY ◆21 AUGUST 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୫୭ ◆ଗୁରୁବାର ◆୨୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଫଗାନିସ୍ତାନରେ ଜଳିଗଲା ବସ୍; ୭୯ ଦଗ୍ଧ

■ **କାବୁଲ, ୨୦।୮ (ଏଜେନ୍ସି):** ଆଫଗାନିସ୍ତାନର ପଶ୍ଚିମରେ ଥିବା ହେରାତ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅତିକମ୍‌ରେ ୭୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଇରାନରୁ ନିର୍ବାସିତ ପ୍ରବାସୀଙ୍କୁ ନେଇ ଆସୁଥିବା ଏହି ବସ କାବୁଲ ଯାଉଥିଲା ବେଳେ ଟ୍ରକ୍ ଓ ମୋଟର ସାଇକଲକୁ ଧକ୍କା ଦେଇଥିଲା। ଏହାପରେ ବସ୍ ଓଲଟି ପଡ଼ିବାରୁ ଏଥିରେ ନିଆଁ ଲାଗିଯାଇଥିଲା। ନିଆଁ ଏତ ଭୟଙ୍କର ଥିଲା ଯେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ୭୯ ଜଣ ଯାତ୍ରୀଙ୍କ ମଧ୍ୟରେ ୧୭ଜଣ ଛୋଟ ପିଲା ଅଛନ୍ତି। ବସ ଦ୍ରୁତଗତିରେ ଆସୁଥିଲା ଓ ଡ୍ରାଇଭର ବେପରୁଆ ଢ଼ଙ୍ଗରେ ବସ ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଯାଞ୍ଚ ଶେଷ ହେବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ସରକାରୀ ମୁଖପାତ୍ର ଅହମ୍ମଦୁଲ୍ଲା ମୁତାକି ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି।



ଇରାନ୍ ଏହି ପ୍ରବାସୀମାନଙ୍କୁ ବିଦା କରିବା ପରେ ବସ୍ ସେମାନଙ୍କୁ ଆଫଗାନିସ୍ତାନ ଫେରାଇ ଆଣୁଥିଲା।

## ଏକତରଫା ପ୍ରେମ: ଶିକ୍ଷୟିତ୍ରୀଙ୍କୁ ଜାଳିଦେଲା ଛାତ୍ର

■ **ଭୋପାଳ, ୨୦।୮ (ଏଜେନ୍ସି):** ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କୋଟୱାଲି ଥାନ ଅଞ୍ଚଳରେ ଚକିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି। ଜଣେ ୧୮ ବର୍ଷୀୟ ଛାତ୍ର ଗତ ସୋମବାର ୨୬ ବର୍ଷୀୟା ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି। ଅଭିଯୁକ୍ତ ହେଉଛି ସୂର୍ଯ୍ୟାଂଶ କୋଚର। ସେ ଏକ୍ସିଲେନ୍ସ ସ୍କୁଲ (ଉତ୍କୃଷ୍ଟ ବିଦ୍ୟାଳୟ)ର ପୂର୍ବତନ ଛାତ୍ର। ନିଆଁରେ ଶିକ୍ଷୟିତ୍ରୀଙ୍କ ଶରୀରର ୨୫ ପ୍ରତିଶତ ଅଂଶ ଜଳିଯାଇଛି। ଦୁଇବର୍ଷ ହେବ ଦୁହେଁ ପରସ୍ପରକୁ ଜାଣିଥିଲେ ବୋଲି ଅଭିଯୁକ୍ତର ପିତା ବିରେନ୍ଦ୍ର କୋଚର କହିଛନ୍ତି।

ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ ବେଳେ ଶିକ୍ଷୟିତ୍ରୀ ଜଣକ ଏକ ସାଢ଼ି ପିନ୍ଧିଥିଲେ। ଏହାଉପରେ ଅଭିଯୁକ୍ତ ଜଣକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲା। ଏଥିପାଇଁ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ସୂର୍ଯ୍ୟାଂଶ ରାଗିଯାଇ ଏହି କାଣ୍ଡ ଘଟାଇଛି ବୋଲି କୁହାଯାଉଛି। ଘଟଣା ଦିନ ଅପରାହ୍ନ ୩.୩୦ରେ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇ ଅଭିଯୁକ୍ତ ଏକ ବୋତଲରେ ପେଟ୍ରୋଲ ନେଇ ତାଙ୍କ ଉପରେ ଢାଳି ନିଆଁ ଲଗାଇବା ପରେ ସେଠାରୁ ଫେରାର ହୋଇଯାଇଥିଲା।

ପୀଡିତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା ଓ ତାଙ୍କର ଚିକିତ୍ସା କରାଯାଇଥିଲା। ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ଅଛି। କିନ୍ତୁ ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତର କହିଛନ୍ତି। ଶିକ୍ଷୟିତ୍ରୀଙ୍କୁ ଅଭିଯୁକ୍ତ ଛାତ୍ର ଏକତରଫା ପ୍ରେମ କରୁଥିଲା ବୋଲି ଏସ୍‌ଡିପିଓ ମନୋଜ ଗୁପ୍ତା କହିଛନ୍ତି। ଏକାଧିକ ଅଭିଯୋଗ ଆସିବାରୁ ତାକୁ ସ୍କୁଲରୁ ବାହାର କରି ଦିଆଯାଇଥିଲା ଓ ସେ ଅନ୍ୟ ସ୍କୁଲ୍‌ରେ ପଢୁଥିଲା। ତାକୁ ପୁଲିସ ଗିରଫ କରିଛି।

## ଜେଲ୍‌ରେ ୩୦ ଦିନ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

**ସଂସଦରେ ହଙ୍ଗାମା**

# ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କୌଣସି ଦୁର୍ନୀତି ବା ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ସେମାନେ ମନ୍ତ୍ରୀପଦ ହରାଇବେ। ଏଭଳି ବ୍ୟବସ୍ଥା କରିବା ଲାଗି ସମ୍ବିଧାନରେ ସଂଶୋଧନ କରିବାକୁ ଯାଇ ସରକାର ଏକ ବିଲ୍ ଆଜି ଲୋକସଭାରେ ଆଗତ କରିଛନ୍ତି। ଏହାକୁ ନେଇ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି। ଏହାକୁ ଗଣତନ୍ତ୍ରର ହତ୍ୟା ବର୍ଣ୍ଣନା କରି ବିରୋଧୀ ଦଳ ଆଜି ଲୋକସଭାରେ ଜବରଦସ୍ତ ହଙ୍ଗାମା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରୁଥିବା ବେଳେ ଏହାର ବିରୋଧ କରି ବିରୋଧୀ ସାଂସଦ ବିଲ୍ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ଶାହଙ୍କ ଆଡ଼କୁ ଫୋପାଡ଼ିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ଗୃହ ମଧ୍ୟଭାଗରେ ତୃଣମୂଳ କଂଗ୍ରେସ ଓ ବିଜେପି ସାଂସଦ ମୁହାଁମୁହିଁ ହୋଇଥିଲେ। ଟିଏମସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପିର କେତେକ ସାଂସଦ ଏହାର ଦୁଇ ମହିଳା ସାଂସଦଙ୍କୁ ଠେଲାପେଲା କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଲକୁ ଅନୁଧ୍ୟାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଇ ଦିଆଯିବା ସହିତ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି।



ଲୋକସଭାରେ ଟିଏମ୍‌ସି-ବିଜେପି ସାଂସଦ ମୁହାଁମୁହିଁ

ସରକାର ଆଜି ଏଭଳି ବିଲ୍ ଆଗତ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିବା ପରେ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଲ୍ ଆଗତ କରିବାକୁ ଠିଆ ହେବା ମାତ୍ରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା। ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଅଣ-ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ବିଲ୍ ଆଗତ କରିଛନ୍ତି। ସରକାର ଚାହିଁଲେ ଯେକୌଣସି ଅଣବିଜେପି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ପୂରାଇଦେବେ। ୩୦ ଦିନ ଜେଲରେ ରହିବା ପରେ ସେମାନେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇଦେବେ। ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ର ସରକାର କିପରି ମିଥ୍ୟା ମାମଲାରେ ଫସାଇ ଜେଲରେ ରଖିଥିଲେ, ତାହାର ସେମାନେ ଉଦାହରଣ ଦେଇଥିଲେ। ରାଜନୀତି ଓ ପ୍ରଶାସନରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆଣିବା ଲାଗି ଏଭଳି ପଦକ୍ଷେପ ଜରୁରୀ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଯୁକ୍ତିକୁ ବିରୋଧୀ ସାଂସଦ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସେମାନେ କହିଥିଲେ ଯେ କେବଳ ଅଣବିଜେପି ସରକାରରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସରକାର ଏଭଳି ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି। ଏହାକୁ ସମସ୍ତ ଶକ୍ତି ଖଟାଇ ବିରୋଧ କରାଯିବ ବୋଲି ସେମାନେ କହିଥିଲେ। ସମ୍ବିଧାନର ମୌଳିକ ଢାଞ୍ଚା ଓ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ କରିବା ଲାଗି ସରକାର ପ୍ରୟାସ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଅନ୍ୟ କେତେକ ବିରୋଧୀ ସାଂସଦ କହିଥିଲେ ଯେ ସରକାର ଦେଶକୁ ▶ପୃଷ୍ଠା-୭

## ନବୀନଙ୍କୁ ମୋଦୀଙ୍କ ଫୋନ୍

### ଶୀଘ୍ର ଆରୋଗ୍ୟ କାମନା ସହ ଦିଲ୍ଲୀ ଡାକିଲେ



■ **ଭୁବନେଶ୍ୱର, ୨୦।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ପାଇଁ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବୁଧବାର ନବୀନ ପଟ୍ଟନାୟକଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୀର୍ଘ ସମୟ ବାର୍ତ୍ତାଳାପ କରିବା ସହ ତାଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଡାକ୍ତରଖାନାରୁ ବାହାରିବା ପରେ କିଛିଦିନ ବିଶ୍ରାମ ନେଇ ଦିଲ୍ଲୀ ଯିବା ନିମନ୍ତେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫୋନ୍ ଯୋଗେ ନବୀନଙ୍କୁ ନିମନ୍ତ୍ରଣ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ଶୁଭକାମନା ନିମନ୍ତେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ "ମୋର ସ୍ୱାସ୍ଥ୍ୟାବସ୍ଥା ପଚାରିବା ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଉଛି" ବୋଲି ନବୀନ କହିଛନ୍ତି।

**କଥାହୋଇ ଆଶୁ ଆରୋଗ୍ୟ କାମନା କଲେ ଖଡ଼୍‌ଗେ**

**ଭକ୍ତ, ପୃଥ୍ୱୀରାଜ ଓ ମୁକେଶଙ୍କୁ ଫୋନ୍ କରି ଧନ୍ୟବାଦ ଦେଲେ ନବୀନ**

ଗତ ଜୁନ ମାସରେ ମଧ୍ୟ ଯେତେବେଳେ ନବୀନ ନିଜର ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ କୋକିଲାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ଥିଲେ, ସେତେବେଳେ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ନବୀନଙ୍କ ଉତ୍ତମ ଯତ୍ନ ନେବାକୁ ସେତେବେଳେ ପରାମର୍ଶ ଦେଇଥିଲେ। ସେହିପରି ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ନବୀନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ▶ପୃଷ୍ଠା-୭

## ୨୪ରେ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୦।୮ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ବର୍ଷା ଜାରି ରହିଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ପ୍ରବଳ ବର୍ଷା କରାଇବା ପରେ ଏବେ ଓଡ଼ିଶାଠାରୁ ଦୂରକୁ ଯାଇଛି। ମାତ୍ର ମୌସୁମୀ ସକ୍ରିୟ ଥିବାରୁ ଏହା ପ୍ରଭାବରେ କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ଆଗକୁ ଅର୍ଥାତ ୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିଲେ ମଧ୍ୟ ପ୍ରାୟ ସେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି। ଏହି ସମୟରେ ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି। ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ଜାରି ରହିବ। ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାକୁ ସତର୍କତା ଜାରି ହୋଇଛି।

## ସିବିଆଇ ଜାଲରେ ଲାଞ୍ଚୁଆ ଅଫିସର

■ **ଭୁବନେଶ୍ୱର, ୨୦।୮ (ସମିସ):** ସିବିଆଇ ଜାଲରେ ପଡ଼ିଛନ୍ତି ଲାଞ୍ଚୁଆ ଅଫିସର। ଲାଞ୍ଚ ନେବା ବେଳେ ମାଡ଼ି ବସିଛି ସିବିଆଇ। ଲାଞ୍ଚୁଆ ଅଫିସର ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମସିଏଲ୍ କୋଇଲା ଖଣିର ରାମପୁର ସବ୍-ଏରିଆ ମ୍ୟାନେଜର ଅସିତ୍ କୁମାର। ଆଜି ସନ୍ଧ୍ୟାରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାବୁଡ଼ରେ ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର କୋଇଲା ଖଣିର ରାମପୁର ଅଞ୍ଚଳର ଜଣେ ବିସ୍ଥାପିତ ବକେୟା ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। ବକେୟା ଟଙ୍କା ପାଇବା ଲାଗି ଅସିତ୍ ତାଙ୍କୁ ଲାଞ୍ଚ ମାଗିଥିଲେ। ଶେଷରେ ୨୦ ହଜାର ଟଙ୍କାରେ କଥା ଛିଡ଼ି ଥିଲା। ଆଜି ସନ୍ଧ୍ୟାରେ ବିସ୍ଥାପିତଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭୁବନେଶ୍ୱର ସିବିଆଇର ଏକ ଟିମ୍ ତାଙ୍କୁ କାବୁ କରିଥିଲା। ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

## କୋଦଳା ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ **ଖଲ୍ଲିକୋଟ/କୋଦଳା, ୨୦।୮ (ସମିସ):** ଖଲ୍ଲିକୋଟ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆପଡ଼ା ସାନସାହିର ବି.ଲିଙ୍ଗରାଜ ପାତ୍ର (୬୦)। ଅଫିମ ଚାଲାଣ ମାମଲାରେ ଅବକାରୀ ବିଭାଗ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବୁଧବାର ପୂର୍ବାହ୍ନ ସାଢେ ଗୋଟାଏ ବେଳେ ଜେଲ୍ ଭିତରେ ହଠାତ୍ ଲିଙ୍ଗରାଜଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ତୁରନ୍ତ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱୀନି ପ୍ରଧାନଙ୍କ ନେତୃତ୍ୱରେ ଥାନା ▶ପୃଷ୍ଠା-୭

## 'ଅଗ୍ନି-୫'ର ସଫଳ ପରୀକ୍ଷଣ




■ **ବାଲେଶ୍ୱର, ୨୦।୮ (ସମିସ):** ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନା ବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ପକ୍ଷରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ ଅଗ୍ନି-୫ ସଫଳ ପରୀକ୍ଷଣ ହୋଇଯାଇଛି। ଧାମରାସ୍ଥିତ ଅବଦୁଲ କାଲାମ ଦୀପର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ କମ୍ପ୍ଲେକ୍ସରୁ ଏହି ପରୀକ୍ଷଣ ହୋଇଥିଲା। ତେବେ ଅଗ୍ନି-୫ ବାଲାଷ୍ଟିକ ମିସାଇଲର ଏହା ଥିଲା ୨୬ତମ ପରୀକ୍ଷଣ। ଅଗ୍ନୀ-୫ରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ। ଉତ୍‌କ୍ଷେପଣ ସ୍ଥାନ ଠାରୁ ଏହା ୫ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ। ଏହାର ଓଜନ ୫୬୦୦ କିଲୋଗ୍ରାମ ଥିବାବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି। ଅଗ୍ନୀ-୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ଦକ୍ଷତା ରହିଛି। ଅଗ୍ନୀ-୫ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ▶ପୃଷ୍ଠା-୭

# ନିଷିଦ୍ଧ ହେବ ଅନ୍‌ଲାଇନ୍ ଗେମ୍

### କଟକଣା ଲଂଘିଲେ ୩ ବର୍ଷ ଜେଲ, ୧ କୋଟି ଟଙ୍କା ଜରିମାନା

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ଦେଶରେ ଆର୍ଥିକ ଓ ମାନସିକ ଅସ୍ଥିରତା ସୃଷ୍ଟି କରୁଥିବା ଅନଲାଇନ୍ ମନି ଗେମ୍‌କୁ ନିଷିଦ୍ଧ କରାଯିବ। ଆଜି ଲୋକସଭାରେ ଏସଂକ୍ରାନ୍ତ ବିଲ୍ ଗୃହୀତ ହୋଇଛି। ଏଭଳି ଅନଲାଇନ ଗେମ୍ ଯୋଗୁଁ ପ୍ରତିବର୍ଷ ୪୫ କୋଟି ଲୋକ ଠକାମିର ଶିକାର ହେବା ସହିତ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି। ଅନଲାଇନ ଗେମ୍ ଯୋଗୁଁ ଟଙ୍କା ହେରଫେର ସହିତ ଆର୍ଥିକ ଜାଲିଆତି ବି ହେଉଛି ଏବଂ ଲୋକ ଏତେ ନିଶାସକ୍ତ ହୋଇଯାଉଛନ୍ତି ଯେ ସେମାନେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି। ଏହି ଗେମରୁ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳୁଥିଲେ ମଧ୍ୟ ଲୋକମାନଙ୍କ କଲ୍ୟାଣ ଦୃଷ୍ଟିରୁ ଏଭଳି କଟକଣା ଜରୁରି ବୋଲି ସରକାର କହିଛନ୍ତି।



**ପ୍ରତିବର୍ଷ ୪୫ କୋଟି ଲୋକ ହରାଉଛନ୍ତି ୨୦ ହଜାର କୋଟି**

ଅନ୍‌ଲାଇନ୍ ମନି ଗେମ୍ ହେଉଛି ଏପରି ଖେଳ ଯେଉଁଥିରେ କି ଲୋକମାନେ ବିପୁଳ ଅର୍ଥ ଓ ଅନ୍ୟ ସବୁିଧା ପାଇବା ଆଶାରେ ବିପୁଳ ଅର୍ଥ ଖଟାଉଛନ୍ତି। ଅନେକ ସଂସ୍ଥା ଏଭଳି ଏକାଧିକ ଗେମ୍ ବାହାର କରିଛନ୍ତି ଏବଂ ଏହାକୁ ଖେଳିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି। ସେମାନେ ଏଭଳି ବିଜ୍ଞାପନ ଦେଉଛନ୍ତି, ଯେଉଁଥିରେ କି ଫିଲ୍ମ ତାରକା ଓ କ୍ରୀଡ଼ାବିତମାନେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏଥିରେ ପ୍ରଭାବିତ ହୋଇ ଲୋକେ କୋଟି କୋଟି ଟଙ୍କା ଖଟାଉଛନ୍ତି। ତେବେ ଏହା ଏବେ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରିବା ଲାଗି ସରକାର ଆଇନ ପ୍ରଣୟନ କରିବାକୁ ବାଧ୍ୟ ହୋଇଛନ୍ତି।

ଲୋକସଭାରେ ଗୃହୀତ ବିଲ୍ ରାଜ୍ୟସଭାରେ ପାସ୍ ହୋଇଗଲେ ଏହା ଆଇନରେ ପରିଣତ ହୋଇଯିବ। ଏହାସହିତ ସବୁ ପ୍ରକାର ସଟ୍ଟା ଓ ଜୁଆ କାର୍ଯ୍ୟକଳାପ ନିଷିଦ୍ଧ ହୋଇଯିବ। ଫାନଟାସି ସ୍ପୋର୍ଟ୍ସ ▶ପୃଷ୍ଠା-୭

**ବିପର୍ଯ୍ୟୟ ମୁକାବିଲା**

# ନବୀନଙ୍କ ଦାବି ଦୋହରାଇଲେ ସୁରେଶ

### ୧୦୫୦୦ କୋଟିର ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ମିଳୁ ସହାୟତା



■ **ଭୁବନେଶ୍ୱର, ୨୦।୮ (ସମିସ):** ବିପର୍ଯ୍ୟୟ ମୁକାବିଲା ଓ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ୧୦ ହଜାର ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ମାଗିଛନ୍ତି ରାଜ୍ୟ ସରକାର। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଉପକୂଳର ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ସହାୟତା ଦେବାକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ରାଜସ୍ୱ ମନ୍ତ୍ରୀ ନିଜ ଚିଠିରେ ପ୍ରମୁଖ ୫ ଟି ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ୨ ବର୍ଷ ମଧ୍ୟରେ ୫୦୦ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି। ଏଥିପାଇଁ ସେ ୨୦୦୦ କୋଟି ଟଙ୍କା ଆବଶ୍ୟକ। ସେହିପରି ବର୍ତ୍ତମାନ ରହିଥିବା ପୂର୍ବ ସତର୍କ ସୂଚନା ଜାରି ବ୍ୟବସ୍ଥାର ଉନ୍ନତିକରଣ କରି ସାରା ରାଜ୍ୟରେ ଏହାର ବିସ୍ତାର ପାଇଁ ୨୦୦ କୋଟି ଟଙ୍କା ଦାବି କରିଛନ୍ତି। ସେହିପରି ଦୀର୍ଘଦିନ ହେଲା ରାଜ୍ୟ ଦାବି କରିଆସୁଥିବା ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ରାଜ୍ୟର ଆବଶ୍ୟକତାକୁ ରାଜସ୍ୱମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ପରିବହନ ଏବଂ ବଣ୍ଟନ ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ୮୩୬୩ କୋଟି ଟଙ୍କା ଆବଶ୍ୟକ। ସେହିପରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଉପକୂଳ କ୍ଷୟ ଘଟୁଥିବାରୁ ଏହାର ନିରାକରଣ ପାଇଁ ଉପକୂଳ ଜୀବିକା, ଇକୋସିଷ୍ଟମର ସୁରକ୍ଷା ଏବଂ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରଦାନ ସହ ଏହାର ବୈଜ୍ଞାନିକ ସର୍ଭେ ପାଇଁ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଇ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି। ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ସହ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥାର ସେ ସହଯୋଗ ଲୋଡ଼ିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଦାବି କେନ୍ଦ୍ର ▶ପୃଷ୍ଠା-୭

## ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ **କୋଟଗଡ଼/ବାଲିଗୁଡା, ୨୦।୮ (ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଲାସେରି ଗାଁ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦ ପ୍ରଧାନୀ। ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ପଢୁଥିବା କୋଟଗଡ଼ ଥାନା ଅନ୍ତର୍ଗତ ଗେଟାବାଲି ଗ୍ରାମର ୨ ଜଣ ଛାତ୍ର ଓ ସନ୍ଥ ଶ୍ରୀ ଆଶାରାମ ବାପୁ କଲେଜର ଜଣେ ଛାତ୍ର ଗୋଟିଏ ବାଇକ୍‌ରେ କଲେଜ ସାରି ଘରକୁ ଫେରୁଥିଲେ। ବିପରୀତ ଦିଗରୁ ବର୍ଣ୍ଣାପିପିଲି ଗ୍ରାମର ବ୍ୟବସାୟୀ ସନ୍ତୋଷ ସାହୁ ପ୍ରତିଦିନ ଭଳି କୋଟଗଡ଼ ବଜାର ଅଭିମୁଖେ ଆସୁଥିଲେ। ଏହି ▶ପୃଷ୍ଠା-୭

## ଆଜି ବାହୁଡ଼ିଥିଲେ

# ଜନତାର କବି ସଚ୍ଚିଦାନନ୍ଦ ରାଉତରାୟ



ଗାଁ ମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ। ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବେ ସେ ଥିଲେ ପରିଚିତ। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟକୁ ସଜ୍ଜିତ ନ କରି ସେ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଥିଲେ ଅସୁମାରି କାବ୍ୟ କବିତା। ସେ ସାହିତ୍ୟର ବିଭିନ୍ନ ଦିଗକୁ ପରୀକ୍ଷା ନିରୀକ୍ଷା କରି ଏଥିରେ ସଫଳ ହୋଇଥିଲେ। ତାଙ୍କ କବିତାରେ ବିପ୍ଳବାତ୍ମକ ପ୍ରଗତିବାଦୀ ଚିନ୍ତାଧାରା ସ୍ପଷ୍ଟ ପ୍ରତିଫଳିତ ହୋଇଥାଏ। କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ୍ୟ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସେ ଦେଇଥିଲେ ଏକ ନୂତନ ଉତ୍ତାପ। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ଲାଗି ସେ ଥିଲେ କାବ୍ୟ-ଗୁରୁ, ମାଟିର ଦ୍ରୋଣ। ଛୋଟ ମୋର ଗାଁ'ଟି ଗୀତଟି ପ୍ରଖ୍ୟାତ କବି ସଚ୍ଚି ରାଉତରାୟଙ୍କର ଏକ ଅନବଦ୍ୟ ଏବଂ ଅଭୁଲା ସୃଷ୍ଟି। ଦେଶବିଦେଶରେ ଥିବା ଓଡ଼ିଆଙ୍କ ପ୍ରାଣରେ ଆଜିବି ଏହା ବେଶ୍ ଆବେଗ ଆଣିଦିଏ। ସେହିଭଳି ପରାଧୀନ ଭାରତବର୍ଷରେ ଗରିବଙ୍କ ଦୁଃଖ ଦର୍ଶାଇଥିଲା ତାଙ୍କର ଚିର ସ୍ମରଣୀୟ କବିତା 'ରେଙ୍ଗୁନ ଯାତ୍ରୀ'। ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କ କଲମ ନିରବଚ୍ଛିନ୍ନ ଭାବେ ସକ୍ରିୟ ଥିଲା। ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତା ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଯାଇଥାଏ। ଓଡ଼ିଆ ସାହିତ୍ୟର ଏହି ପ୍ରବାଦ ପୁରୁଷ ୧୯୧୬ ମସିହା ମେ ୧୩ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଗୁରୁଜଙ୍ଗରେ ଜନ୍ମଗ୍ରହଣ କରିଥିଲେ। ଚାଟଶାଳୀରେ ପଢ଼ିବା ଦିନଠାରୁ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେ ଇଂରେଜ ସରକାରଙ୍କ ବିରୋଧରେ ଲଢ଼ି ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡ଼ିତ ହୋଇଥିଲେ। ସଚ୍ଚିଦାନନ୍ଦଙ୍କ କବି ଜୀବନ ୧୫ ବର୍ଷ ବୟସରୁ ଆରମ୍ଭ ହୋଇଥିଲା। ୧୯୨୮ ରେ 'ପଞ୍ଚାମୃତ' ପତ୍ରିକାରେ ପ୍ରକାଶିତ ହୋଇଥିଲା, ତାଙ୍କର ପ୍ରଥମ କବିତା। ସେ ଓଡ଼ିଆ ଓ ଇଂରାଜୀ ଭାଷାରେ ଶତାଧିକ କବିତା, କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ଆଦି ଲେଖିଯାଇଛନ୍ତି। 'କବିତା-୧୯୬୨' ଶୀର୍ଷକ କବିତା ସଂକଳନ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ୧୯୬୨ରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧିରେ ସମ୍ମାନିତ କରାଯାଇଥିଲା। ୧୯୮୬ରେ ତାଙ୍କୁ ଜ୍ଞାନପୀଠ ପୁରସ୍କାର ମିଳିଥିଲା। 'ପଲ୍ଲିଶ୍ରୀ' ଓ 'ବାଜିରାଉତ' କବିଙ୍କର ସ୍ମରଣୀୟ କୃତି। କବିଙ୍କର କ୍ଷୁଦ୍ରଗଳ୍ପ ମଧ୍ୟରେ 'ମଶାଣିର ଫୁଲ', 'ମାଟିର ତେଜ' 'ଛାଇ' ଆଦି ପ୍ରସିଦ୍ଧ। ତାଙ୍କର ଏକମାତ୍ର ଉପନ୍ୟାସ 'ଚିତ୍ରଗ୍ରୀବ'। ସଚ୍ଚି ରାଉତରାୟଙ୍କୁ 'ଜନତାର କବି' ମଧ୍ୟ କୁହାଯାଏ। ସେ ତାଙ୍କ କବିତାଗୁଡ଼ିକରେ ମାନବିକତାବୋଧକୁ ଗୁରୁତ୍ୱ ଦେଉଥିଲେ। ସ୍ୱାଧୀନତା ଆନ୍ଦୋଳନ ସମେତ ଗଡ଼ଜାତ ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗ ନେଇ ସେ ଅନେକବାର ଜେଲ୍ ଯାଇଥିଲେ। ବ୍ରିଟିଶ୍ ଶାସନ ସମୟରେ ତାଙ୍କର ଅନେକ କବିତାକୁ ନିଷିଦ୍ଧ କରାଯାଇଥିଲା। ଏହି ଯୋଗଜନ୍ମା କାବ୍ୟପୁରୁଷଙ୍କର ୨୦୦୪ ମସିହାରେ ଆଜିର ଦିନରେ ଦେହାବସାନ ହୋଇଥିଲା।

## ଆଜିର ଇତିହାସ

- ୧୯୧୫-ପ୍ରଥମ ବିଶ୍ୱଯୁଦ୍ଧରେ ଇଟାଲୀ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୯୭୨- ବନ୍ୟ ଜୀବ ସଂରକ୍ଷଣ ଆଇନ ସଂସଦରେ ପାରିତ ହେଲା।
- ୧୯୮୮- ଭାରତ-ନେପାଳ ସୀମାରେ ଆସିଥିବା ଭୂମିକମ୍ପରେ ପାଖାପାଖି ହଜାରେ ଲୋକଙ୍କ ପ୍ରାଣହାନି।
- ୧୯୯୧- ଲାଟଭିଆ ସୋଭିଏତ୍ ସଂଘରୁ ଅଲଗା ହେବାକୁ ଘୋଷଣା କଲା।
- ୧୯୯୭- ପୂର୍ବ ଚୀନ୍‌ରେ ଆସିଥିବା ଝଡ଼ବାତ୍ୟାରେ ୧୪୦ ଜଣଙ୍କ ମୃତ୍ୟୁ ଓ ୩ ହଜାର ଲୋକ ଆହତ।
- ୨୦୦୬- ପ୍ରଖ୍ୟାତ ସେହନାଇ ବାଦକ ଉସ୍ତାଦ ବିସ୍ମିଲ୍ଲା ଖାନ୍‌ଙ୍କ ପରଲୋକ।
- ୨୦୦୮ - 'ମୁନ୍ ମିଶନ୍'ରେ ଭାରତ 'ନାସା' ସହିତ ହାତ ମିଳାଇଲା।

# ଗୋରୁଗାଈଙ୍କ ପାଇଁ ସାପ୍ତାହିକ ଛୁଟି

ସରକାରୀ ଚାକିରି ହେଉ ବା ବେସରକାରୀ, ସବୁଠି କର୍ମଚାରୀମାନେ ସପ୍ତାହରେ ଗୋଟିଏ ଦିନ ଛୁଟି ନେଇଥାନ୍ତି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି କୃଷକମାନେ ଗୋରୁଗାଈଙ୍କୁ ଆରାମ ଦେବାକୁ ଯାଇ ସେମାନଙ୍କୁ ସପ୍ତାହକୁ ଗୋଟିଏ ଦିନ ଛୁଟି ଦେଇଥାନ୍ତି। ଝାରଖଣ୍ଡ, ଲାତେହାର ଜିଲ୍ଲାର ପାଖାପାଖି ୨୦ଟି ଗାଁରେ ବର୍ଷ ବର୍ଷ ଧରି ଏଭଳି ଏକ ନିଆରା ପରମ୍ପରା ପାଳନ ହୋଇଆସୁଛି। ଏଠାରେ ଗାଈ, ବଳଦ, ମଇଁଷି ଆଦିଙ୍କୁ ରବିବାର ଦିନ ଛୁଟି ଦିଆଯାଏ। ଏହି ପରମ୍ପରାକୁ ସବୁ ଧର୍ମର ଲୋକେ ପାଳନ କରନ୍ତି। ସେହିପରି ରବିବାର ଦିନ ଗାଈ, ମଇଁଷିଙ୍କଠାରୁ କ୍ଷୀର ମଧ୍ୟ ଦୁଆଁ ହୋଇ ନ ଥାଏ। ଏହି ଦିନ ଯେତେ ଜରୁରୀ କାର୍ଯ୍ୟ ଥିଲେ ବି କେହି ଗାଈ, କିମ୍ବା ବଳଦଙ୍କ ଦ୍ୱାରା କୌଣସି କାର୍ଯ୍ୟ କରନ୍ତାନି; ବରଂ ନିଜେ ସେ କାମ କରି ଦିଅନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ରାଜକୁମାରଙ୍କ କହିବା କଥା, 'ଶତାଧିକ ବର୍ଷ ଧରି ଏହି ପରମ୍ପରା ପାଳନ ହୋଇ ଆସୁଛି। ଲଗାତାର କାମ କରିବା ଦ୍ୱାରା ଗାଈ, ବଳଦ, ମଇଁଷି ଆଦି ରୋଗଗ୍ରସ୍ତ ହେବା ଆଶଙ୍କା ଥାଏ। ଗୋଟିଏ ଦିନ ବିଶ୍ରାମ ନେବା ଦ୍ୱାରା ସେମାନେ ସୁସ୍ଥ ଅନୁଭବ କରନ୍ତି। ତେବେ ଏଭଳି ପରମ୍ପରାର ଆରମ୍ଭ ଏକ ଦୁଃଖଦ ଘଟଣାରୁ ହୋଇଥିଲା। ପାଖାପାଖି ୧୦୦ ବର୍ଷ ପୂର୍ବରୁ ଜଣେ କୃଷକ ଜମିରେ ବଳଦ ଦ୍ୱାରା ହଳ କରୁଥିଲେ। ଏହି ସମୟରେ ବଳଦଟିଏ ବେହୋସ ହୋଇଗଲା। ପରେ ତାର ମୃତ୍ୟୁ ହୋଇ ଯାଇଥିଲା। ଏହି ଘଟଣା ସେତେବେଳେ ଗ୍ରାମବାସୀମାନଙ୍କୁ ବହୁତ ଦୁଃଖ ଦେଇଥିଲା। ଉକ୍ତ ଘଟଣା ପରେ ଗ୍ରାମବାସୀମାନେ ଗାଈ ମଇଁଷିମାନଙ୍କୁ ଗୋଟିଏ ଦିନ ଛୁଟି ଦେବା ପାଇଁ ଭାବିଥିଲେ। ସେବେଠାରୁ ଏହି ପରମ୍ପରା ଚାଲି ଆସୁଛି।' ରବିବାର ଦିନ ଗାଈ, ମଇଁଷିମାନଙ୍କୁ ଭଲ ଭାବେ ଗାଧୋଇ ଦିଆଯାଇ ସେମାନଙ୍କର ପୂଜାର୍ଚ୍ଚନା କରାଯାଏ। ସେମାନଙ୍କୁ ସ୍ୱାଦିଷ୍ଟ ଭୋଜନ ପରଷା ଯାଏ। ଏହାପରେ ସେମାନଙ୍କୁ ବୁଲିବା ପାଇଁ ଗୋଟିଏ ସ୍ଥାନରେ ନେଇ ଛାଡ଼ି ଦିଆଯାଏ।



# ୩୦ ବର୍ଷ ପରେ ଯଶରାଜ ଷ୍ଟୁଡିଓରେ ସନ୍ନି

ବଲିଉଡ୍‌ର ଆକ୍ସନ୍ କିଙ୍ଗ୍ ସନ୍ନି ଦେଓ୍ୱଲ ଏବେ 'ବର୍ଡର-୨' ଫିଲ୍ମକୁ ନେଇ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର ପୋଷ୍ଟର୍ ରିଲିଜ୍ ହୋଇଛି, ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ନିକଟରେ ସନ୍ନିଙ୍କୁ ଯଶରାଜ ଷ୍ଟୁଡିଓରେ ଦେଖାଯାଇଥିଲା। ତେବେ ୩୦ ବର୍ଷର ବିବାଦକୁ ଭୁଲି କ'ଣ ସନ୍ନି ଯଶରାଜ ବ୍ୟାନର୍‌ର ଫିଲ୍ମ ସାଇନ୍ କରୁଛନ୍ତି କି ବୋଲି ଚର୍ଚ୍ଚା ହେବାକୁ ଲାଗିଲା। କିନ୍ତୁ ଏହା ପଛର କାରଣ ଅଲଗା ରହିଛି। ସନ୍ନି ଗାୟକ ତଥା ମ୍ୟୁଜିକ୍ କମ୍ପୋଜର ମିଥୁନଙ୍କୁ ଦେଖା କରିବାକୁ ଯଶରାଜ ଷ୍ଟୁଡିଓ ଯାଇଥିଲେ। ସନ୍ନି ଏହା ପୂର୍ବରୁ ମିଥୁନ୍‌ଙ୍କୁ ତାଙ୍କ ଷ୍ଟୁଡିଓକୁ ଡାକି ଥିଲେ। ମିଥୁନ୍ ୮୦ ଜଣ ଗାୟକଙ୍କ ସହ ଏକ ରେକର୍ଡିଂରେ ବ୍ୟସ୍ତ ଥିବାରୁ ସେ ଯାଇ ପାରି ନ ଥିଲେ। ଏହାପରେ ସନ୍ନି ଯଶରାଜ ଷ୍ଟୁଡିଓରେ ପହଞ୍ଚି ଯାଇଥିଲେ। ମିଥୁନ ସନ୍ନିଙ୍କ ଫିଲ୍ମ 'ଗଦ୍ଦର-୨' ଓ 'ବର୍ଡର-୨' ପାଇଁ ଗୀତ ସଂଯୋଜନା କରିଛନ୍ତି। ଯାହା ସନ୍ନିଙ୍କ ହୃଦୟକୁ ଛୁଇଁ ଯାଇଛି। ତାଙ୍କର ଆଗାମୀ ଫିଲ୍ମ 'ଗବରୁ'ରେ ମଧ୍ୟ ମିଥୁନ ସଙ୍ଗୀତ ସଂଯୋଜନା କରନ୍ତୁ ବୋଲି ସନ୍ନି ଚାହୁଁଛନ୍ତି। ଖାସ୍ ଏଥିପାଇଁ ସନ୍ନି ୩୦ ବର୍ଷର ବିବାଦକୁ ଭୁଲି ଯଶରାଜ ଷ୍ଟୁଡିଓରେ ପହଞ୍ଚିଥିଲେ।

ଏଠାରେ ପ୍ରକାଶ ଥାଉ କି, ୩୦ ବର୍ଷ ପୂର୍ବରୁ ଯଶରାଜ ଷ୍ଟୁଡିଓ ଓ ସନ୍ନିଙ୍କ ମଧ୍ୟରେ 'ଡର୍' ଫିଲ୍ମକୁ ନେଇ ବିବାଦ ଦେଖାଦେଇଥିଲା। ଏଥିରେ ଶାହାରୁଖ୍ ଖାନ୍ ଓ ଜୁହି ଚାଓ୍ୱଲା ଲିଡ୍ ରୋଲରେ ନଜର ଆସିଥିଲେ। ସନ୍ନି ଦେଓ୍ୱଲ ଏହି ଫିଲ୍ମର ହିରୋ ଥିଲେ। ଏହି ଫିଲ୍ମରେ ଶାହାରୁଖ୍ ନେଗେଟିଭ ଚରିତ୍ରରେ ଅଭିନୟ କରି ସୁଦ୍ଧା ସ୍ପଟ୍‌ଲାଇଟ୍‌ରେ ରହିଥିଲେ। ଏହାକୁ ନେଇ ସନ୍ନି, ଯଶରାଜ ଫିଲ୍ମସ୍ ଓ ଯଶ୍ ଚୋପ୍ରାଙ୍କ ଉପରେ ରାଗି ଯାଇଥିଲେ। ଏହାପରେ ସନ୍ନି ଯଶରାଜ ଫିଲ୍ମସ୍ ସହ କୌଣସି ଫିଲ୍ମ ଦୀର୍ଘ ୩୦ ବର୍ଷ ହେଲା କରିନାହାନ୍ତି। ସେହିଭଳି ଏହି ଫିଲ୍ମକୁ ନେଇ ଶାହାରୁଖ୍ ଓ ସନ୍ନିଙ୍କ ମଧ୍ୟରେ ସେତେବେଳେ ବିବାଦ ଦେଖା ହୋଇଥିଲା। ପରେ ଆଉ ଦୁଇଜଣ କେବେ ବି କୌଣସି ଫିଲ୍ମରେ ଏକାଠି ଆସି ନଥିଲେ। ଅବଶ୍ୟ 'ଗଦ୍ଦର-୨' ଫିଲ୍ମର ସକ୍‌ସେସ୍ ପାର୍ଟିରେ ସନ୍ନି ଓ ଶାହାରୁଖ୍‌ଙ୍କୁ ଏକାଠି ଦେଖିବାକୁ ମିଳିଥିଲା।




# ଏଠାରେ ହନୁମାନଙ୍କ ପୂଜା ମନା

ରାମ ଭକ୍ତ ହନୁମାନଙ୍କୁ କଳିଯୁଗର ପ୍ରତ୍ୟକ୍ଷ ଦେବତା ବୋଲି କୁହାଯାଏ। ଭାରତର କୋଣ ଅନୁକୋଣରେ ହନୁମାନଙ୍କର ଅନେକ ମନ୍ଦିର ରହିଛି। ହେଲେ ଉତ୍ତରାଖଣ୍ଡର ଏକ ଗାଁରେ ହନୁମାନଙ୍କ ପୂଜା ତ ଦୂରର କଥା ତାଙ୍କ ନାମ ମଧ୍ୟ ଉଚ୍ଚାରଣ କରିବାକୁ ଗ୍ରାମବାସୀ ପସନ୍ଦ କରନ୍ତି ନାହିଁ। ଚମୋଲି ଜିଲ୍ଲାର ପାହାଡ଼ ମଝିରେ ଦ୍ରୋଣାଗିରି ନାଁରେ ଗାଁଟିଏ ଅଛି। ଦ୍ରୋଣାଗିରିରେ ଭଗବାନ ହନୁମାନଙ୍କୁ ପୂଜା କରାଯାଏ ନାହିଁ। ଏପରିକି ଗାଁରେ ହନୁମାନ ମନ୍ଦିର ମଧ୍ୟ ନାହିଁ। କୁହାଯାଏ ଯେ, ଏହି ଗାଁର ଲୋକମାନେ ହନୁମାନଙ୍କ ଉପରେ ଏବେ ବି ରାଗିଛନ୍ତି। ତେବେ ଗ୍ରାମବାସୀ ବଜରଙ୍ଗବାଲୀଙ୍କୁ ପୂଜା ନ କରିବା ପଛରେ ଏକ ପୌରାଣିକ କାହାଣୀ ଥିବା କୁହାଯାଏ। ଲକ୍ଷ୍ମଣଙ୍କ ପାଇଁ ସଞ୍ଜୀବନୀ ବୁଟି ନେବା ପାଇଁ ହନୁମାନ ଯେଉଁ ପର୍ବତ ଉଠାଇ ନେଇଥିଲେ, ତାହା ଏହି ଗ୍ରାମରେ ଅବସ୍ଥିତ ଥିଲା ବୋଲି କୁହାଯାଏ। ଏହି ପର୍ବତକୁ ଦ୍ରୋଣାଗିରି ଗ୍ରାମର ଲୋକ ପୂଜାର୍ଚ୍ଚନା କରୁଥିଲେ। ଦ୍ରୋଣାଗିରି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଯେତେବେଳେ ହନୁମାନ ସଞ୍ଜୀବନୀ ବୁଟି ସଂଗ୍ରହ କରିବାକୁ ଆସିଥିଲେ, ସେତେବେଳେ ପର୍ବତା ଦେବତା ଧ୍ୟାନରେ ଥିଲେ। ସଞ୍ଜୀବନୀ ନେବା ସମୟରେ ହନୁମାନ ପର୍ବତ ଦେବତାଙ୍କ ଠାରୁ ଅନୁମତି ନେଇ ନ ଥିଲେ କିମ୍ବା ତାଙ୍କର ଧ୍ୟାନ ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ନଥିଲେ। ସଞ୍ଜୀବନୀ ବୁଟି ପାଇଁ ହନୁମାନ ପର୍ବତକୁ ଉଠାଇ ନେଇଥିଲେ। ଯାହା ପରେ ଆଜି ପର୍ଯ୍ୟନ୍ତ ଏଠାକାର ଲୋକ ହନୁମାନଙ୍କ ଉପରେ ରାଗିଛନ୍ତି। ଗ୍ରାମବାସୀ ବିଶ୍ୱାସ କରନ୍ତି ଯେ, ହନୁମାନ ପର୍ବତ ଦେବତାଙ୍କ ସାଧନା ଭଙ୍ଗ କରିଥିଲେ। କେବଳ ସେତିକି ନୁହେଁ, ଦ୍ରୋଣାଗିରି ପର୍ବତ ନେବାବେଳେ ହନୁମାନ ମଧ୍ୟ ପର୍ବତ୍ୟ ଦେବତାଙ୍କ ଡାହାଣ ବାହୁକୁ ଉପାଡ଼ି ଦେଇଥିଲେ। ବିଶ୍ୱାସ କରାଯାଏ ଯେ, ଆଜି ମଧ୍ୟ ଏହି ପର୍ବତରୁ ଲାଲ ରଙ୍ଗର ରକ୍ତ ପ୍ରବାହିତ ହେଉଛି। ଏହି କାରଣରୁ ଦ୍ରୋଣାଗିରି ଗ୍ରାମର ଲୋକେ ହନୁମାନଙ୍କୁ ପୂଜା କରନ୍ତି ନାହିଁ।



## ଅଜବ ଗଜବ



# ବୟସ୍କ ବ୍ୟବହାର କରୁଛନ୍ତି ପାସିଫାୟାର୍

ସାଧାରଣତଃ ଛୋଟ ପିଲାଙ୍କୁ ଶାନ୍ତ କରିବା, ଶୁଆଇବା ଉଦ୍ଦେଶ୍ୟରେ ମୁହଁରେ ପାସିଫାୟାର୍ କ୍ଲିପ୍ ଲଗାଯାଏ। ପିଲାଟି ବଡ଼ ହେବା ପରେ ଧୀରେ ଧୀରେ ଏହି ଅଭ୍ୟାସ ଛାଡ଼ିଯାଏ। ଏବେ ଚୀନ୍‌ରେ ଏକ ନିଆରା ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏଠାରେ ବୟସ୍କ ଲୋକେ ମଧ୍ୟ କୁନି କୁନି ପିଲାଙ୍କ ଭଳି ପାସିଫାୟାର୍ ବ୍ୟବହାର କରୁଥିବା ଦେଖାଯାଇଛି। ଏହି ଉତ୍ପାଦ ବ୍ୟବହାର କରିବା ଦ୍ୱାରା, ଚିନ୍ତା ଦୂର ହେବା ସହ ଭଲ ନିଦ ହୋଇଥାଏ ବୋଲି ବୟସ୍କ ଲୋକେ କହୁଛନ୍ତି। ସେହିଭଳି ଏହାର ଚାହିଦା ମଧ୍ୟ ଏଠାରେ ବଢ଼ିବାରେ ଲାଗିଛି। ଏକ ଅନ୍‌ଲାଇନ୍ ବିକ୍ରେତାଙ୍କ କହିବାନୁଯାୟୀ, ସେ ମାସରେ ପାଖାପାଖି ୨୦୦୦ ବୟସ୍କ ପାସିଫାୟାର୍ ବିକ୍ରି କରୁଛନ୍ତି। ତେବେ ବୟସ୍କ ପାଇଁ ଉଦ୍ଦିଷ୍ଟ ପାସିଫାୟାରଗୁଡ଼ିକ ପିଲାଙ୍କଠାରୁ ଅପେକ୍ଷାକୃତ ବଡ଼ ହୋଇଥାଏ। ଏହାର ଦାମ୍ ୧୨୧ ଟଙ୍କାରୁ ୬୦୭୦ ଟଙ୍କା ମଧ୍ୟରେ ହୋଇଥାଏ। ଭିନ୍ନ ଭିନ୍ନ ରଙ୍ଗରେ ମଧ୍ୟ ଏଗୁଡ଼ିକ ଉପଲବ୍ଧ ହେଉଛି। ଏହା ଚିନ୍ତା ହ୍ରାସ କରିବା ସହ ଧୂମପାନ ଛାଡ଼ିବାରେ ସହାୟକ ହେବ ବୋଲି କହି ବିକ୍ରେତାମାନେ ବିକ୍ରି କରୁଛନ୍ତି। ସେହିପରି ଏହା ଠିକ୍‌ସେ ଶ୍ୱାସକ୍ରିୟା କରିବାରେ ମଧ୍ୟ ସହାୟକ ହୋଇପାରିଛି। ଚୀନ୍‌ର ବୟସ୍କ ଲୋକମାନଙ୍କର ଏପରି ଅଭ୍ୟାସ ଦେଖି ସାମାଜିକ ଗଣମାଧ୍ୟମରେ ଲୋକେ ଖୁବ୍ ସମାଲୋଚନା କରୁଛନ୍ତି। ଇତିମଧ୍ୟରେ କିଛି ସ୍ୱାସ୍ଥ୍ୟ ବିଶେଷଜ୍ଞ ଏହାକୁ ନେଇ ଲୋକଙ୍କୁ ସଚେତନ ମଧ୍ୟ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଦୀର୍ଘ ସମୟ ଧରି ଏଭଳି ପାସିଫାୟାର ବ୍ୟବହାର କରିବା ଦ୍ୱାରା ମୁହଁର ଆକାର ସଙ୍କୁଚିତ ହୋଇଯାଏ। ସେହିଭଳି ଦୈନିକ ତିନି ଘଣ୍ଟାରୁ ଅଧିକ ସମୟ ପାସିଫାୟାର ବ୍ୟବହାର କରିବା ଦ୍ୱାରା ବର୍ଷେ ପରେ ଦାନ୍ତର ଆକାର ମଧ୍ୟ ପରିବର୍ତ୍ତନ ହେବାର ଆଶଙ୍କା ଥାଏ।

## ବିରଳ ବନ୍ଧୁତ୍ୱ

# ଏକାଠି ରହୁଛନ୍ତି ଚାରିପିଢ଼ି

ଆଧୁନିକ ଜୀବନଶୈଳୀରେ ବନ୍ଧୁତାର ପରିଭାଷା ବଦଳି ଯାଇଥିଲେ ମଧ୍ୟ ଏହାର ମହତ୍ତ୍ୱ ଆଜି ବି ଅତୁଟ ରହିଛି। ଏହାର ଏକ ଜ୍ୱଳନ୍ତ ଗୁଜରାଟର ସୁରଟ ସହରରେ ଦେଖିବାକୁ ମିଳିଛି। ଦୁଇ ବନ୍ଧୁଙ୍କ ପରିବାର ଗୋଟିଏ ଛାତତଳେ ଦୀର୍ଘ ୮୦ ବର୍ଷ ଏକାଠି ବିତାଇ ପ୍ରକୃତ ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଏହି ବନ୍ଧୁତା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଥିଲା, ଆଜିବି ଏହି ଦୁଇ ପରିବାରର ଚତୁର୍ଥ ପିଢ଼ି ଏହାକୁ ଯୋଡ଼ି ରଖିଛନ୍ତି। ୧୯୪୦ ମସିହାରେ ସୁରଟର ସାଗରମପୁରା ଅଞ୍ଚଳରେ ରହୁଥିଲେ ଗୁଣବନ୍ତ ଦେଶାଇ ଏବଂ ବିପିନ ଦେଶାଇ। ସ୍କୁଲରେ ପଢୁଥିବା ସମୟରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଆରମ୍ଭ ହୋଇଥିଲା। ଉଭୟ ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରି ଜେଲ ମଧ୍ୟ ଯାଇଥିଲେ। ପୁଣେର ଏକ କୃଷି ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ା ସାରି ଉଭୟ ସୁରଟ ଆସି ଏକାଠି କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟ ଆରମ୍ଭ କଲେ। ଯେତେ ବାଧାବିଘ୍ନ ଆସିଲେ ବି ଉଭୟଙ୍କ ମନରେ କେବେ ବି ଅଲଗା ହେବା ଚିନ୍ତାଧାରା ଆସି ନ ଥିଲା। ତେବେ ଉଭୟଙ୍କ ପରିବାର ବଢ଼ିବାରୁ ସେମାନେ ଏକ ବଡ଼ ଘରେ ରହିବା ପାଇଁ ସ୍ଥିର କରିଥିଲେ। ଏହାପରେ ଦୁହେଁ ମିଶି 'ମୈତ୍ରୀ' ନାମକ ଡୁପ୍ଲେକ୍ସ ଘର ନିର୍ମାଣ କରିଥିଲେ। ଏଥିରେ ଅଲଗା ଅଲଗା ରୋଷେଇଘର, ଶୟନ କକ୍ଷ ଥିଲା। ହେଲେ ଉଭୟଙ୍କର ଗୋଟିଏ ଡ୍ରଇଂରୁମ୍ ଥିଲା। ଏଇଠି ହିଁ ଦୁଇପରିବାର ସଦସ୍ୟ ଏକତ୍ରିତ ହୋଇ ମିଳିମିଶି ସମୟ ଅତିବାହିତ କରନ୍ତି। ବିପିନଙ୍କ ପୁଅ ଗୌତମ ଦେଶାଇ (୭୦) କୁହନ୍ତି, ଆମ ବାପା ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ସମ୍ପର୍କ ଏତେ ମଜଭୁତ ଥିଲା ଯେ, ଲୋକେ ତାଙ୍କୁ ଭାଇ-ଭାଇ ବୋଲି ଭାବନ୍ତି। ତେବେ ବିପିନ ଓ ଗୁଣବନ୍ତଙ୍କ ଏହି ବନ୍ଧୁତାକୁ ତାଙ୍କ ଅଣନାତି ନାତୁଣୀମାନେ ଏବେ ବି ଅତୁଟ ରଖିଛନ୍ତି। କେବଳ ସେତିକି ନୁହେଁ, ଏହି ଦୁଇ ପରିବାର ମିଳିତ ଭାବେ 'ମୈତ୍ରୀ ଟ୍ରଷ୍ଟ' ସଞ୍ଚାଳନ କରୁଛନ୍ତି। ଗୁଣବନ୍ତ ଏବଂ ବିପିନ ୧୯୯୦ ମସିହାରେ ଗାନ୍ଧୀବାଦୀ ଆଦର୍ଶକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସ୍ଥାପନା କରିଥିଲେ। ବିପିନ୍ ୨୦୧୨ ମସିହାରେ ୮୭ ବର୍ଷ ବୟସରେ ଦୁନିଆରୁ ବିଦାୟ ନେଇଥିବାବେଳେ ଗୁଣବନ୍ତଙ୍କର ୨୦୧୩ ମସିହାରେ ୮୮ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ଉଭୟ ବନ୍ଧୁ ମୃତ୍ୟୁ ପୂର୍ବରୁ ଚିକିତ୍ସା ଗବେଷଣା ପାଇଁ ସେମାନଙ୍କ ଶରୀରକୁ ଦାନ କରିବାକୁ ଏକାଠି ପ୍ରତିଜ୍ଞା କରିଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

ସମ୍ବଲପୁର,୨୦।୮ (ସମିସ): ବିଶିଷ୍ଟ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଆଜି ପୂର୍ବାହ୍ଣରେ ପରଲୋକ ହୋଇଯାଇଛି। ମତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ିତ ଥିଲେ। ଗତ କିଛିଦିନ ହେବ ଅସୁସ୍ଥ ଥିବାବେଳେ ସେନପାର୍କ ନିକଟସ୍ଥ ତାଙ୍କ ବାସଭବନରେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପରିବାରଲୋକେ ନେଇଥିଲେ। ସେଠାରେ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ଶ୍ରୀ ପଶାୟତଙ୍କ ଦେହାନ୍ତ ହୋଇଥିଲା। ଏହି ଖବର ପ୍ରସାରିତ ହେବାପରେ ସମ୍ବଲପୁର ତଥା ସମଗ୍ର ପଶ୍ଚିମାଞ୍ଚଳରେ ଶୋକର ଲହରୀ ଖେଳିଯାଇଛି। ଆଜି ଅପରାହ୍ଣରେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବଲପୁର ପୋଲିସ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ପୁଅ ବିଶ୍ୱଜିତ ପଶାୟତ ମୁଖାଗ୍ନି ଦେଇଥିଲେ। ତାଙ୍କ ପଛରେ ପୁଅ ବିଶ୍ୱଜିତ, ପୁତ୍ରବଧୂ ସଦ୍ୟାରାଣୀ ଓ ମୋହିନୀ, ଝିଅ ସଙ୍ଗୀତା ଓ ଆରତୀ, ଜ୍ୱାଇଁ ଏବଂ ନାତିନାତୁଣୀ ଅଛନ୍ତି। ୨୦୨୪ ମସିହା ଜାନୁଆରୀ ୨୫ ତାରିଖ ବିଶିଷ୍ଟ ସମ୍ବଲପୁରୀ ଗୀତିକାର ଓ ନାଟ୍ୟକାର ବିନୋଦ କୁମାର ପଶାୟତଙ୍କ ସହ ଓଡ଼ିଶାରୁ ବିନୋଦ ମହାରଣା, ଭାଗବତ ପ୍ରଧାନ ଓ ଗୋପୀନାଥ ସ୍ୱାଇଁଙ୍କୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ସେହିବର୍ଷ ଏପ୍ରିଲ ୨୪ ତାରିଖ ଶ୍ରୀ ପଶାୟତଙ୍କୁ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ।



୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗିରରେ ଜନ୍ମିତ ଶ୍ରୀ ପଶାୟତ ୧୯ ବର୍ଷ ବୟସରେ ସମ୍ବଲପୁରକୁ ଚାଲି ଆସିଥିଲେ। ସମ୍ବଲପୁର ସହର ତାଙ୍କ କର୍ମଭୂମି ସହିତ ସାହିତ୍ୟ ସାଧନାର ପୀଠ ସାଜିଥିଲା। ଜୀବିକା ନିର୍ବାହ ପାଇଁ କୌଳିକ ବୃତ୍ତି ସହ ସେ ସାହିତ୍ୟ ସାଧନା ଜାରି ରଖିଥିଲେ। ୧୯୫୯ ମସିହାରୁ ସେ ଆକାଶବାଣୀର ମାନ୍ୟତାପ୍ରାପ୍ତ ସମ୍ବଲପୁରୀ ଗୀତିକାର ରହିଛନ୍ତି। ଗୀତିକାର ଶ୍ରୀ ପଶାୟତ 'ଲିଟି ଉଡ଼େ ପୁରୁପୁରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି', ଏ ନନି ସୁଲୋଚନା' ସମେତ ଶତାଧିକ ସମ୍ବଲପୁରୀ ଗୀତର ସ୍ରଷ୍ଟା ତଥା "ଉଖୀ', 'ମୁଇଁ ନାଇଁ ମରେ', "ଅଲାର' ଭଳି ବହୁ ସଫଳ ନାଟକର ସଫଳ ନାଟ୍ୟକାର ଭାବେ ଜଣାଶୁଣା। ଗୀତ ଓ ନାଟକ ସହ ରାମ ରାଏଜର୍ କଥା, ତୁଟ୍‌କୁରୁଟା ଭଳି କେତେକ ଉପନ୍ୟାସ ମଧ୍ୟ ଶ୍ରୀ ପଶାୟତଙ୍କ ସୃଷ୍ଟି ସମ୍ଭାରକୁ ଋଦ୍ଧିମନ୍ତ କରିଛି। ଶ୍ରୀ ପଶାୟତ ବହୁ ରାଜ୍ୟ ତଥା ଜାତୀୟସ୍ତରର ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି।

ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ରାଜ୍ୟପାଳ ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ରୋହିତ ପୂଜାରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

---

**ପୋଲାଭରମ୍ ପ୍ରକଳ୍ପ ବିବାଦ**

**କେନ୍ଦ୍ରୀୟ ଜଳ ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟିଲା ବିଜେଡି ପ୍ରତିନିଧିମଣ୍ଡଳୀ**

## ଦାବି ବିଚାର ନ ହେବା ଯାଏ ଜାରିହେଉ କାର୍ଯ୍ୟବନ୍ଦ ଆଦେଶ

ଭୁବନେଶ୍ୱର,୨୦।୮ (ସମିସ): ଆନ୍ଧ୍ର ପ୍ରଦେଶରେ ପୋଲାଭରମ୍ ପ୍ରକଳ୍ପ ଓଡିଶା ପାଇଁ ବିପଦ ଆଣିବ। ଏକତରଫା ଭାବେ ପ୍ରକଳ୍ପ କ୍ଷମତା ବୃଦ୍ଧି କରାଯାଇଛି। ଓଡ଼ିଶାର ମାଲକାନଗିରି ଜିଲ୍ଲାର କେତେ ଅଞ୍ଚଳ ଜଳାର୍ଣ୍ଣବ ହେବ ତାହାର ଆକଳନ ମଧ୍ୟ କରାଯାଇ ନାହିଁ। ଅପରପକ୍ଷେ କେନ୍ଦ୍ର ସରକାର ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପ୍ରସଙ୍ଗରେ ବୁଧବାର କେନ୍ଦ୍ରୀୟ ଜଳ ଆୟୋଗ ଓ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍.ପାଟିଲଙ୍କୁ ଭେଟି ଉଦବେଗ ଜଣାଇଛି ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ। ଆୟୋଗ ଓ ଜଳଶକ୍ତି ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ସହ ପ୍ରତିନିଧି ମଣ୍ଡଳୀ ୧୦ ସୂତ୍ରୀ ଦାବି ପତ୍ର ମଧ୍ୟ ପ୍ରଦାନ କରିଛି। ପ୍ରକଳ୍ପ କାରଣରୁ ଓଡ଼ିଶାର ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ ହେବ। ତେଣୁ ସ୍ଥାନୀ ଅଞ୍ଚଳର ଆଦିବାସୀ ତଥା ଦୁର୍ବଳ ବର୍ଗଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ତୁରନ୍ତ ଏବଂ ପ୍ରତିକାରମୂଳକ ପଦକ୍ଷେପ ଦାବି କରିଛି ବିଜେଡି।

ପ୍ରତିନିଧି ମଣ୍ଡଳୀର ଯୁକ୍ତି ଅନୁଯାୟୀ ଗତ ଡିସେମ୍ବର ୫ ତାରିଖରେ ବିଜେଡିର ଏକ ଦଳ ସିଡବ୍ଲ୍ୟୁସିଙ୍କୁ ଭେଟି ଏସଂକ୍ରାନ୍ତରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ମାତ୍ର ଏଯାବତ୍ ଆୟୋଗଙ୍କ ପକ୍ଷରୁ ଏହାକୁ ବିଚାରକୁ ନିଆଗଲା ନାହିଁ। ସୁପ୍ରିମକୋର୍ଟ ୨୦୨୨ ମସିହା ସେପ୍ଟେମ୍ବର ୬ ତାରିଖରେ ନିଜ ରାୟରେ ନର୍ଦ୍ଦିଷ୍ଟ ଭାବେ କହିଥିଲେ ଯେ ପ୍ରକଳ୍ପ ସମ୍ବନ୍ଧୀୟ କେତେକ ବୈଷୟିକ ରିପୋର୍ଟ ଆମ ପାଖରେ ଉପଲବ୍ଧ ଅଛି। ପ୍ରକଳ୍ପର ସମ୍ପ୍ରସାରଣ ଆଧାରରେ ଆଉ କିଛି ରିପୋର୍ଟର ଆବଶ୍ୟକତା ପଡ଼ିପାରେ। ସେହିପରି ପ୍ରକଳ୍ପକୁ ନେଇ ଥିବା ପରୀବେଶ ମଞ୍ଜୁରୀ ଜନିତ ପ୍ରସଙ୍ଗ ଉପରେ ମଧ୍ୟ ଧ୍ୟାନ ଦେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଥିଲେ। ଅତଏବ ଆୟୋଗ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ଡକାଇ ଏକ ବୈଠକ କରିବାର ଆବଶ୍ୟକତା ରହିଛି ବୋଲି ପ୍ରତିନିଧି ଦଳ ଦାବି କରିଛି। ପ୍ରକଳ୍ପର ପଛୁଆ ପାଣି ଯୋଗୁଁ ଏହା



ମାଲକାନଗିରି ଜିଲ୍ଲା ଉପରେ କଣ ପ୍ରଭାବ ପକାଇବ ସେନେଇ ବିଶେଷ ରୂପେ ଅଧ୍ୟୟନ କରିବାକୁ ସିଡବ୍ଲ୍ୟୁସି ଆଶ୍ୱାସନା ଦେଇଥିଲେ ହେଁ କୌଣସି ସକ୍ରିୟ ପଦକ୍ଷେପ କରିନାହିଁ। ପ୍ରକଳ୍ପର ତ୍ୱରିତ୍ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ସରକାର ନିକଟରେ ୧୭ ୯୩୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯାହା ଓଡ଼ିଶାର ଚିନ୍ତାକୁ ବୃଦ୍ଧି କରିଛି। ଏହା ଆମର ସ୍ଥାନୀୟ ଲୋକଙ୍କ ଜମି, ଜୀବିକା ଓ ସୁରକ୍ଷାକୁ ପ୍ରଭାବିତ କରୁଛି, ଯେଉଁମାନଙ୍କ ମଧ୍ୟରେ ଅଧିକାଂଶ

**■ ମାଲକାନଗିରି ଜିଲ୍ଲାର ବୃହତ୍ ଅଞ୍ଚଳ ଜଳମଗ୍ନ କରିବ ପୋଲାଭରମ୍**
**■ ୧୦ଦାବି ରଖିଲେ ପ୍ରତିନିଧି ମଣ୍ଡଳୀ, ଆକଳନ ହେଉ ପଛୁଆ ଜଳର ପ୍ରଭାବ**

ଆଦିବାସୀ ଅଟନ୍ତି। ଏହି ପ୍ରକଳ୍ପ ଗୋଦାବରୀ ଜଳ ବିବାଦ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅନୁଯାୟୀ ପରିକଳ୍ପନା କରାଯାଇଥିଲା। ଯାହା ଆନ୍ଧ୍ର ପ୍ରଦେଶ, ଓଡ଼ିଶା ଏବଂ ମଧ୍ୟ ପ୍ରଦେଶ ମଧ୍ୟରେ ଚୁକ୍ତିନାମାକୁ ରୂପରେଖ ଦେଇଥିଲା। ତେବେ ପ୍ରକଳ୍ପର ମୂଳ ଡିଜାଇନରେ ଅନେକ ପରିବର୍ତ୍ତନ ଅଣାଯାଇ ଏକତରଫା ଭାବେ ଏହାର କ୍ଷମତାକୁ ୩୬ ଲକ୍ଷ କ୍ୟୁସେକରୁ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରି ଦିଆଯାଇଛି। ଉପରମୁଣ୍ଡରେ ଥିବା ରାଜ୍ୟ ଯଥା ଓଡ଼ିଶା ଏବଂ ଛତିଶଗଡ଼ ଉପରେ ପଛୁଆ ଜଳର ପ୍ରଭାବ କଣ ରହିବ,. ତାହା ବିଚାରକୁ ନିଆନଯାଇ ଡିଜାଇନରେ ଏପରି ପରିବର୍ତ୍ତନ ଅଣାଯାଇଚି ବୋଲି ଅଭିଯୋଗ କରିଛି ପ୍ରତିନିଧି ମଣ୍ଡଳୀ।

ଏହି ସମସ୍ୟାର ସମାଧାନ ପାଇଁ ବିଜେଡି ପକ୍ଷରୁ ଉଭୟକେନ୍ଦ୍ର ଜଳଶକ୍ତିମନ୍ତ୍ରୀ ଓ ଜଳଆୟୋଗଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରାଯାଇଛି। ସୁପ୍ରିମକୋର୍ଟ ୨୦୨୨ ମସିହାରେ ଦେଇଥିବା ଦୁଇଟି ରାୟକୁ ଦୃଷ୍ଟିରେ ରଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ଏବଂ ଆୟୋଗ ତୁରନ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ନେଇ ଆଲୋଚନା କରନ୍ତୁ। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା ସଂପୃକ୍ତ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନେଇ ପରାମର୍ଶ ପ୍ରକ୍ରିୟା ଆରମ୍ଭ କରାଯାଉ। ଓଡ଼ିଶାର ଦାବି ପୂରଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି ହେଉ। ସେହିପରି ଓଡ଼ିଶା ଦ୍ୱାରା ଉଠାଯାଇଥିବା ଦାବି ବିଚାର କରା ନ ଯିବା ପର୍ଯ୍ୟନ୍ତ ପ୍ରକଳ୍ପର ମୂଳ ଡିଜାଇନ ପରିବର୍ତ୍ତନ ନ ହେବା ନେଇ ଆୟୋଗ ନିଶ୍ଚିତ କରନ୍ତୁ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏହାସହ ପ୍ରକଳ୍ପ ଯୋଗୁଁ ପଛୁଆ ଜଳର ପ୍ରଭାବ ସମ୍ପର୍କରେ ଅଧ୍ୟୟନ ସହ ମାଲକାନଗିରି ଜିଲ୍ଲାର ଜଳମଗ୍ନ ହେବାକୁ ଥିବା ଅଞ୍ଚଳର ସବିଶେଷ ଅଧ୍ୟୟନ କରାଯାଉ। ଅଧ୍ୟୟନ ବେଳେ ଆଇଆଇଟି ରୁର୍କୀ ଦ୍ୱାରା କରାଯାଇଥିବା ସର୍ଭେକୁ ମଧ୍ୟ ବିଚାରକୁ ନିଆଯାଉ।

ଯାହାଦ୍ୱାରା ସେଠାକାର ଜନଜାତିଙ୍କ ଜୀବନ, ଜୀବିକାର ସୁରକ୍ଷା କରାଯାଇପାରିବ। ସେହିପରି ଓଡ଼ିଶା ସରକାରଙ୍କ ସହ ଆଲୋଚନା କରାଯାଇ ସ୍ଥାନୀୟ ଅଞ୍ଚଳରେ ପୁନଃର୍ବାସ ଏବଂ ଥଇଥାନ ନୀତି କାର୍ଯ୍ୟକାରୀ କରିବାକୁ ଦାବି କରିଛି ପ୍ରତିନିଧି ମଣ୍ଡଳୀ। ଏତଦ୍‌ବ୍ୟତୀତ ଜଳମଗ୍ନସ୍ତରର ପୁନଃମୂଲ୍ୟାୟନ କରି ସେହି ଅନୁଯାୟୀ ପୋଲାଭରମ ପ୍ରକଳ୍ପକୁ ସଂଶୋଧନ କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ମୁଜିବୁଲ୍ଲା ଖାନ, ସୁଭାଶିଷ ଖୁଣ୍ଟିଆ, ନିରଞ୍ଜନ ବିଶିଙ୍କ ସହ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ରମେଶ ଚନ୍ଦ୍ର ମାଝୀ, ମାନସ ମାଡକାମୀ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

---

## ଦେଶର ୩ ସ୍ଥାନରେ ନିର୍ମାଣ ହେବ ଓଡ଼ିଶା ଭବନ

ଭୁବନେଶ୍ୱର,୨୦।୮ (ସମିସ): ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବୁଧବାର ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମୀକ୍ଷା

**■ ଅଯୋଧ୍ୟା, ହାଇଦରାବାଦ ଓ ସୁରଟରେ ହେବ ଓଡ଼ିଶା ଭବନ**
**■ ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା**

ବେଳେ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ନିଜେ ମୁଖ୍ୟମନ୍ତ୍ରୀ ଏନେଇ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଯାଉଥିବାରୁ ଏବଂ ହାଇଦରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ନୂଆଦିଲ୍ଲୀର ଚାଣକ୍ୟପୁରୀରେ ବର୍ତ୍ତମାନ ଓଡ଼ିଶା ଭବନରୁ ପୁନଃନିର୍ମାଣ କରାଯାଉଛି। ଏହି ନୂଆ



ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଛନ୍ତି। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରୁ ଜଣାଯାଇଛି ଯେ ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି ଏ+୬ ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କର୍କଟ ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି। ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

---

**ନବୀନଙ୍କ ବିରୋଧରେ ଅପମାନଜନକ, ଅଶାଳୀନ, ମିଥ୍ୟା ଭିଡିଓ ପ୍ରସାରଣ**

## ଡିଜିଙ୍କୁ ଚିଠି ଲେଖିଲେ ଅମର

ଭୁବନେଶ୍ୱର,୨୦।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବିରୋଧରେ ଘୃଣ୍ୟ, ମିଥ୍ୟା, ଅପମାନଜନକ ତଥା ମନଗଢ଼ା ଭିଡିଓ ପ୍ରସାରଣ ବିରୋଧରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି ଖୁରାନିଆଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିଜେଡି ଆଇଟି ଓ ସୋସିଆଲ ମିଡିଆ ସେଲ ଆବାହକ ଡ. ଅମର ପଟ୍ଟନାୟକ। ଏନେଇ ସେ ଡିଜିଙ୍କୁ ଚିଠି ଲେଖି ଦୁଇଟି ଭିଡିଓ ସମ୍ପର୍କରେ ବିଶଦ ତଥ୍ୟ ପ୍ରଦାନ ସହ ଦୋଷୀଙ୍କୁ ଚିହ୍ନଟ ସହ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଲେଖିଥିବା ଚିଠିରେ ଡ. ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ ଦେଶର ଜଣେ ପ୍ରତିଷ୍ଠିତ ଅନନ୍ୟ ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ଓଡ଼ିଆଙ୍କ ଛତା ନାମରେ ଏକ ଫେସବୁକ ଆକାଉଣ୍ଟରେ ଏହି ଆପତ୍ତିଜନକ ଓ ଦୁର୍ଭାବନାପୂର୍ଣ୍ଣ ଭିଡିଓ ପ୍ରସାରିତ କରାଯାଉଛି। ଏହି ଭିଡିଓର ବିଷୟବସ୍ତୁ ଗୁଡ଼ିକ କେବଳ ଅତ୍ୟନ୍ତ ମାନହାନୀକାରକ ତଥା ନିନ୍ଦନୀୟ ନୁହେଁ; ବରଂ ଏହା ସ୍ପଷ୍ଟ ଭାବେ ନବୀନ ପଟ୍ଟନାୟକ, ଭି. କେ ପାଣ୍ଡିଆନ ଏବଂ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନଙ୍କ ସାମାଜିକ ପ୍ରତିଷ୍ଠାକୁ ଖରାପ କରିବା ସାଧୁତାକୁ ପ୍ରଶ୍ନ କରିବା ଏବଂ ମାନସିକ ଯନ୍ତ୍ରଣା ଦେବା

**■ ତୁରନ୍ତ ଦୋଷୀଙ୍କ ବିରୋଧରେ ମାମଲା ସହ ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଦାବି**
**■ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେଡି ଆଇଟି ସେଲ୍**

ସହ ସାମାଜିକ ବିଶୃଙ୍ଖଳା ଏବଂ ଜନସାଧାରଣଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଡ. ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି।

ତେଣୁ ଡିଜି ଏହି ଘଟଣାକୁ ଗୁରୁତ୍ୱର ଭାବେ ଗ୍ରହଣ କରି ଫେସବୁକ ଆକାଉଣ୍ଟ 'ଓଡ଼ିଆ ଛାଟ' ପରିଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ମେଟା ତୁରନ୍ତ ଉକ୍ତ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ ପାଇଁ ପଦକ୍ଷେପ ନେବାକୁ ଡ. ପଟ୍ଟନାୟକ ଦାବି କରିଛନ୍ତି। ଏପରି ଅପମାନଜନକ ଭିଡିଓକୁ ତୁରନ୍ତ ସାମାଜିକ ଗଣମାଧ୍ୟମରୁ ହଟାଇବା ସହ ଘଟଣାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଡ. ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ବିଜେଡି ଆଇଟି ସେଲ୍ ମଧ୍ୟ କ୍ୟାପିଟାଲ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଛାତ୍ର ବିଜେଡି ନେତା ରକି ଦାସଙ୍କ ସମେତ ଅନ୍ୟ ନେତାମାନେ ଥାନାରେ ଏତଲା ଦେଇଛନ୍ତି। ବିରୋଧୀ ଦଳ ନେତା, ଭିକେ ପାଣ୍ଡିଆନ ଓ ସୁଜାତା ରାଉତଙ୍କ ମାନହାନି କରିବା ଏଆଇ ମାଧ୍ୟମରେ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଉଛି। ସଂପୃକ୍ତ ଫେସବୁକ ଆଇଡି ପରିଚାଳକଙ୍କ ବିରୋଧ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

---

**ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷା**

## ଏସ୍‌ସିବି ଛାତ୍ର ପୁଶନ୍ ଟପ୍ପର

କଟକ,୨୦।୮ (ସମିସ): ସର୍ବଭାରତୀୟ ନିଟ୍ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷାରେ ଏସ୍‌ସିବି ମେଡିକାଲ କଲେଜ ଛାତ୍ର ଡାକ୍ତର ପୁଶନ ମହାପାତ୍ର ଟପ୍ପର ହୋଇଛନ୍ତି। ପିଜି ନାମଲେଖା ନିମନ୍ତେ ପ୍ରକ୍ରିୟା ଆଗାମୀ ଦିନରେ ହେବାକୁ ଥିବା ବେଳେ ଦିଲ୍ଲୀ ଯାଇ ଡାକ୍ତରୀ ପାଠପଢ଼ାରେ ଉଚ୍ଚଶିକ୍ଷା ହାସଲ କରିବା ପୁଶନଙ୍କ ଲକ୍ଷ୍ୟ ରହିଛି। କଟକ କାଳିଗଳି ଅଞ୍ଚଳର ଜୟକୃଷ୍ଣ ମହାପାତ୍ର ଏବଂ ରଚିତା ମହାପାତ୍ରଙ୍କ ପୁଅ ପୁଶନ ଷ୍ଟିୱାର୍ଟ ସ୍କୁଲରୁ ଦଶମ ଏବଂ ଏଲଆର ଡିଏଭିରୁ ଯୁକ୍ତ ଦୁଇ ପଢ଼ା ଶେଷ କରିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଥିଲେ।

---

## ଲିଜ୍‌ଧାରୀଙ୍କ ନିର୍ମାଣ ଉପରେ ଲିଜ୍‌ଦାତା ଦାବିଦାର ନୁହନ୍ତି: ହାଇକୋର୍ଟ

କଟକ,୨୦।୮ (ସମିସ): ଲିଜ୍ ସୂତ୍ରରେ ନେଇଥିବା ଜମି ଉପରେ ଲିଜଧାରୀ କରିଥିବା ନିର୍ମାଣର ସେ ହିଁ ପ୍ରକୃତ ମାଲିକ ଅଟନ୍ତି। ଏହାଉପରେ ଲିଜଦାତା କିନ୍ତୁ ନିଜର ମାଲିକାନା ଦାବି କରିପାରିବେ ନାହିଁ ବୋଲି ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଲିଜ୍ ଜମି ଉପରେ ନିର୍ମିତ ଏକ ମୋବାଇଲ୍ ଟାୱାର ସମ୍ପର୍କିତ ବିବାଦକୁ ନେଇ ନିର୍ମଳା ସାହୁଙ୍କ ପକ୍ଷରୁ ରୁଜୁ ଆବେଦନର ବିଚାର କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପାଦ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୧୪ ମେ ୫ ତାରିଖରେ ହୋଇଥିବା ଏକ ଲିଜ୍ ଡିଡ୍ ଅନୁସାରେ ଆବେଦନକାରୀ ମାଲିକ ହୋଇଥିବାରୁ ସମ୍ପୃକ୍ତ ଜମିକୁ ୫ନମ୍ବର ପ୍ରତିପକ୍ଷ ତଥା ଲିଜଧାରୀଙ୍କୁ ଦେଇଥିଲେ। ଲିଜଧାରୀ ଜମି ଉପରେ ଏକ ମୋବାଇଲ୍ ଟାୱାର ନିର୍ମାଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଅକାମୀ ହୋଇଗଲା। ୨୦୧୫ ଜୁଲାଇ୧ରେ କେନ୍ଦ୍ରାପଡା ଜିଲ୍ଲାପାଳ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ଲିଜ୍ ଦାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଜିଲ୍ଲାପାଳଙ୍କ ଉକ୍ତ ବିବାଦିତ ଆଦେଶ ଆବେଦନକାରୀଙ୍କ ସ୍ୱାର୍ଥ ଉପରେ ନକାରାତ୍ମକ ପ୍ରଭାବ ପକାଇଛି, ଯାହା ଆଇନଗତ ଭାବରେ ସ୍ଥାୟୀ ନୁହେଁ। ହେଲେ ଲିଜଧାରୀ ସମେତ ବିପରୀତ ପକ୍ଷମାନେ ଜିଲ୍ଲାପାଳଙ୍କ ଆଦେଶକୁ ଯଥାର୍ଥ ଦର୍ଶାଇ ଉକ୍ତ ଆବେଦନକୁ ବିରୋଧ କରିଥିଲେ। ଲିଜ ଅନୁସାରେ ହୋଇଥିବା ନିର୍ମାଣ ଉପରେ ସେ ହିଁ ପ୍ରକୃତ ମାଲିକ ବୋଲି ଅଦାଲତ ବିଭିନ୍ନ ଆଇନର ତର୍ଜମା କରି ମତ ଦେଇଛନ୍ତି। କେନ୍ଦ୍ରାପଡ଼ାର ସିଭିଲ୍ ଜଜ୍ ଅଦାଲତରେ ଏକ ମାମଲା ବିଚାରାଧୀନ ଥିବା ବେଳେ ଏହାକୁ ଏକ ବର୍ଷ ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି।

---

**ଛାତ୍ର ସଂସଦ ନିର୍ବାଚନ ନ କରିବାକୁ ଚାଲିଛି ସରକାରୀ ଷଡ଼ଯନ୍ତ୍ର**

## ଛାତ୍ର କଂଗ୍ରେସର 'କ୍ୟାମ୍ପସ୍ ଚଲୋ' ଅଭିଯାନ ଆରମ୍ଭ



ଭୁବନେଶ୍ୱର,୨୦।୮ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ପଛରେ ଏବିଭିପିର ସଂପୂର୍ଣ୍ଣ ହାତ ରହିଥିବାର ଜଣାପଡ଼ିବା ପରେ ସାରା ଓଡ଼ିଶାର ଶିକ୍ଷାନୁଷ୍ଠାନର କ୍ୟାମ୍ପସରେ ଏବିଭିପି ବଦନାମ ହୋଇଯାଇଛି। କ୍ୟାମ୍ପସ ଭିତରେ ହିଂସା ଏବଂ ଅପରାଧିକ କାର୍ଯ୍ୟ କରିବାପାଇଁ ଏବିଭିପିର ଷଡ଼ଯନ୍ତ୍ରକୁ ଓଡ଼ିଶାର ଛାତ୍ର ସମାଜ, ଅଭିଭାବକ ଏବଂ ବୁଦ୍ଧିଜୀବୀ ମାନେ ଅନୁଭବ

**କ୍ୟାମ୍ପସରେ ଜୋରଦାର ହେବ ଲଢ଼େଇ**

କରିସାରିଛନ୍ତି। ତେଣୁ ଛାତ୍ରଛାତ୍ରୀ ମାନଙ୍କର ସମର୍ଥନ ନ ପାଇବାର ଆଭାସ ପାଇ ବିଜେପି ସରକାର ଛାତ୍ର ସଂସଦ ନିର୍ବାଚନ ନ କରାଇ ଦେବାପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଛି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି।

ମଙ୍ଗଳବାର କଂଗ୍ରେସ ଭବନଠାରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ କରଣ ତାମସେଟୱାର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଛାତ୍ର କଂଗ୍ରେସ ଲଢ଼େଇ ଜୋରଦାର କରିବ। ଏହି ଅବସରରେ ଆଜି ଛାତ୍ର କଂଗ୍ରେସର 'କ୍ୟାମ୍ପସ ଚଲୋ ଅଭିଯାନ' ର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ଏନଏସୟୁଆଇ (ଛାତ୍ର କଂଗ୍ରେସ)ର କର୍ମକର୍ତ୍ତା ଓ ସଭ୍ୟମାନେ ଓଡ଼ିଶାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କ୍ୟାମ୍ପସକୁ ଯିବେ। ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ ହେବ। କ୍ୟାମ୍ପସ ଭିତରେ ଅଶାନ୍ତି ଏବଂ ଅପରାଧିକ କାର୍ଯ୍ୟକୁ ପ୍ରତିବାଦ କରାଯିବ। ବିଶେଷକରି ଛାତ୍ରୀମାନଙ୍କର ସୁରକ୍ଷା ଉପରେ ଦୃଷ୍ଟି ଦିଆଯିବ। ସରକାରୀ ଶିକ୍ଷାନୁଷ୍ଠାନରେ ହେଉଥିବା ଦୁର୍ନୀତିର ଦୃଢ଼ ପ୍ରତିବାଦ କରାଯିବ।

ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ୁଛି। ସରକାରୀ ମହା ବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ପଦବୀର ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ପ୍ରାଥମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ଉତ୍କଟ ଶିକ୍ଷକ ଅଭାବ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ହତାଦର କରାଯାଇ ବେସରକାରୀ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦିଆଯାଉଛି। ଅନ୍ୟପକ୍ଷରେ 'ଭୋଟ ଚୋରୀ' ବିରୋଧରେ ଛାତ୍ର ଛାତ୍ରୀମାନଙ୍କ ସହ ଆଲୋଚନା ହେବ ଏବଂ ନୂଆ ଭୋଟର ମାନଙ୍କୁ ଭୋଟ ଚୋରି ବିଷୟରେ ସଚେତନ କରାଯିବ ବୋଲି ଛାତ୍ର କଂଗ୍ରେସ ସୂଚନା ଦେଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସୟଦ ୟାସିର ନୱାଜ, ମନୋଜ ବିଶ୍ୱାଳ, ବିଭୁତି ଭୂଷଣ ମହାପାତ୍ର, ସାଗର ପଟ୍ଟନାୟକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ।

---

## ଗୋରୁଙ୍କ ଜୀବନ ନେଉଛି ଲମ୍ପି ସ୍କିନ୍

ଭୁବନେଶ୍ୱର, ୨୦।୮ (ସମିସ): ସମ୍ପ୍ରତି ରାଜ୍ୟର ଗୋସମ୍ପଦ ପାଇଁ ଏବେ ଘାତକ ହୋଇଛି ଲମ୍ପି ସ୍କିନ୍(ଚର୍ମ ବିଣ୍ଡି) ରୋଗ। ଏପର୍ଯ୍ୟନ୍ତ ଏହି ରୋଗ ପାଇଁ କୌଣସି ଟିକା ଉପଲବ୍ଧ ହୋଇ ନ ଥିବାରୁ ଗାଇ ଗୋରୁମାନଙ୍କ ନିରାକରଣ କରାଯାଇପାରୁନି। କିଛି ଗୋରୀଙ୍କୁ ଛେଳିଙ୍କ ପାଇଁ ଉଦ୍ଦିଷ୍ଟ ଗୋଟ୍ ପକ୍ସ ଦେଇ ଚିକିତ୍ସିତ କରାଯାଉଥିବାବେଳେ ଆଉ କିଛିଙ୍କୁ କେବଳ ଭିଟାମିନ୍ ଔଷଧ ଦିଆଯାଉଛି। କେତେକାଂଶରେ ଏହା ଫଳପ୍ରଦ ହେଉଥିବାବେଳେ ଅଧିକାଂଶ ଗୋରୁଙ୍କ କ୍ଷେତ୍ରରେ ଏହା କାମ କରୁନଥିବା ଅଭିଯୋଗ ହେଉଛି। ଏହି ରୋଗ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ବ୍ୟାପିଛି। ଏବେ ଉପକୂଳ ଓଡ଼ିଶା ସମତେ ପଶ୍ଚିମ ଓଡ଼ିଶାରେ ଗାଇ ଓ ବଳଦମାନଙ୍କ କ୍ଷେତ୍ରରେ ମାତ୍ରାଧିକ ଦେଖାଯାଉଛି। ଗାଁ ଗହଳିରେ ଏବେ ଏହି ରୋଗ ମାତ୍ରାଧିକ ଭାବେ ବ୍ୟାପିବା ଯୋଗୁଁ ଗୋପାଳକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହେଉଛି। ରାଜ୍ୟରେ ଏବେ ଅଢ଼େଇ କୋଟିରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଅଛନ୍ତି। ଏମାନଙ୍କ ମଧ୍ୟରେ ଗାଇ ଓ ବଳଦଙ୍କ ସଂଖ୍ୟା ସର୍ବାଧିକ। ତା'ତଳକୁ ଛେଳି, ମେଣ୍ଢା ଆଦି ରହିଛନ୍ତି। ମାତ୍ର ଗାଈଙ୍କ କ୍ଷେତ୍ରରେ ଏବେ ଚର୍ମ ବିଣ୍ଡି ରୋଗ ବହୁ ପରିମାଣରେ ଦେଖାଯାଉଛି। ଏହି ରୋଗ ହେଲେ ପ୍ରଥମେ ଗାଇଙ୍କୁ ଜ୍ୱର ହେବାସହ ଶରୀରରେ ଫୋଟକା ଭଳି ଫୁଲି ଯାଉଛି। ପରେ ଏସବୁ ଫୋଟକା ଫାଟି ଘା' ହେଉଛି। ଛେଳିମାନଙ୍କ ପାଇଁ ବ୍ୟବହାର ହେଉଥିବା ଗୋଟ୍ ପକ୍ସ ଟିକାକୁ ପରୀକ୍ଷାମୂଳକ ଭାବେ ଦିଆଯାଉଥିବାବେଳେ ଏହା ସଠିକ୍ ଭାବେ କାମ କରୁନଥିବା ଗୋପାଳକମାନେ ଅଭିଯୋଗ କରିଛନ୍ତି। ଏହା ଏକ ବାୟୁବାହିତ ଓ ଭୁତାଣୁ ଜନିତ ରୋଗ ଏବଂ ମଶା, ମାଛି, ଡାଆଁସ



ଦ୍ୱାରା ବ୍ୟାପୁଥିବାରୁ କ୍ରମଶଃ ଗୋଟିଏ ଗୁହାଳରୁ ଅନ୍ୟ ଜାଗାକୁ ସହଜରେ ବ୍ୟାପୁଛି। ଯେଉଁ ଗୋରୁମାନଙ୍କଠାରେ ରୋଗ ପ୍ରତିଶୋଧକ ଶକ୍ତି କମ୍ ରହୁଛି, ସେହି ଗୋରୁମାନଙ୍କୁ ଏହି ରୋଗ ବିଶେଷ ଭାବେ ଆକ୍ରାନ୍ତ କରୁଛି। ଏହି ରୋଗ ସାଧାରଣତଃ ବାଛୁରୀ ଓ ଗର୍ଭବତୀ ଗାଈମାନଙ୍କୁ ପ୍ରଭାବିତ କରୁଛି। ରୋଗରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଚର୍ମରେ ବିଣ୍ଡି ଭଳି ଗଣ୍ଠି ସୃଷ୍ଟି ହେଉଛି। ସେହି ଗଣ୍ଠି ଫାଟି ରକ୍ତ ଝରୁଥିବା ଲକ୍ଷ୍ୟ କରାଯାଉଛି। ଏହି ରୋଗରେ ଆକ୍ରାନ୍ତ ପଶୁମାନଙ୍କ ପାଟିରୁ ନାଳ ଗଡୁଛି, ଖାଇବା ଛାଡି ଦେଉଛନ୍ତି ଓ ଘୁମାଇବା ସ୍ଥିତି ଦେଖାଯାଉଛି। ଏଭଳି ସ୍ଥିତି ଲାଗି ରହିବାର ୩ରୁ ୪ଦିନ ପରେ ଆକ୍ରାନ୍ତ ଗୋରୁର ମୃତ୍ୟୁ ଘଟୁଛି।

ପ୍ରାଣୀଧନ ଚିକିତ୍ସକଙ୍କ କହିବାନୁସାରେ, ଆବଶ୍ୟକ ଔଷଧ ସେବନ କରାଗଲେ ଆକ୍ରାନ୍ତ ପଶୁମାନେ ସପ୍ତାହକ ପରେ ସୁସ୍ଥ

**■ ବିପଦରେ ଲକ୍ଷାଧିକ ଗୃହପାଳିତ ପଶୁ**
**■ ସଂକ୍ରମଣକୁ ନେଇ ଭୟର ବାତାବରଣ**

ହୋଇ ଯାଉଛନ୍ତି। ଅର୍ଥାତ୍ ରୋଗ ପ୍ରତିଶେଧକ ଶକ୍ତି ଅଧିକ ଥିବା ଗାଈ ବାଛୁରୀ ଏହି ରୋଗରେ ଆକ୍ରାନ୍ତ ହେଲେ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ରହୁଛି। ଏହି ସମୟରେ ଗୋ-ପାଳକମାନେ ସେମାନଙ୍କ ଗାଈଗୋରୁଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ଦେବାକୁ ସେ ପରାମର୍ଶ ଦେଉଛନ୍ତି। ଏତଦବ୍ୟତୀତ ଯେଉଁଠି ଡାକ୍ତର ପହଞ୍ଚିବାରେ ବିଳମ୍ବ ହେଉଛି, ହଳଦୀ ଓ ଲିମ୍ବପତ୍ରକୁ ଆକ୍ରାନ୍ତ ଗୋରୁମାନଙ୍କ ଚର୍ମରେ ଲେପନ କରିବାକୁ ପରାମର୍ଶ ଦିଆଯାଇଛି।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

# ଆବଶ୍ୟକବେଳେ କାମକୁ ଆସୁନି

## ୩ବର୍ଷ ହେଲା ବୀମା କ୍ଷତିପୂରଣ ପ୍ରଦାନରେ ଅହେତୁକ ଅବହେଳା ଅଭିଯୋଗ

ବଲାଙ୍ଗିର,୨୦।୮ (ସମିସ)

ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ପାଇଁ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚଳିତ ଖରିଫ ଧାନଚାଷ ନଷ୍ଟ ହୋଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ଫସଲ ବୀମା ଉପରେ ବି ଭରସା ନାହିଁ। ପ୍ରତିବର୍ଷ ଚାଷୀ ଧାର କରଜ କରି ବୀମା କରୁଛନ୍ତି; କିନ୍ତୁ ଠିକ୍ ଭାବେ ବୀମା କମ୍ପାନୀ ଦାୟିତ୍ୱ ତୁଲାଉନି। ଏଣୁ ଅନେକ ଚାଷୀ ବୀମା କରିବାକୁ ଅମଙ୍ଗ ହେଉଥିବା ଅଭିଯୋଗ ହୋଇଛି। ବିଗତ ବର୍ଷରେ ଜିଲ୍ଲାରେ ବୀମାଟଙ୍କା ଚୋରି ଖବର ମଧ୍ୟ ସାମ୍ନାକୁ ଆସିଥିଲା। ଅନେକ ଅସାଧୁ ବ୍ୟକ୍ତି ନକଲି ଚାଷୀ ହୋଇ ଅନ୍ୟ ଲୋକଙ୍କ ଜମିରେ ବୀମା କରି ବୀମା ଟଙ୍କା ହଡପ କରିଥିଲେ। ଏହା ଫଳରେ ଅନେକ ଚାଷୀ ସହାୟତା ନ ପାଇ ବୀମା କମ୍ପାନୀ ନାମରେ ଅଭିଯୋଗ ଆଣିଥିଲେ। ଏହାର ଯାଞ୍ଚ ମଧ୍ୟ କରାଯାଇଥିଲା; କିନ୍ତୁ ଚାଷୀଙ୍କୁ କିଛି ଲାଭ ମିଳି ନ ଥିଲା। ଏହା ଫଳରେ ବୀମା ଉପରେ ଆଉ ଚାଷୀଙ୍କ ଭରସା ନ ଥିବା ଅଭିଯୋଗ କରି ବୀମା ପ୍ରତି ନାକ ଟେକୁଥିବା ଦେଖିବାକୁ ମିଳିଛି।

କେନ୍ଦ୍ରରେ ୨୦୧୪ ରେ ବିଜେପି ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ କରିଥିଲେ। ଏହି ବୀମା ଯୋଜନାରେ ଚାଷୀମାନଙ୍କ ସୁବିଧା ପାଇଁ ଅନେକ ବ୍ୟବସ୍ଥା କରାଯାଇଥିଲା। କ୍ଷତି ଅନୁସାରେ ଆଞ୍ଚଳିକ ଭିତ୍ତିରେ ଯାଞ୍ଚକରି ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଥିଲା। ୨୦୧୮ ଖରିଫରେ ପ୍ରଥମ କରି ଏହି ଯୋଜନାରେ ଚାଷୀ ବୀମା କରିଥିଲେ। ତଥ୍ୟ ଅନୁସାରେ ୨୦୧୮ରେ ବଲାଙ୍ଗିର ଜିଲ୍ଲାରେ ୧ ଲକ୍ଷ ୭ ହଜାର ୨୫୭ ଚାଷୀ ପ୍ରାୟ ଦେଢ ଲକ୍ଷ ହେକ୍ଟର ଜମି ପାଇଁ ବୀମା କରିଥିଲେ। ସେହି ବର୍ଷ ଫସଲହାନୀ ପାଇଁ ୫୯ ହଜାର ୮୫୮ ଚାଷୀ କ୍ଷତିପୂରଣ ପାଇଥିଲେ। ୨୦୧୯ରେ ଚାଷୀଙ୍କ ସଂଖ୍ୟା ବଢି ୧ ଲକ୍ଷ ୭୫ ହଜାର ୨୪୮ ରେ ପହଞ୍ଚିଥିବା ବେଳେ ବୀମାଭୁକ୍ତ ଜମି ପରିମାଣ ୨ ଲକ୍ଷ ୭୦ ହଜାର ହେକ୍ଟରରେ ପହଞ୍ଚିଥିଲା। ଏହି ବର୍ଷ ଖରିଫ ପାଇଁ ୬୧ ହଜାର ୭୬୭ ଚାଷୀ କ୍ଷତିପୂରଣ ପାଇଥିଲେ। ୨୦୨୦ ଖରିଫରେ ୯୯ ହଜାର ୧୪୩ ଚାଷୀ ୧ ଲକ୍ଷ ୧୦ ହଜାର ହେକ୍ଟର ଜମି ପାଇଁ ବୀମା କରିଥିବା ବେଳେ ଏହି ବର୍ଷ ୨୨ ହଜାର ୧୧୯ ଜଣ ଚାଷୀ କ୍ଷତିପୂରଣ ପାଇଥିଲେ। ସେହିପରି ୨୦୨୧ରେ ୧ ଲକ୍ଷ ୮ ହଜାର ୮୭୭ ଚାଷୀ ୧ ଲକ୍ଷ ୩୯ ହଜାର ହେକ୍ଟର ଜମି ପାଇଁ ବୀମା କରିଥିବା ବେଳେ ୬୯ ହଜାର ୬୨୮ ଜଣ ଚାଷୀ କ୍ଷତିପୂରଣ ପାଇଥିଲେ। ୨୦୨୧ ଖରିଫ ବର୍ଷ ପରେ ଫସଲବୀମା ଯୋଜନାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିବା ଆରମ୍ଭ କରିଛନ୍ତି। ଏହି ବର୍ଷରୁ ଠିକ୍ ଭାବେ ଆକଳନ କରାଯାଉ ନ ଥିବା ବେଳେ କ୍ଷତିପୂରଣ ପ୍ରଦାନରେ ମଧ୍ୟ ଅବହେଳା ଓ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଥିଲା।

**ଦିନକୁ ଦିନ ଚାଷୀଙ୍କ ଭରସା ତୁଟୁଛି**

**ବର୍ଷକୁ ବର୍ଷ କମୁଛି ବୀମା କରୁଥିବା ଚାଷୀଙ୍କ ସଂଖ୍ୟା**

୨୦୨୨ ଖରିଫରେ ୯୯ ହଜାର ୭୨ ଜଣ ଚାଷୀ ୧ ଲକ୍ଷ ୧୯ ହଜାର ହେକ୍ଟର ଜମି ପାଇଁ ବୀମା କରିଥିଲେ। ଏହି ବର୍ଷ ଖରିଫରେ ୩୧ ହଜାର ୧୫୮ ଜଣ ଚାଷୀଙ୍କୁ କ୍ଷତିପୂରଣ ମିଳିଥିଲା। ସେହିପରି ୨୦୨୩ ଖରିଫରେ ୧ ଲକ୍ଷ ୯୭ ହଜାର ୧୦୨ ଜଣ ଚାଷୀ ୨ ଲକ୍ଷ ୩ ହଜାର ହେକ୍ଟର ଜମି ପାଇଁ ବୀମା କରିଥିଲେ। କିନ୍ତୁ ୧୧ ହଜାର ଜଣ ଚାଷୀ କ୍ଷତିପୂରଣ ପାଇଥିଲେ। ପରିଣାମ ସ୍ୱରୂପ ୨୦୨୪ରେ ବୀମାଭୁକ୍ତ ଚାଷୀଙ୍କ ସଂଖ୍ୟା ଓ ଜମି ପରିମାଣ ହ୍ରାସ ପାଇଥିଲା। ଏହି ବର୍ଷ ଖରିଫରେ ୧ ଲକ୍ଷ ୪୬ ହଜାର ୯୫୪ ଜଣ ଚାଷୀ ୧ ଲକ୍ଷ ୭୬ ହଜାର ହେକ୍ଟର ଜମି ପାଇଁ ବୀମା କରିଥିବା ବେଳେ ମାତ୍ର ୧୨ ହଜାର ୩୫ ଜଣ ଚାଷୀଙ୍କୁ ଫସଲହାନୀ ପାଇଁ କ୍ଷତିପୂରଣ ମିଳିଥିଲା। ଏହିକ୍ରମରେ ୨୦୨୫ରେ ବୀମା କରିଥିବା ଚାଷୀଙ୍କ ସଂଖ୍ୟା ଆହୁରି ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଚଳିତ ଖରିଫ ପାଇଁ ୧ ଲକ୍ଷ ୩୮ ହଜାର ୪୫୭ ଜଣ ଚାଷୀ ୧ ଲକ୍ଷ ୪୯ ହଜାର ହେକ୍ଟର ଜମି ପାଇଁ ବୀମା କରିଥିବା ଜଣାପଡିଛି। ତେବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଗୁଁ ଚାଷୀ ଲାଭବାନ ହେଉଥିବା ବିଜେପି ସରକାର କହିଆସୁଛନ୍ତି। ବୀମା ପ୍ରତି ଚାଷୀଙ୍କ ଉଦାସୀନତା କିନ୍ତୁ ସ୍ପଷ୍ଟ ବାରି ହୋଇପଡୁଛି। ଏହାରି ଭିତରେ ପୁଣି ବୀମା ଟଙ୍କା ପ୍ରଦାନରେ ପାତରଅନ୍ତର, ବୀମା ଠକେଇ ଭଳି ଅନେକ ଅଭିଯୋଗ ରହିଛି। ସେଥିପାଇଁ ଚାଷୀ କାଦୁଅ ମାଡିବେ କାହିଁକି ଗୋଡ ଧୋଇବେ କାହିଁକି ନୀତିରେ ବୀମା ପ୍ରତି ଉତ୍ସାହ ଦେଖାଉ ନ ଥିବା ଅଭିଯୋଗ ହୋଇଛି। ତେବେ ବୀମା କରୁଥିବା କମ୍ପାନୀ ମଧ୍ୟ ଅନେକ ଅନିୟମିତତା କରୁଥିବା ଚାଷୀ ସଙ୍ଗଠନ ଅଭିଯୋଗ କରିଛନ୍ତି।

● ବଲାଙ୍ଗିରରେ ଗୋ-ମାଂସ ବିକ୍ରି ଅଭିଯୋଗ ଘଟଣା

# ଗୋ-ହତ୍ୟା ନୁହଁ; ଦୁର୍ଘଟଣାରେ ବାଛୁରୀର ମୃତ୍ୟୁ

ବଲାଙ୍ଗିର,୨୦।୮ (ସମିସ): ବଲାଙ୍ଗିର ପ୍ୟାଲେସ ଲାଇନ ଛକ ନିକଟରେ ଥିବା ଏକ ଫାଷ୍ଟଫୁଡ ଦୋକାନ କଡରୁ ବାଛୁରୀ ମୁଣ୍ଡ, ଗୋଡ ଓ ଚମଡା ମିଳିବା ଘଟଣା ଉପରୁ ପରଦା ଉଠିଛି। ଏହା ଗୋ-ହତ୍ୟା ନୁହଁ; ବରଂ ଦୁର୍ଘଟଣାରେ ଗୋଟିଏ ବାଛୁରୀର ମୃତ୍ୟୁ ଘଟିଥିଲା ବୋଲି ଏସ୍‌ପି କହିଛନ୍ତି। ମଙ୍ଗଳବାର ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଏହି ଘଟଣାକୁ ନେଇ ସ୍ଥାନୀୟ ଯୁବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ଉକ୍ତ ଦୋକାନ୍ୟର୍ରାୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆନ୍ଦୋଳନ କରିଥିଲେ। ପରିସ୍ଥିତି ଏମିତି ହୋଇଥିଲା ଯେ ଦୋକାନ ଉପରକୁ ଟେକାପଥର ମାଡ କରାଯିବା ସହ ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୋକାନୀକୁ ପଚରାଉଚୁରା କରିବା ସହ ବାଛୁରୀର ମୁଣ୍ଡ, ଗୋଡ଼ ଜବତ କରି ଯାଞ୍ଚ ପାଇଁ ପଠାଇଥିଲା; କିନ୍ତୁ ଏହାର ଦିନକ ପରେ ଏହି ଘଟଣାକୁ ନେଇ ପୁଲିସ ସ୍ପଷ୍ଟ କରିଛି। ଏହାର ଏକ ସିସିଟିଭି ଫୁଟେଜ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ବାଛୁରୀ ମୁଣ୍ଡ, ହାଡ, ଗୋଡ ଉଦ୍ଧାର ହୋଇଥିବା ସ୍ଥାନ ନିକଟରେ ହିଁ କିଛି ଦିନ ପୂର୍ବରୁ ଏକ ବାଛୁରିକୁ ରାତିରେ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାଛୁରିଟି ମରିପଡିଥିବା ବେଳେ କିଛି ସମୟ ମଧ୍ୟରେ କିଛି ବୁଲା କୁକୁର ଆସି ବାଛୁରିକୁ ଟାଣି ନେଇ ରାସ୍ତାକଡକୁ ନେଇଯାଇଥିଲେ। ଏହାର ସିସିଟିଭି ଫୁଟେଜ ମିଳିବା ପରେ ସ୍ଥାନୀୟ ସଙ୍ଗଠନମାନେ ଆଣିଥିବା ଅଭିଯୋଗ ସଂପୂର୍ଣ୍ଣ ମିଛ ବୋଲି ଏସପି ଅଭିଲାଷ ଜି. ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ

ଖପ୍ରାଖୋଲ,୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ତୁଳନାରେ ଶ୍ରେଣୀଗୃହର ଅଭାବ ରହିଛି। ଶିକ୍ଷାଦାନ କ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାରେ ଏହି ବିଦ୍ୟାଳୟ ଅନେକ ସୁନାମ ଅର୍ଜନ କରିଛି। ଏହି ବିଦ୍ୟାଳୟରୁ ଅନେକ ମେଧାବୀ ଛାତ୍ର ଛାତ୍ରୀ ବାହାରି ବିଭିନ୍ନ କ୍ଷେତ୍ରରେ ନାମ ଅର୍ଜନ କରିଛନ୍ତି। ଏହିଭଳି ଏକ ଖ୍ୟାତିସମ୍ପନ୍ନ ଶିକ୍ଷା ଅନୁଷ୍ଠାନ ତଥା ଏହି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନ ସବୁ କ୍ଷେତ୍ରରେ ଥିବା ବେଳେ ବର୍ତ୍ତମାନ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହି ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦଶମ ଯାଏଁ ମୋଟ ୫୩୧ ଜଣ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଛନ୍ତି। ଷଷ୍ଠ ଶ୍ରେଣୀରୁ ଦଶମ ପର୍ଯ୍ୟନ୍ତ ପ୍ରତିଟି କକ୍ଷକୁ ଦୁଇ ଦୁଇଟି ବିଭାଗ କରାଯାଇ ଶିକ୍ଷାଦାନ କରାଯାଉଛି। ଗୋଟିଏ ଗୋଟିଏ ବିଭାଗର ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀ ଠିକ୍ ଭାବେ ବସି ନ ପାରି ଲାଗି ଲାଗି ବସୁଛନ୍ତି। ଏଣୁ ଛାତ୍ରଛାତ୍ରୀଙ୍କୁ ଲେଖା ପଢାରେ ଅସୁବିଧା ହେଉଛି। ଅନ୍ୟପକ୍ଷେ ବର୍ଷାଦିନେ କିଛି ଶ୍ରେଣୀଗୃହର ଛାତରୁ ପାଣି ଗଳୁଛି। ଏଥିଯୋଗୁଁ ଶିକ୍ଷାଦାନ ସମସ୍ୟା ଦ୍ୱିଗୁଣିତ ହୋଇ ପଡୁଛି।

# କାର୍‌ରୁ ୭୫୦ ବୋତଲ କଫସିରପ୍ ଜବତ, ୫ ଗିରଫ

ବଲାଙ୍ଗିର,୨୦।୮ (ସମିସ): ବଲାଙ୍ଗିର ପୁଲିସ ଚାଲାଣ ବେଳେ ଏକ କାରରୁ ୭୫୦ ବୋତଲ କଫସିରପ ଜବତ କରିଛି। ଏହି ଘଟଣାରେ ଜଡିତ ୫ ଜଣକୁ ମଧ୍ୟ ଗିରଫ କରିଛି। ଏମାନେ ହେଲେ ପୁଇଁନ୍ତଲା ଥାନା ଶଙ୍କରଭୋଜି ଗାଁର ସୁରେନ୍ଦ୍ର ମଲ୍ଲିକ, ଠିକାଦାରପଡ଼ାର ପ୍ରଶାନ୍ତ ବାରିକ, ପୁଇଁନ୍ତଲା ଥାନା ଶଙ୍କରଭୋଜି ଗାଁର ରାଜୀବ ମଲ୍ଲିକ, ଲୋଇସିଂହା ଥାନା ପଣ୍ଡରାନି ଗାଁର ଶତ୍ରୁଘ୍ନ ବାଗ, ରୁଗୁଡ଼ିପଡ଼ାରର ପ୍ରିତମ ଆଡାବରିଆ। ଏନେଇ ଟାଉନ ପୁଲିସ ମାମଲା ରୁଜୁ କରି ଏହି ଚାଲାଣ ପଛରେ କିଏ ଅଛି, କେଉଁଠୁ କେଉଁଠାକୁ ଚାଲାଣ ହେଉଥିଲା ସେନେଇ ଖୋଳତାଡ ଚଳାଇଛି। ବଲାଙ୍ଗିର ସହର ପୁରୁଣା ବସଷ୍ଟାଣ୍ଡ ନିକଟରେ ଏକ କାରରେ ବେଆଇନ ଭାବେ କଫସିରପ ଚାଲାଣ ହେଉଥିବା ପୁଲିସକୁ ଖବର ମିଳିଥିଲା। ଏହପରେ ଏସଆଇ ସଂଗୀତା ବେକ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଚଢଉ କରିଥିଲା। ଅନ୍ୟପକ୍ଷେ ଏକ ବାଇକ୍‌ରେ ଦୁଇ ଜଣ କାରକୁ ଏସ୍କର୍ଟ କରୁଥିବା ଜଣାପଡ଼ିଥିଲା। ପୁଲିସ ଉକ୍ତ ଦୁଇ ଜଣ ଅଭିଯୁକ୍ତଙ୍କ ସମେତ ପାଞ୍ଚ ଜଣକୁ ଗିରଫ କରିଥିବା ଏସପି ଅଭିଲାଷ ଜି. ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ତୁରେକେଲା କ୍ଲଷ୍ଟରସ୍ତରୀୟ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ତୁରେକେଲା,୨୦।୮ (ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଆଞ୍ଚଳିକସ୍ତରରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନ ସଭାରେ ଜଗବନ୍ଧୁ ମାଝୀ, ଜଳନ୍ଧର ମହାକୁଡ଼, ପ୍ରମୋଦ ମହାପାତ୍ର, ଧନସିଂ ମାଝୀ, ରମେଶ ସୁନା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମାଧବୀଲତା ସାହୁ, ଡାଳିମ୍ବ ମେହେର, କୁନି ସାହୁ, ସୁଭଦ୍ରା ମେହେର, ଶିକ୍ଷକ ରବୀନ୍ଦ୍ର ରଥ, ପାର୍ଥିବ ମହାନନ୍ଦ, ରାଜେଶ ସିଂଦେଓ, ରାଜୀବ ଲୋଚନ ଦାସ, ପୀତାମ୍ବର ଲୁହା, ସୁଭାଶିତ ରାଉତ, ଦେବ ବଗର୍ତ୍ତି, ଅଙ୍ଗନବାଡ଼ି କର୍ମୀ, ସକୁନ୍ତଳା କର, କୌଶଲ୍ୟା ନାଗ, ଆଶାକର୍ମୀ ସଞ୍ଜୁକ୍ତା କରଙ୍କ ସମେତ ସ୍ୱତନ୍ତ୍ର କମିଟିର ସଭ୍ୟ, ଅଭିଭାବକ ଉପସ୍ଥିତ ଥିଲେ।

# ଶିଶୁ ଗଣନା ଓ ପଞ୍ଚାୟତର ସହଭାଗିତା ଉପରେ ପ୍ରଶିକ୍ଷଣ ଶିବିର



ଦେଓଗାଁ,୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ପ୍ରତ୍ୟେକ ଶିଶୁ ଗଣନା ଓ ପଞ୍ଚାୟତର ସହଭାଗିତା ଉପରେ ବ୍ଲକସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ସିଡିପିଓ ମିନତିରାଣୀ ମିଶ୍ର, ଓଡିଶା ଜୀବିକା ମିଶନର ଦାୟିତ୍ୱରେ ଥିବା ବିପିଏମ ସବ୍ୟାରାଣୀ ମହାଲିଙ୍ଗ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଝସକେତନ ରଣା ଯୋଗଦେଇ ଶିଶୁ ସୁରକ୍ଷା ତଥା ପ୍ରତ୍ୟେକ ଶିଶୁଙ୍କ ଗଣନା ଏବଂ ପଞ୍ଚାୟତର ସହଭାଗିତା ଉପରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, ପିଇଓ, ସିଆରପି, ଅଙ୍ଗନବାଡିକର୍ମୀ, ସିଆରସିସି ଉପସ୍ଥିତ ଥିଲେ।

# ୟୁରିଆ ଅଭାବ ପାଇଁ ତହସିଲ ଅଫିସ ଘେରିଲେ ଚାଷୀ



ପାଟଣାଗଡ,୨୦।୮ (ସମିସ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ଚାଷୀଙ୍କୁ ସାର ମିଳୁନି। ସାର କିନ୍ତୁ କଳାବଜାର ହେଉଛି। ଏଣୁ ବାଧ ହୋଇ ଚାଷୀ ଚଢା ଦରରେ ବାହାରୁ ସାର କିଣୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ବୁଧବାର ପାଟଣାଗଡ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତର ଶତାଧିକ ଚାଷୀ ପାଟଣାଗଡ ଉପ ଜିଲ୍ଲାପାଳଙ୍କ ଅଫିସକୁ ଅଭିଯୋଗ ପାଇଁ ଆସି ନିରାଶ ହୋଇଛନ୍ତି। ସେ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବାରୁ ପାଟଣାଗଡ଼ ତହସିଲଦାରଙ୍କୁ ଅଭିଯୋଗ କରିବା ସହ ତାଙ୍କୁ ଘେରିଥିଲେ। ପାଟଣାଗଡ ଅଞ୍ଚଳ ଖୋଦ କୃଷିମନ୍ତ୍ରୀଙ୍କ ଅଞ୍ଚଳ। ମନ୍ତ୍ରୀଙ୍କ ଅଞ୍ଚଳରେ ଏପରି ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ। କେନ୍ଦୁମୁଣ୍ଡି ପଞ୍ଚାୟତରେ ସାର ବ୍ୟବସାୟୀ ସରକାରଙ୍କଠାରୁ ସାର ଆଣି କଳା ବଜାରରେ ବିକ୍ରି କରୁଛନ୍ତି। କେନ୍ଦୁ ମୁଣ୍ଡି ସୋସାଇଟିକୁ ମଧ୍ୟ କମ୍ ସାର ଆସିଛି। ଏଣୁ ଚାଷୀ ସାର ପାଇବାରୁ ବଞ୍ଚିତ ବୋଲି ଅଭିଯୋଗ କରିଥିଲେ।

ଏହି ପଞ୍ଚାୟତରେ ପ୍ରାୟ ଦୁଇ ହଜାର ବସ୍ତା ସାର ଦରକାର; ମାତ୍ର ୧୫୦ବସ୍ତା ସାର ମହଜୁଦ ଅଛି। ଏଣୁ ସାର ପାଇବାରୁ ବହୁ ଚାଷୀ ବଞ୍ଚିତ ହୋଇଛନ୍ତି। ଅପରପକ୍ଷରେ ଆବଶ୍ୟକ ମୁତାବକ ୟୁରିଆ ସାର ମିଳୁ ନ ଥିବାରରୁ ଚାଷୀଙ୍କ ମଧ୍ୟରେ ଅଶାନ୍ତର ବାତାବରଣ ଦେଖାଯାଇଛି। ଧାନ ରୁଆର ମାସେରୁ ଅଧିକ ହୋଇଥିବାରୁ ଧାନ ଗଛ ପାଇଁ ଏବେ ସାର ନିହାତି ଆବଶ୍ୟକ। ତେବେ ଯଦି ସାର ନ ମିଳେ ତେବେ ରାସ୍ତାକୁ ଓହ୍ଲାଇବେ ଚାଷୀ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ତେବେ ପାଟଣାଗଡ ତହସିଲଦାର ରୁଦ୍ରମୋହନ ନାୟକ କହିଛନ୍ତି ସମସ୍ତ ଚାଷୀ କିଭଳି ସାର ପାଇ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ।

# ଭାଲୁବୁଢ଼ା ଡଙ୍ଗରଉପରେ ଇନ୍ଦ୍ରପୂଜା

ଦେଓଗାଁ,୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଅର୍ଦ୍ଧାଧିକ ଗାଁରେ ଏବେ ସ୍ୱଳ୍ପବୃଷ୍ଟିପାତ ଯୋଗୁଁ ମରୁଡି ଆଶଙ୍କା ଦେଖା ଦେଇଛି। ଏଣୁ ଚାଷୀ ଚିନ୍ତାରେ ରହିଛନ୍ତି। ଏନେଇ ହାତିସରା ପଞ୍ଚାୟତର ଚାଷୀଙ୍କ ନେତୃତ୍ୱରେ ପ୍ରାୟ ୧୩ଟି ଗାଁର ଚାଷୀମାନେ ନିକଟସ୍ଥ ଡଙ୍ଗାପଥରରେ ଥିବା ଭାଲୁବୁଢ଼ା ଡଙ୍ଗର ଉପରେ ବୁଧବାର ଇନ୍ଦ୍ରପୂଜା କରିଛନ୍ତି। ସୁଦର୍ଶନ କର ଇନ୍ଦ୍ର ଦେବତାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ନେହେରୁ ଗଡତ୍ୟା, ହରେରାମ ନାଏକ, ମଣ୍ଟୁ ସାହୁ, ପାହାନ୍ତ କୁଅଁର, ଲୁକେନ୍ଦ୍ର ବକୁଳ, ବାଞ୍ଛାନିଧି ରାଉତ, ନିତ୍ୟାନନ୍ଦ ବାଗ, ମନୁ ବକୁଳ, କବିରାଜ ସାହୁ, ବଂଶୀ ରାଉତ, କୁନୁ ବାଗ, ଗୌରାଙ୍ଗ ପାଣ୍ଡେ ପ୍ରମୁଖ ସହଯୋଗ କରିଥଲେ। ସୁରତି ମାଝୀ ଓ ରାଶେଶ୍ୱରୀ କୁଅଁରଙ୍କ ନେତୃତ୍ୱରେ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । ଏହି ଅବସରରେ ହାତିସରା ସମେତ ନାଇକେନସିରା, ସାରସବାହାଲ, ଟେବଡାମୁଣ୍ଡା, ସରଗଡା, ବଡଗୋଁମୁଣ୍ଡା, ସମରା, ଲୁର୍କି, ଗୁନିପାଲି, ବୁରୋମାଲ, ମହିପୁର ଓ ତୁଷୁରାର ଧରୁଆପଡାର ଚାଷୀଗଣ ଉପସ୍ଥିତ ଥିଲେ।



ସୂଚନାନୁସାରେ ଆରମ୍ଭରୁ ବର୍ଷା ହୋଇଥିବା ବେଳେ ଚାଷୀ ତଳିପକାଇ ଧାନରୁଆ କାର୍ଯ୍ୟ ଆରମ୍ଭ ହୋଇଥିଲା; ହେଲେ ଏବେ ବର୍ଷା ଅଭାବ ହେବାରୁ ଚାଷୀଙ୍କ ଜମି ଶୁଖିଲା ପଡିଛି; ଯେଉଁ ଜମିରେ ଜଳସେଚନ ସୁବିଧା ରହିଛି ସେଠାରେ ଧାନଚାଷ ବଞ୍ଚିଥିବା ବେଳେ ବର୍ଷାଜଳକୁ ଆଶ୍ରା କରିଥିବା ଜମିମାନେ ଏବେ ଶୁଖିଲାପଡିଛି। ଦୁଇତିନି ଦିନ ମଧ୍ୟରେ ଭଲବର୍ଷା ନ ହେଲେ ବ୍ଲକର ଦେଓଗାଁ ମୁଖ୍ୟାଳୟ ସମେତ ହାତିସରା, କୁତୁର୍ଲା, ଗାଇବାହାଲ, ଉଡାର, ବନ୍ଧପଡା, ବ୍ରାହ୍ମଣୀଯୋର, ସିଂହାମୁଣ୍ଡା, ଦେଷଣ୍ଡ, ଲଣ୍ଡାପଥର, ମକୁନ୍ଦପୁର, ଉପରଝର, ମହଲାଇ ଆଦି ପଞ୍ଚାୟତର ହଜାର ହଜାର ହେକ୍ଟର ଜମିରେ ହୋଇଥିବା ଧାନଚାଷ ନଷ୍ଟ ହୋଇଯିବା ନିଶ୍ଚିତ ହୋଇଛି।

# ଉଦ୍ଭାବନ ଓ ନୂଆ ଉଦ୍ୟୋଗ ପ୍ରତିଯୋଗିତା



କଣ୍ଟାବାଞ୍ଜି,୨୦।୮ (ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟରେ ଉଦ୍ଭାବନ ଓ ନୂଆ ଉଦ୍ୟୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପରୀ ଅଗ୍ରୱାଲ ପ୍ରଥମ, ପାୟଲ ଜୈନ ଦ୍ୱିତୀୟ ଓ ବୈଷ୍ଣୋ ଗୋୟଲ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକ ରୂପେ ଉଦ୍ୟୋଗୀ ଦୁଖିଶ୍ୟାମ ରାଏ ଓ ନୂଆ ଉଦ୍ୟୋଗ ଆରମ୍ଭ କରିଥିବା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଇଶା ଗୋହିଲ ଯୋଗଦେଇ ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ। ଅଧ୍ୟାପକ ଯୁଧିଷ୍ଠିର ବେହେରା, ଜିତେନ୍ଦ୍ର ସୁନା, ସୋମନାଥ ମେହେର, ଅଧ୍ୟାପିକା ସୁନନ୍ଦା ରଥ, ଲିପନିତା ପଧାନ, ନିରବତି ପଧାନ, ସୁନେନା ବେହେରା, ଧରାଶ୍ରୀ ମହାନ୍ତି, ରଶ୍ମି ରମିତା ମେହେର, ଗ୍ରନ୍ଥାଗାର ରକ୍ଷକ ସନ୍ତୋଷ ମହାନ୍ତି, କର୍ମଚାରୀ ସନ୍ତୋଷ ତ୍ରିପାଠୀ, ନାଜନୀନ ପରମାର, ବିବେକା ସାହୁ, ଲୀନା ଖଟୁଆ, ତପନ ସତନାମୀ, ହିତେଶ ରଣା, ଖେଳ ଶିକ୍ଷୟତ୍ରୀ ଙଞ୍ଜୁ ବଞ୍ଜୋର ପ୍ରମୁଖ ସହଯୋଗ କରିଥିଲେ।

# ସଚେତନତା ରଥର ଶୁଭାରମ୍ଭ



ଖପ୍ରାଖୋଲ,୨୦।୮ (ସମିସ): ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସଂପର୍କିତ ସଚେତନା ରଥର ଶୁଭାରମ୍ଭ କରାଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଙ୍କଜିନୀ ତରାସିଆ, ପ୍ରଶାନ୍ତ ନନ୍ଦ, ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ବ୍ରାହ୍ମଣ ମହାସଭାର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୨୦।୮ (ସମିସ): ଜିଲ୍ଲା ବ୍ରାହ୍ମଣ ମହାସଭାର ସାଧାରଣ ପରିଷଦ ବୈଠକ ବଲାଙ୍ଗିର ନରସିଂହ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଶିବ ଶଙ୍କର ଖୁଆସଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂପାଦକ ବରିଷ୍ଠ ଆଇନଜୀବୀ ଜୟରାମ ମିଶ୍ର ଗତ ଅଧିବେଶନର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଆୟବ୍ୟୟର ହିସାବ ଦାଖଲ କରିଥିଲେ। ବରିଷ୍ଠ ଉପଦେଷ୍ଟା ନୀଳମଣି ମିଶ୍ର, ନରେନ୍ଦ୍ର ଆ.ର୍ଯ୍ୟ, କସ୍ତୁରୀ ରଥଙ୍କ ଉପସ୍ଥିତିରେ ସଭା କାର୍ଯ୍ୟ ହୋଇଥିଲା। ସେପ୍ଟେମ୍ବରରେ ବାମନ ଜୟନ୍ତୀ ତଥା ସମୂହ ତିଳତର୍ପଣ ଆୟୋଜିତ ହେବ। ଏଥିଲାଗି ପଣ୍ଡିତ କିଶୋର ମିଶ୍ର, ଗୋକୁଳାନନ୍ଦ ମିଶ୍ର, ସନ୍ତୋଷ ଶତପଥୀ, ଶିବ ଶଙ୍କର ଖୁଆସଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଅକ୍ଟୋବରରେ ବର୍ତ୍ତମାନର କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ପୂରି ଯିବ। ଏଣୁ ନୂତନ ମିଟି ଗଠନ ପାଇଁ ପଦକ୍ଷେପ ନେବା ପାଇଁ ମୁଖ୍ୟ ଉପଦେଷ୍ଟା ନିଳମଣି ମିଶ୍ରଙ୍କୁ ଅନୁରୋଧ କରାଯାଇଛି। ସେହିଭଳି ନୂଆଁଖାଇ ଭେଟ ଘାଟ ଉପଲକ୍ଷେ ସୋମନାଥ ମିଶ୍ରଙ୍କୁ ଅନୁରୋଧ କରାଯାଇଛି।

ମଧୁସୁଦନ ନାୟକ, ଅଶୋକ ପାଣ୍ଡିଆ, ନିଳମଣି ମିଶ୍ର, ପର୍ଶୁରାମ ନାୟକ, କସ୍ତୁରୀ ରଥ, ନରେନ୍ଦ୍ର ଆ.ର୍ଯ୍ୟ, ସଂକୀର୍ତ୍ତନ ତ୍ରିପାଠି, କିଶୋର ପୁରୋହିତ, କୁମୁଦିନି ମିଶ୍ର, ନିହାରିକା ମିଶ୍ର, ଗିରିଶ ଚନ୍ଦ୍ର ପଣ୍ଡା, ଜଗଦୀଶ ପ୍ରସାଦ ନାଥ, ପଦ୍ମନେତ୍ର ଗୁରୁ, ପ୍ରଦୀପ ଖମାରି, ଆଶୁତୋଷ ମିଶ୍ର, ଲୋକନାଥ ନେପାକ, ରାଜଶ୍ରୀ ତ୍ରିପାଠୀ, ଦିବାକର ହୋତା, ମନୋରଂଜନ ପୁରୋହିତ, ସୋମନାଥ ମିଶ୍ର, ସର୍ଜନ ଆ.ର୍ଯ୍ୟ, ରାକେଶ ପଣ୍ଡା, ଶିଦ୍ଧେଶ୍ୱର ପାଣିଗ୍ରାହୀ, ବିଧୁଭୂଷଣ ତ୍ରିପାଠି, ଲକ୍ଷ୍ମୀ ପ୍ରସାଦ .ନ୍ଦ, ଶୁଭେନ୍ଦ୍ର ନେପାକ, ଯୋଗେଶ୍ୱର ପଣ୍ଡା, ସୁବ୍ରତ ରଞ୍ଜନ ମିଶ୍ର, ନିଳାଚଳ ହୋତା, ସୁରେଶ ମିଶ୍ର, ରଞ୍ଜିତ ପ୍ରଧାନ, ମୁକେଶ ପ୍ରଧାନ, ରଞ୍ଜିତା ପାଣିଗ୍ରାହୀ ସମେତ ଅନେକ ସଭ୍ୟ ଉପସ୍ଥିତ ଥିଲେ।

## ସାମ୍ବାଦିକ ସମ୍ମିଳନୀରେ ଡବଲ ଇଞ୍ଜିନ ସରକାରକୁ ବିଜେଡିର ଚେତାବନୀ

# ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ନ ହେଲେ ଆନ୍ଦୋଳନ

ବଲାଙ୍ଗିର,୨୦।୮ (ସମିସ)




ବଲାଙ୍ଗିରରେ କୃଷି ବିଶ୍ୱ ବିଦ୍ୟାଳୟକୁ ନେଇ ବିଜେଡି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିକୁ ଟାର୍ଗେଟ କରିଛି। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମ ଓଡ଼ିଶାରେ କେନ୍ଦ୍ରୀୟ କୃଷି ବଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତିକୁ ବିଜେପି ସ୍ୱାଗତ କରିଥିଲା। ଏହାକୁ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ ଏବଂ କଂଗ୍ରେସର ପୂର୍ବତନ ବିଧାୟକ ନରସିଂହ ମିଶ୍ର କିନ୍ତୁ ପ୍ରତିବାଦ କରିଥିଲେ।

ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। ଏଭଳି ସ୍ଥିତିରେ ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂଦେଓଙ୍କୁ ଉପମୁଖ୍ୟମନ୍ତ୍ରୀ ପଦବୀ ସହ କୃଷି ବିଭାଗ ମିଳିବା ପରେ ଏହି ଆଶା ପୁଣି ଉଜ୍ଜୀବିତ ହୋଇଥିଲା; କିନ୍ତୁ କିଛି ଦିନ ପୂର୍ବରୁ ସମ୍ବଲପୁରରେ ପ୍ରସ୍ତାବିତ କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟ ନେଇ ଲୋକସେବା ଭବନରେ କୃଷିମନ୍ତ୍ରୀଙ୍କ ଆଲୋଚନା ପରେ ଏବେ ବିଜେଡି ତାଙ୍କୁ ଟାର୍ଗେଟ କରିଛି। ଦୀର୍ଘଦିନର ଦାବି ପୂରଣ କରିବା ଦିଗରେ କୃଷିମନ୍ତ୍ରୀ ଗୁରୁତ୍ୱ ଦେବା ବଦଳରେ ସମ୍ବଲପୁର ପାଇଁ ଏତେ ଖୁସି କାହିଁକି ବୋଲି ବଲାଙ୍ଗିରରେ ବିଜେଡି ପ୍ରଶ୍ନ କରିଛି। ସାଂସଦ ଗତ ନିର୍ବାଚନ ସମୟରେ କୃଷି ବିଶ୍ୱବିଦ୍ୟାଳୟ କଥା ଉଠାଇଥିବା ବେଳେ ଏବେ ସେ କାହିଁକି ଚୁପ୍ ବୋଲି ବିଜେଡି ପ୍ରଶ୍ନ କରିଛି। ଏନେଇ ସାଂସଦ ଓ କୃଷି ମନ୍ତ୍ରୀ ଉତ୍ତର ରଖିବାକୁ ବିଜେଡି ଦାବି କରିଛି।

ପୂର୍ବରୁ ବିଧାୟକ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅସନ୍ତୋଷ ପ୍ରକାଶ କରି ସାରିଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ମଧ୍ୟ ଅସନ୍ତୋଷ ଜାହିର କରିଥିଲେ। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ବିଜେଡି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ବିଜେଡି ଯୁବ ସଭାପତି ରାଜେନ୍ଦ୍ର ହୋତା, ଛାତ୍ର ନେତା ସୁମନ ନନ୍ଦ, ବରିଷ୍ଠ ବିଜେଡି ନେତା ପ୍ରଭାସ ପାଣିଗ୍ରାହୀ, ବିଧୁ ଭୂଷଣ ତ୍ରିପାଠୀ, ଶମ୍ଭୁ ନାଗ, ପ୍ରଦ୍ୟୁତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ସୀମାନ୍ତରେ ଓଡ଼ିଆ ଭାଷା ଶିକ୍ଷା

# ଛତିଶଗଡ଼ ଅଞ୍ଚଳରେ ଓଡ଼ିଆ ଶିକ୍ଷାକୁ ପ୍ରୋତ୍ସାହିତ କରାଯିବ

ନୂଆପଡା,୨୦।୮ (ସମିସ):ଓଡିଶା ସୀମାନ୍ତରେ ଥିବା ରାଜ୍ୟଗୁଡିକରେ ଓଡ଼ିଆ ଭାଷାଭାଷୀ ଲୋକଙ୍କ ମାତୃଭାଷା ଶିକ୍ଷାକୁ ଗୁରୁତ୍ୱ ଦେବାକୁ ଜାତୀୟ ଶିକ୍ଷା ନୀତିରେ ଗୁରୁତ୍ୱ ଦିଆଯାଇଥିବା ବେଳେ ସୀମାନ୍ତରେ ଶିକ୍ଷା ବିଭାଗ ଅଧିକାରୀ ଅନୁଧ୍ୟାନ କରୁଛନ୍ତି। ପଡୋଶୀ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତରଫରୁ ପଡୋଶୀ ରାଜ୍ୟ ଛତିଶଗଡ଼ ଅନ୍ତର୍ଗତ ଦେଓଭୋଗ ଓ ମେନପୁର ବ୍ଲକ୍‌ର ସ୍କୁଲମାନଙ୍କରେ ଅଧ୍ୟାପନାରତ ଓଡ଼ିଆ ଶିକ୍ଷକ ଏବଂ ଓଡ଼ିଆ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟରେ ଭାଷା ଶିକ୍ଷାକୁ ଅନୁଧ୍ୟାନ କରିବା ପାଇଁ ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଏକ କ୍ଷେତ୍ରୀୟ ଦଳ ଗସ୍ତ କରିଥିଲେ। ଉକ୍ତ ଦଳ ପ୍ରଥମଦିନରେଦେଓଭୋଗବ୍ଲକ୍‌ର୭ଟିସ୍କୁଲପରିଦର୍ଶନ କରିଥିଲେ। ଓଡ଼ିଆ ଭାଷା କହୁଥିବା ଓ ଓଡ଼ିଆ ଭାଷାକୁ ସମ୍ମାନ ପ୍ରଦର୍ଶନ କରୁଥିବା ଅଭିଭାବକ,ଛାତ୍ରଛାତ୍ରୀଙ୍କ ମଧ୍ୟରେଦଳରସଦସ୍ୟଭାବବିନିମୟକରିଓଡ଼ିଆଭାଷା ପ୍ରତି ଆଗ୍ରହ ସୃଷ୍ଟି କରାଇଥିଲେ। ଓଡ଼ିଶା ସରକାରଙ୍କ ପ୍ରାଥମିକ ନିର୍ଦ୍ଦେଶକଙ୍କ ଯାଞ୍ଚ ସୂଚୀ ଅନୁଯାୟୀ ଅଧ୍ୟୟନ ଓ ଅଧ୍ୟାପନାରତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ତଦାରଖ କରିବା ସହିତ ଓଡ଼ିଆ ଭାଷା ଶିକ୍ଷାର ସ୍ଥିତି ଅନୁଧ୍ୟାନ କରିଥିଲେ। ଗରିଆ ବନ୍ଧ ଜିଲ୍ଲା ଦେଓଭୋଗ ବ୍ଲକ୍‌ର ବିଭିନ୍ନ ଗ୍ରାମବାସୀଙ୍କ ସହିତ ମଧ୍ୟ ଉକ୍ତ ଦଳ ଆଲୋଚନା କରିଥିଲେ ଏବଂ ସ୍ଥାନୀୟ ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ କଥାବାର୍ତ୍ତା କରୁଥିବା ପରିଲକ୍ଷିତ କରିଥିଲେ।ଓଡ଼ିଆ ଭାଷାକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଯାଞ୍ଚ ଦଳ ସୂଚନା ଦେଇଥିଲେ। ଉକ୍ତ ଅନୁଧ୍ୟାନ ଦଳ ନୂଆପଡ଼ା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ଼. ରେଶମଲାଲ ନାଏକଙ୍କ ନେତୃତ୍ୱରେ ଗସ୍ତ କରିଥିବା ବେଳେ ଦଳରେ ସିନାପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯତୀନ୍ଦ୍ର ସେଠ୍, ଉତ୍କଳ ସମ୍ମିଳନୀ ନୂଆପଡ଼ା ଜିଲ୍ଲାଶାଖା ସଭାପତି ଡ଼ଃ ସୁଶାନ୍ତ କୁମାର ବିଶି ଓ ସମ୍ମିଳନୀ ଇସି ମେମ୍ବର ଦିଲ୍ଲୀପ କୁମାର ନାଏକ୍ ପ୍ରମୁଖ ଥିଲେ। ସୂଚନା ଯୋଗ୍ୟ ଯେ ଉତ୍କଳ ସମ୍ମିଳନୀ ତରଫରୁ ଛତିଶଗଡ଼ ସୀମାନ୍ତରେ ଦେଓଭୋଗ ଏବଂ ମୈନପୁର ବ୍ଲକରେ ମୋଟ ୧୬ଟି ବିଦ୍ୟାଳୟରେ ଓଡ଼ିଆ ପାଠ୍ୟକ୍ରମ ସ୍ୱେଚ୍ଛାସେବୀ ନିଯୁକ୍ତ ହୋଇଥିବା ବେଳେ ପାଠ ପଢ଼ାଉଛନ୍ତି।


ଶିକ୍ଷା ବିଭାଗର ଜିଲ୍ଲାସ୍ତରୀୟ ଦଳର ଅନୁଧ୍ୟାନ

ବେଆଇନ ସାର ବୋଝେଇ ପିକ୍‌ଅପ ଜବତ

# ଚାଲାଣ ପଛରେ ବଙ୍ଗୀୟ ମକା ମାଫିଆଙ୍କ ହାତ

କୋକସରା,୨୦।୮ (ସମିସ): କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସିମାନ୍ତ ଗୋତମୁଣ୍ଡା ଅଠରନଳା ଘାଟିରୁ ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ବନ ବିଭାଗ ପକ୍ଷରୁ ୟୁରିଆ ସାର ବୋଝେଇ ପିକ୍‌ଅପ୍‌କୁ ଜବତ କରି ଆମପାଣି ଥାନାରେ ଜିମା ଦିଆଯାଇଛି।ଏହି ବେଆଇନ ସାର ବୋଝେଇ ପିକ୍‌ଅପ୍ ଧର୍ମଗଡ଼ ବ୍ଲକ୍ ଛଞ୍ଚାଣବାହାଲୀ ଗ୍ରାମରୁ ନବରଙ୍ଗପୁର ଜିଲ୍ଲାକୁ ଚାଲାଣ ହେଉଥିବା ତଦନ୍ତ ପରେ ଜଣାପଡ଼ିଛି।ସୂଚନା ଅନୁସାରେ, ମଙ୍ଗଳବାର ରାତିରେ ଆମପାଣି ଓ ବେହେରା ବନ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ସିମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଗରନଳା ଘାଟିରେ ପାଟ୍ରୋଲିଂ କରୁଥିବା ବେଳେ ୟୁରିଆ ସାର ବୋଝେଇ ପିକ୍‌ଅପ୍ ନଂ ଓଡି୦୮ ୱାଇ -୫୫୩୩କୁ ଅଟକାଇ ତଲାସି କରାଯାଇଥିଲା। ଏହି ସମୟରେ ଡ୍ରାଇଭର ଫେରାର ହେଉଥିବା ବେଳେ ତାଙ୍କୁ ବନବିଭାଗ କାବୁ କରି ନେଇଇଥିଲେ। ଡ୍ରାଇଭରକୁ କାଗଜପତ୍ର ମାଗିବାରୁ କୌଣସି କାଗଜପତ୍ର ଦେଖାଇ ପାରି ନଥିବାରୁ ଗାଡ଼ିକୁ ଜବତ କରି ଆମପାଣି ଥାନାରେ ଅଟକ ରଖାଯାଇଛି। ବୁଧବାର ସକାଳେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତେବେ ତଦନ୍ତ ପରେ ଜଣାପଡିଛି ଯେ ଧର୍ମଗଡ଼ ବ୍ଲକ୍ ଛଞ୍ଚାଣବାହାଲୀ ଠାରୁ ନବରଙ୍ଗପୁର ଜିଲ୍ଲାକୁ ଚାଲାଣ ହେଉଥିବା ଏହି ପିକ୍‌ଅପ୍‌ରୁ ୬୦ ବସ୍ତା ୟୁରିଆ ସାର ଥିବା ସୂଚନା ମିଳିଛି। ଅନ୍ୟପଟେ ଏହି ବେଆଇନ ସାର ଚାଲାଣ ପଛରେ ଜଣେ ବଙ୍ଗୀୟ ମକା ଦଲାଲଙ୍କ ହାତ ରହିଥିବା ଆଲୋଚନା ହେଉଛି। ପୂର୍ବରୁ ମଧ୍ୟ ବେହେରା ଅଞ୍ଚଳର ଜୈନିକ ସାର ବେପାରୀ ଓ କୋକସରା ଅଞ୍ଚଳରୁ ବଙ୍ଗୀୟ ମକା ମାଫିଆ ଟ୍ରନ୍ ଟ୍ରନ୍ ୟୁରିଆ ସାର ନବରଙ୍ଗପୁର ଜିଲ୍ଲାକୁ ଚାଲାଣ କରୁଥିବା ନେଇ 'ସକାଳ' ରେ ବାରମ୍ବାର ଖବର ପ୍ରକାଶ ପାଇଛି। ତଥାପି କୃଷି ବିଭାଗ ପକ୍ଷରୁ ଗୁରୁତ୍ୱ ନଦେଇ ବେଆଇନ ସାର କାରବାର କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଯାହାରଫଳ ସ୍ୱରୂପ ଆଜି କଳାହାଣ୍ଡି ଜିଲ୍ଲାରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଯାହାଫଳରେ ଜିଲ୍ଲାର ଚାଷୀମାନେ ସାର ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କି ଧାର୍ଯ୍ୟ ମୂଲ୍ୟରୁ ଦୁଇଗୁଣ ଅଧିକ ଦୂରରେ ଚାଷୀ ୟୁରିଆ ସାର କିଣି ଶୋଷଣର ଶିକାର ହେଉଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ ଧର୍ମଗଡ଼ ଓ କୋକସରା ଅଞ୍ଚଳରୁ ନବରଙ୍ଗପୁର ଜିଲ୍ଲାକୁ ଦୈନିକ ଶହ ଶହ କୁଇଣ୍ଟାଲ ୟୁରିଆ ସାର ଚୋରା ଚାଲାଣ କଳାହାଣ୍ଡିର ଚାଷୀଙ୍କୁ ଚିନ୍ତା ବଢ଼ାଇ ଦେଇଛି। ଏଣେ ଲୋକ ଦେଖାଣିଆ ଭାବେ ଗୋଟିଏ ଦୁଇଟି ଗାଡ଼ିକୁ ଜବତ୍ କରି ପ୍ରଶାସନ ବାଃ ବାଃ ନେଉଥିବା ବେଳେ ଶୁଖିଲା ପୋଖରୀ ମାଛଧରା ଚାଲିଛି ବୋଲି ଲୋକ ଆଲୋଚନା କଲେଣି। ଏନେଇ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଉପଯୁକ୍ତ କାଗଜ ପତ୍ର ଦେଖାଇଲା ପରେ ଗାଡ଼ି ଛଡାଯିବ ବୋଲି କହିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ସାର ବୋଝେଇ ପିକଅପ୍‌ରେ ଚାଲାଣ ରିସିଭ ଓ କ୍ରୟ ରିସିବ ନଥିବା ବେଳେ ଗୋଟିଏ ଦିନ ପରେ ରିସିଭ ଦେଇ ଗାଡି ନେଇଯିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।



● ସେପ୍ଟେମ୍ବର ୨ରେ ମାଣିକେଶ୍ୱରୀ ପୀଠରେ ନବାନ୍ନ ଲାଗି

## ଦିନ ଓ ସମୟ ଧାର୍ଯ୍ୟ କଲେ ମହାରାଜା

ଭବାନୀପାଟଣା,୨୦।୮( ସମିସ): ପଶ୍ଚିମ ଓଡ଼ିଶାର ମହାନ କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଆସନ୍ତା ୨୮ ତାରିଖ ଦିନ ସମଗ୍ର ପଶ୍ଚିମ ଓଡିଶାରେ ପାଳିତ ହେଉଥିବା ବେଳେ କଳାହାଣ୍ଡିର ଅଧିଷ୍ଠାତ୍ରି ଦେବୀ ମାଁ ମାଣିକେଶ୍ୱରୀଙ୍କ ଠାରେ ଆସନ୍ତା ସେପ୍ଟେମ୍ବର ୨ତାରିଖ ଦିନ ମା'ଙ୍କ ଠାରେ ନବାନ୍ନ ଲାଗି ହେବ। ଏ ନେଇ କଳାହାଣ୍ଡି ମହାରାଜା ଅନନ୍ତ ନାରାୟଣ ସିଂହ ଦେଓ ତାରିଖ ଓ ସମୟ ଧାର୍ଯ୍ୟ କରି ନୋଟିସ ଜାରି କରିଛନ୍ତି। କଳାହାଣ୍ଡି ଗଡ଼ଜାତ ଅଞ୍ଚଳ ଭାବେ ପରିଚିତ ଭବାନୀପାଟଣା, ଲାଞ୍ଜିଗଡ଼, ଜୟପାଟଣା, ଥିଆମୁଳ ରାମପୁର, ଯୁଗସାଏ ପାଟଣା ଆଦି ଅଞ୍ଚଳରେ କେଉ ଆଦିମ କାଳରୁ ମାଣିକେଶ୍ୱରୀଙ୍କ ନବାନ୍ନ ଦିନ ହିଁ ନବାନ୍ନ ଭକ୍ଷଣ କରିଆନ୍ତି। ଆସନ୍ତା ସେପ୍ଟେମ୍ବର ୨ ତାରିଖ ମଙ୍ଗବାର ସକାଳ ୮.୪୫ ମିନିଟ୍ ଗତେ ଓ ୯.୩୦ମଧେ ମା ମାଣିକେଶ୍ୱରୀଙ୍କ ପୀଠ ରେ ନବାନ୍ନ ଲାଗି ପାଇଁ ସମୟ ସ୍ଥିରୀକୃତ ହେଇଛି। ଉକ୍ତଦିନ ସର୍ବସାଧାରଣଙ୍କ ପାଇଁ ଦିବା ୧୦.୫୫ ମିନିଟ୍ ଗଟେ ମଧ୍ୟାନ୍ନ ୧ ଘଣ୍ଟା ମଧ୍ୟରେ ସର୍ବସାଧାରଣ ନିଜ ନିଜ ଇଷ୍ଟ ଦେବୀ, ଗ୍ରାମଦେବୀଙ୍କ ଠାରେ ନବାନ୍ନ ଲାଗିକରି ନବାନ୍ନ ଗ୍ରହଣ କରିପାରିବେ ବୋଲି ଦିନ ଓ ସମୟ କଳାହାଣ୍ଡି ମହାରାଜା ଦିନ ଓ ସମୟ ଧାର୍ଯ୍ୟ କରିଛନ୍ତି।



# ବଦଳିଲା କଳମପୁର ବିସିସି ବ୍ୟାଙ୍କ ଠିକଣା

କଳମପୁର,୨୦।୮ (ସମିସ):କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ୍ ଅଞ୍ଚଳର ଚାଷୀ ଓ ବ୍ୟାଙ୍କ ଗ୍ରାହକଙ୍କ ଚାହିଦା ମୁତାବକ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ଶାଖା କଳମପୁର ଠାରେ ଦୀର୍ଘ ଦିନରୁ କାର୍ଯ୍ୟ କରି ଆସୁଛି। ନିଜସ୍ୱ କାର୍ଯ୍ୟାଳୟ ନ ଥିବାବେଳେ ଏକ ଭଡ଼ା ଘରେ ବ୍ୟାଙ୍କ କାର୍ଯ୍ୟ ଜାରି ରହିଥିଲା। ସେହି ଭଡ଼ା ଘରେ ସ୍ଥାନର ଅଭାବ ହେଉଥିବାରୁ ବ୍ୟାଙ୍କ କର୍ମଚାରୀମାନେ ଗ୍ରାହକଙ୍କୁ ସେବା ଦେବାରେ ଅସୁବିଧା ସୃଷ୍ଟି ହେଉଥିଲା।

ଏନେଇ ଭବାନୀପାଟଣା ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରାଙ୍କ ପ୍ରଚେଷ୍ଟାରେ ଅନ୍ୟ ଜଣେ ମାଲିକଙ୍କ ଘରକୁ ବ୍ୟାଙ୍କ କାର୍ଯ୍ୟାଳୟ ନିର୍ମାଣ କରି ଭଡ଼ା ସୂତ୍ରରେ ପ୍ରଦାନ କରିଛନ୍ତି।ବୁଧବାର ଏହାର ଶୁଭ ଉଦ୍‌ଘାଟନ ହୋଇ ଯାଇଛି।ଏଥିରେ ସଭାପତି ଶ୍ରୀ ବେହେରାଙ୍କ ଉପସ୍ଥିତିରେ ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପାଟଯୋଶୀ, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼,ବ୍ୟାଙ୍କ ସମ୍ପାଦିକା ବନଲତା ଧଳ, ଉପନିବନ୍ଧକ ସମବାୟ ସମିତି ସମୂହ ସ୍ୱରୂପ କୁମାର କର,ନିର୍ଦ୍ଦେଶିକା ମନିଷା ସାହୁ ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା ପୂର୍ବକ ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କଳମପୁର ସମବାୟ ସମିତି ସଭାପତି ଶଙ୍କର୍ଷଣ ବେହେରା,ମଣ୍ଡଳ ସଭାପତି ମହେନ୍ଦ୍ର ଯୋଶୀ,ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ମହେନ୍ଦ୍ର ସାହୁ,ବ୍ୟାଙ୍କ ମ୍ୟାନେଜର ଅନମୋଲ ଖୁଜୁର,କର୍ମଚାରୀ ଜ୍ୟୋତିବ୍ରତ ମିଶ୍ର, ଅକ୍ଷୟ ନାଗ, ପ୍ରତୀକ୍ଷା ମିଶ୍ର,ଏଜିଏମ ବିଶ୍ୱରଂଜନ ସାହୁ, ପୀତବାସ ସାହୁ, ଅବସରପ୍ରାପ୍ତ ଶାଖା ପରିଚାଳକ ସୁବାଷ ପଣ୍ଡା,ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସୁଧାଂଶୁ ମିଶ୍ର,ଘନଶ୍ୟାମ ନାଏକ, ବ୍ଲକ୍ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା,ବିଧାୟକ ପ୍ରତିନିଧି ହିମାଂଶୁ ପଣ୍ଡା, ସୁଶାନ୍ତ ରାଉତ,ବିଜୟ ପଣ୍ଡାଙ୍କ ସମେତ ବଡକୁଟ୍ଟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଷଷ୍ଠୀ ପ୍ରସାଦ ସୁନାନୀ, ମଣ୍ଡଳ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ନାଗ ,କଳମପୁର କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷେତ୍ରମୋହନ ବାଗଙ୍କ ସମେତ ସମସ୍ତ ପ୍ୟାକ୍ସର ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ।ବିଧାୟକଙ୍କ ଯୋଗଦାନ ସହିତ ଦଳିୟ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ। ଶୁଭାରମ୍ଭ ପରେ ବ୍ୟାଙ୍କ ସେବାକାର୍ଯ୍ୟ ଆରମ୍ଭ ହୋଇଛି।




## ଫରଙ୍ଗ ଧାନମଣ୍ଡିରେ ମିତ ଉତ୍ସବ




ଗୋଲାମୁଣ୍ଡା,୨୦।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଧବଳେଶ୍ୱର ପୀଠ ଚୁରା ପାହାଡ ନିକଟସ୍ଥ ଫରଙ୍ଗ ଧାନମଣ୍ଡି ଠାରେ ଭିଏଲଇ ୟୁନିଅନ ଓଡ଼ିଶା କଳାହାଣ୍ଡି ଶାଖା ତରଫରୁ ହେଉଥିବା ମିତ ଉତ୍ସବରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ଅଗଣିତ ଭିଏଲ୍‌ଇ ଭାଇ ଭଉଣୀମାନଙ୍କର ପ୍ରଥମ ଜିଲ୍ଲାସ୍ତରୀୟ ମିତ ଉତ୍ସବରେ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା।କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ମିତ ପାଇଁ ଗଛଟିଏ ଲଗାଇବାର ମୁଖ୍ୟ ଲକ୍ଷ୍ୟ ଥିବା ବେଳେ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁଣ୍ୟ ଉତ୍କଳ ଫାଉଣ୍ଡେସନ ତଥା ମୁଖ୍ୟ ପରାମର୍ଶ ଦାତା ମନୋରଞ୍ଜନ ମହାପାତ୍ର ଯୋଗ ଦେଇ ଥିବା ବେଳେ, ସମ୍ମାନିତ ଅତିଥି ଭାବେ ଡ. ଲିପିକା ଦାସ, ଆୟୁର୍ବେଦିକ ଚିକିତ୍ସକ ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଫରଙ୍ଗ ସରପଞ୍ଚ ଶ୍ରୀମତୀ ହୀରାବତୀ ଭୋଇ, ସଙ୍ଘର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ପାଦକ ମନରଞ୍ଜନ ଦାସ, ବନ ବିଭାଗ ପକ୍ଷରୁ ବନରକ୍ଷୀ ଭିଭୂତି ବାଗ, ଶ୍ରୀମତୀ ସୁନୀତା ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଆଦିତ୍ୟ କୁମାର ମୁଣ୍ଡ ମଞ୍ଚ ପରିଚାଳନା କରିଥିବେ ବେଳେ ଭିଏଲଇ ୟୁନିଅନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନ ବ୍ୟାଙ୍କ ଉନ୍ମୋଚିତ



ଭବାନୀପାଟଣା, ୨୦।୦୮ (ସମିସ): ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୧୮ ତାରିଖରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ପ୍ରଶ୍ନବ୍ୟାଙ୍କ ଉନ୍ମୋଚନ ହୋଇଯାଇଛି। ଛାତ୍ରଛାତ୍ରୀମାନେ ପ୍ରଶ୍ନପତ୍ର ଢାଞ୍ଚା, ପ୍ରଶ୍ନର ପ୍ରସ୍ତୁତି ପ୍ରଣାଳୀ ଓ ପ୍ରଶ୍ନୋତ୍ତର ଅଭ୍ୟାସ ବିଷୟରେ ଜ୍ଞାନ ଅର୍ଜନ କରିବା ସହ ପରୀକ୍ଷା ପ୍ରାକ୍ ପ୍ରସ୍ତୁତି ନିମନ୍ତେ ପ୍ରଶ୍ନ ବ୍ୟାଙ୍କର ଯଥେଷ୍ଟ ଉପାଦେୟତା ଅଛି ବୋଲି ଭାରପ୍ରାପ୍ତ କୁଳପତି ନିଜର ଅଭିମତ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ହସ୍ତରେ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ପ୍ରଶ୍ନପତ୍ର ପୁସ୍ତିକାଗୁଡିକ ଉନ୍ମୋଚନ ହୋଇଛି। ଏହା ସଂପୂର୍ଣ୍ଣ ରୂପେ ଶୈକ୍ଷିକ ଜ୍ଞାନର ଅଭିବୃଦ୍ଧି ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ସମର୍ପିତ। ଉନ୍ମୋଚନ ଉତ୍ସବରେ କୁଳସଚିବ ଡକ୍ଟର ଗୁଣନିଧି ନାଏକ, ଲାଇବ୍ରେରୀର ଭାରପ୍ରାପ୍ତ ଅଫିସର ଡକ୍ଟର ଚିତ୍ରସେନ ଭୁଏ, ଗ୍ରନ୍ଥାଗାରିକ ହିମାଂଶୁ କୁମାର ସାହୁ, ଗ୍ରନ୍ଥାଗାର ଦାୟିତ୍ୱରେ ଥିବା ଅନ୍ୟ କର୍ମଚାରୀ ଅଭିମନ୍ୟୁ ବେମାଲ, ସୁବୋଧ ନାଏକ, ଦିନେଶ କୁମାର ସିଂ, ଶିଶିର କୁମାର ପଟ୍ଟନାୟକ, ନନ୍ଦକିଶୋର ପଟେଲ, ରଜତ କୁମାର ମିଶ୍ର, ଲକି କୁମାର ସାହୁ ତଥା ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସହରୀ ମେନୁରେ ଆଦିବାସୀ ଖାଦ୍ୟ | ବଢୁଛି କରଡ଼ି ଚାହିଦା

ଭବାନୀପାଟଣା,୨୦।୮ (ସମିସ): କରଡ଼ି ବା ବାଉଁଶ ଗଜା ଦିନେ ଏହା ଆଦିବାସୀଙ୍କ ପ୍ରିୟ ଖାଦ୍ୟ ଥିଲା ଏବଂ ଏହା ବିଶେଷ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରିୟ ଖାଦ୍ୟ ଭାବେ ପରିଚିତ ଥିଲା। କିନ୍ତୁ ସମୟାନୁ କ୍ରମେ ସହର ବାସୀଙ୍କ ପ୍ରିୟ ଖାଦ୍ୟ ପାଲଟିଛି। ଫଳରେ ଏହା ଆଦିବାସୀଙ୍କ ଜୀବନ ଜୀବିକାର ଏକ ମାଧ୍ୟମ ପାଲଟିଛି। କରଡ଼ି ଏହା ଆଉ ଆଦିବାସୀ କିମ୍ବା ସହର ମଧ୍ୟରେ ସୀମିତ ନାହିଁ ଏହା ଏବେ ସହରର ବଡ଼ ବଡ଼ ହୋଟେଲ ର ମେନୁରେ ମଧ୍ୟ ସ୍ଥାନ ପାଇଲାଣି। କରଡ଼ି ବା ବାଉଁଶ ଗଜା ଆଷାଢ଼ ମାସରୁ ବାଉଁଶ ଗଛ ମୁଳରୁ ଗଜା ସୃଷ୍ଟି ହୋଇ ଥାଏ ଏହାକୁ ଆଦିବାସୀ ସଂଗ୍ରହ କରି ଛୋଟ ଛୋଟ ଖଣ୍ଡ କରି କରଡ଼ି କରିଥାନ୍ତି। ଏହାକୁ ଆଦିବାସୀମାନେ ସହରକୁ ଆଣି ୧୦/୨୦ଟଙ୍କା ଭାଗରେ ବିକ୍ରୀ କରିଥାନ୍ତି। ସହରବାସୀ ବର୍ଷକୁ ଥରେ ମିଳୁଥିବା ଜଙ୍ଗଲି ଖାଦ୍ୟକୁ କିଣି ଘରେ ତରକାରୀ, ଭଜା କରି ଖାଇଥାନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ କରଡ଼ି ରେ ଭରପୁର ଭିଟାମିନ, କଲ୍ସିୟମ ଓ ମିନିରାଲ ରହିଛି ଯାହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ଭିଟାମିନ ମିଳିଥାଏ। ଏବେ କରଡ଼ି ଭୁବନେଶ୍ୱରରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ବିଭନ୍ନ ହୋଟେଲରେ ମେନୁ ପାଲଟିଛି।



## କଂଗ୍ରେସ ଭବନରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ




ଭବାନୀପାଟଣା,୨୦।୮ (ସମିସ): କଳାହାଣ୍ଡି ଜିଲ୍ଲା କଂଗ୍ରେସ କମିଟି ଦ୍ୱାରା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତ ରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ରାଜୀବଗାନ୍ଧୀ ପଂଚାୟତୀ ରାଜ ସଂଗଠନ ର ରାଜ୍ୟ ସାଧାରଣ ସମ୍ପାଦକ ସରୋଜ ବାଗ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସଭାପତି ଜୟଦେବ ନାଏକ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବ୍ରଜ ସାହୁ, ବରିଷ୍ଠ କଂଗ୍ରେସ ନେତା କୁମୁଦ ପଟନାୟକ,ଚନ୍ଦ୍ରଶେଖର ଯୋଶୀ, ନାରୀ ନେତ୍ରୀ ପ୍ରମିଳା ବାତ୍ରା, ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ଛାତ୍ର କଂଗ୍ରେସ ସଭାପତି ଶୁଭମ ଦୁର୍ଗା, ବରିଷ୍ଠ କଂଗ୍ରେସ ନେତା ସିଦ୍ଧାର୍ଥ ନାୟକ, ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ ଇନ୍ଦ୍ରଜିତ ମହାକୁଡ଼, କଂଗ୍ରେସ ନେତା ଭାଗବତ ଯାଦବ, ପ୍ରିତମ ବେହେରା, ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ରହି ରାଜୀବଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କାରେ ଛାତ୍ରୀ ମୃତ

କେସିଙ୍ଗା,୨୦।୮ (ସମିସ): ଝିଅ କଲେଜ ଯାଇଛି କହି ଅଚିନ୍ତାରେ ଘରଲୋକ ରହିଥିବା ବେଳେ ହଠାତ ଫୋନ୍ ଆସିଲା ଯେ ତମ ଝିଅର ଦୁର୍ଘଟଣା ଘଟିଛି ଶୀଘ୍ର ଆସ। କେସିଙ୍ଗା ଥାନା ଏନ୍‌ଏଚ ୨୬ କଡ଼ରେ ଥିବା ସୁକନାଭଟା ଗ୍ରାମରେ ମୁହାଁମୁହିଁ ବାଇକ୍ ଧକ୍କା ହେବା ଫଳରେ ଦୁଇ ଜଣ ଗୁରୁତର ଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁଇ ଗୁରୁତରଙ୍କ ମଧ୍ୟରୁ ଛାତ୍ରୀ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। କେସିଙ୍ଗା ବ୍ଲକ୍ କସ୍ତୁପଡ଼ା କଲେଜରେ ପାଠପଢି ବାଇକ୍ ଯୋଗେ କେସିଙ୍ଗାକୁ ଆସୁଥିବା ବେଳେ ସୁକନାଭଟା ଗ୍ରାମ ପାଖରେ ବିପରୀତ ଦିଗରୁ ଆସୁଥିବା ଆଉ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସି କଲେଜରୁ ଫେରୁଥିବା ଛାତ୍ରୀ କେସିଙ୍ଗା ୱାର୍ଡ ନଂ ୯ ର ଶ୍ରଦ୍ଧାଞ୍ଜଳି ମାଝୀ(୧୮) ବାଇକ୍‌ରୁ ଛିଟିକିପଡ଼ି ଗୁରୁତର ହେଇଛନ୍ତି। ତାଙ୍କ ସହିତ ବାଇକ୍ ପଛ ପଟେ ବସିଥିବା କେସିଙ୍ଗା ବଗାଡ ଗ୍ରାମର ମନୋଜ ସାହୁ(୨୦) ମଧ୍ୟ ଗୁରୁତର ଅଛନ୍ତି। କିନ୍ତୁ ବାଇକ୍ ଚାଳକ ଶିବ ସାହୁ(୧୮) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁଇ ଜଣ ଗୁରୁତରଙ୍କୁ କେସିଙ୍ଗା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ସେଠାରେ ଛାତ୍ରୀ ଶ୍ରଦ୍ଧାଞ୍ଜଳିଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଘଟଣା ସ୍ଥଳରେ କେସିଙ୍ଗା ପୁଲିସ ପହଞ୍ଚି ବାଇକ୍ ଜବତ କରି ତଦନ୍ତ କରୁଛି।

# ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

କଳମପୁର,୨୦।୮ (ସମିସ): କଳମପୁର ଅମୋହମଣୀ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ କଲେଜ ମୁଖ୍ୟ ଗେଟ୍ ଠାରୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ବର୍ଣ୍ଣାଢ୍ୟ ପରିବେଶରେ ପ୍ରେମଶିଳା ପାତ୍ର ଓ ଜୟଲକ୍ଷ୍ମୀ ହାତୀ ଫୁଲ ଚନ୍ଦନ ଦେଇ ପାଛୋଟି ନେଇଥିଲେ। ଏହି ଅବସରରେ ଅଧ୍ୟକ୍ଷ ବିରଞ୍ଚି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଦୁଇ ଜଣ ନୂତନ ଭାବେ ଯୋଗଦାନ କରିଥିବା ପିଜିଟି ଓ ଦୁଇ ଅତିଥି ଅଧ୍ୟାପିକାଙ୍କୁ ଅନୁଷ୍ଠାନ ଅଧ୍ୟକ୍ଷ ଶ୍ରୀ ମାଝୀ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଛାତ୍ରୀ ପ୍ରେମଶୀଳା ପାତ୍ର ଓ ଅର୍ଚ୍ଚନା ଧଙ୍ଗଡାମାଝିଙ୍କ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା।ଛାତ୍ରୀ ତିଲୋତ୍ତମା ବେହେରା, ସୁପ୍ରିୟା ଲୋହରା, ହେମାଙ୍ଗିନି ନାଏକ, ପ୍ରିୟଙ୍କ ମାଝୀ ଯୋଗ ଦେଇଥିଲେ। ଭୂଗୋଳ ବିଭାଗ ଅଧ୍ୟାପକ ବିଭୁତି ଭୁଷଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଅର୍ଥନୀତି ବିଭାଗ ଅଧ୍ୟାପକ ମଳୟ ମହାକୁଡ଼ ଧନ୍ୟବାଦ ଦେଇଥିଲେ।



# ଉପାନ୍ତ ଅଞ୍ଚଳରେ ସାମୂହିକ ଗୃହପ୍ରବେଶ କାର୍ଯ୍ୟକ୍ରମ

ନୂଆପଡ଼ା,୨୦।୮ (ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ ଭାରୁଆମୁଣ୍ଡ ପଞ୍ଚାୟତରେ ପିଏମ୍ ଜନ ମନ ଏବଂ ପିଏମଏୱାଜି ଯୋଜନା ଅନ୍ତର୍ଗତରେ ୧୦୦ଟି ଗୃହର ସାମୂହିକ ଗୃହପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଭରୁଆମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସଭା ହୋଇଥିଲା। ଗୃହପ୍ରବେଶ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁରମି ସୋରେନ,ଜିଲ୍ଲାପରିଷଦ ସଦସ୍ୟ ଭରତଲାଲ ରାଉତ ,ବ୍ଲକ୍ ଅଧକ୍ଷ୍ୟା ତରେଶ୍ୱରୀ ସାହୁ , ବ୍ଲକ୍ ଉପାଧକ୍ଷ ଦିଲୀପ ନିର୍ମଳକର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତା ଭୋଇ ,ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ତଥା ଅନ୍ୟ ଜିଲ୍ଲା ଏବଂ ବ୍ଲକ୍‌ସ୍ଥରୀୟ ଅଧିକାରୀ ଗଣ ଯୋଗ ଦେଇଥିଲେ। ଭରୁଆମୁଣ୍ଡା ପଞ୍ଚାୟତରେ ମଞ୍ଜୁରି ହୋଇଥିବା ୩୯୧ଟି ଗୃହ ମଧ୍ୟରୁ ଏଯାବତ ୩୫୫ ଜଣ ହିତାଧିକାରୀ ନିଜର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ସମସ୍ତ ହିତାଧିକାରୀଙ୍କୁ ଜିଲ୍ଲାପାଳ ଅଭିନନ୍ଦନ ଜଣାଇଥିଲେ।୪ ମାସ ଏବଂ ୬ ମାସ ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଥିବା ୫ ଜଣ ହିତାଧିକାରୀଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। ପରେ ପଞ୍ଚାୟତ ପରିସରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଭବାନୀପାଟଣା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ହଟହଟା

# ଶୌଚାଳୟ ସଫାବେଳେ ବାହାରିଲା ମୋବାଇଲ ଓ କପଡା

ଭବାନୀପାଟଣା,୨୦।୮ (ସମିସ)

ଭବାନୀପାଟଣା ସହରରେ ଗତ ଦେଢ଼ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ବସ୍ ଟର୍ମିନାଲର ସ୍ଥିତି ବିଗିଡିବା ଆରମ୍ଭ କରିଛି। କେଉଁଠି ପାଣି ଗଳୁଛି ତ ବାରମ୍ବାର ଶୌଚାଳୟ ସମସ୍ୟା ମୁଣ୍ଡବିନ୍ଧାର କାରଣ ସାଜିଛି। ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବସ୍ ଷ୍ଟାଣ୍ଡରେ ଥିବା ଉଭୟ ମହିଳା ଓ ପୁରୁଷ ଶୌଚାଳୟର ମଇଳା ନିଷ୍କାସନ ପାଇପ ଜାମ୍ ହେବା ଯୋଗୁଁ ମରାମତି ନାଁରେ ଦୀର୍ଘ ଦିନ ବନ୍ଦ କରାଯାଇଥିଲା। ତେବେ ପରିତାପର ବିଷୟ ହେଲା ଏକା ଥରକେ ଉଭୟ ମହିଳା ଓ ପୁରୁଷ ଦୁଇଟି ଶୌଚାଳୟକୁ ବନ୍ଦ କରିଦେବା ଯୋଗୁଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ମହିଳାଙ୍କୁ ଅଧିକ ଅସୁବିଧାର ସାମ୍ନା କରିବାକୁ ପଡୁଛି। ବସ୍ ପଛ ପଟେ ଯାଇ ଶୌଚ ବା ପରିସ୍ରା କରିବା ଦ୍ୱାରା ପରିବେଶ ଅଧିକ ନଷ୍ଟ ହେଉଛି। ପୌର ପରିଷଦ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ପରେ ବୁଧବାର ଶୌଚାଳୟକୁ ମରାମତି କରାଯାଇଛି। ତେବେ ମଇଳା ଯାଉଥିବା ପାଇପରୁ ଦୁଇଟି ମୋବାଇଲ ଫୋନ ଏବଂ ବିଣ୍ଡା ବିଣ୍ଡା କନା ଛୋଟ ଛୁଆଙ୍କ ହ୍ୱିସ୍ୱର ଭିତରୁ ବାହାରିଛି। ଯଦି ମଇଳା ଯାଉଥିବା ପାଇପରେ ଏତେ ସବୁ ଜିନିଷ ପ୍ରବେଶକରେ ମଇଳା ଜାମ ହେବା ନିଶ୍ଚିତ। ଭବାନୀପାଟଣା ବସ୍ ଟର୍ମିନାଲର ସଫେଇ ଠାରୁ ଆରମ୍ଭକରି ପରିଚାଳନା ପାଇଁ ଟେଣ୍ଡର ପାଇଥିବା ସଂସ୍ଥା ମାଲିକଙ୍କ ସହ ଯୋଗାଯୋଗ ହୋଇପାରୁନି। ବସ୍ ଟର୍ମିନାଲରେ ଏହି ଗୋଟିଏ ସମସ୍ୟା ନୁହେଁ। ବିଦ୍ୟୁତ୍ ସେବା ବ୍ୟାହତ ହେଲେ ସମ୍ପୂର୍ଣ୍ଣ ବସ୍ ଟର୍ମିନାଲ ଅନ୍ଧକାର ହୋଇପଡୁଛି। ସଫେଇ ସହିତ ପରିଚାଳନା ଦାୟିତ୍ୱ ନେଇଥିବା ଫେମସ ସିକ୍ୟୁରୀଟି ସର୍ଭିସକୁ ପୌର ପରିଷଦ ତରଫରୁ ଚିଠି କରାଯାଇଛି ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ବସ୍ ଟର୍ମିନାଲର ପରିଚାଳନାରେ ଘୋର ତ୍ରୁଟି ରହିବା କାରଣରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି ଏବଂ ସୁନ୍ଦର ରୂପେ ଗଢ଼ା ଯାଇଥିବା ବସ୍ ଟର୍ମିନାଲର ଗାରିମା ଆଞ୍ଚଳବାସୀଙ୍କ ଗର୍ବ ଗୌରବ ପ୍ରତି ଆଞ୍ଚ ଆସୁଛି ବୋଲି ମତ ପ୍ରକାଶ ପାଉଛି।



# ସମ୍ପାଦକୀୟ



ଜଣେ ବ୍ୟକ୍ତିର ପଡ଼ୋଶୀ ବେରୋଜଗାର ହେଲେ 'ପାରିପାର୍ଶ୍ୱିକ-ସ୍ଥାଣୁତା' ସୃଷ୍ଟି ହୁଏ, ନିଜେ ସେହି ପରିସ୍ଥିତିରେ ପଡ଼ିଲେ ତା' ପାଇଁ ଅବସାଦ ଜନ୍ମ ନିଏ।
-ଏଚ୍ ଏସ୍ ଟ୍ରୁମ୍ୟାନ୍

ସକାଳ THE SAKALA

## ଚାପରେ ନେତାନ୍ୟାହୁ

ରୁଷ – ୟୁକ୍ରେନ ଯୁଦ୍ଧ ଓ ଗାଜାପଟିରେ ଇସ୍ରାଏଲର ନରସଂହାର ରୋକିବା ସକାଶେ ଯେଉଁ ପ୍ରୟାସ ଚାଲିଛି ତାହାର ପୃଷ୍ଠଭାଗରେ ଅଛି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ ଶାନ୍ତି ପୁରସ୍କାର ହାସଲର ମହତ ଆକାଂକ୍ଷା। ତେଣିକି ସେ ଯୁଦ୍ଧ ବିରତି ହେଉ ବା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା। ଏଠାରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେରିକାର ପ୍ରତ୍ୟକ୍ଷ ସାମରିକ ସାହାଯ୍ୟ ବିନା ନା ୟୁକ୍ରେନ ନା ଇସ୍ରାଏଲ ଅଧିକ ଦିନ ଯୁଦ୍ଧ ଜାରି ରଖିବା ସମ୍ଭବ ନୁହେଁ। ଏକଥା ସତ ଯେ ଟ୍ରମ୍ପଙ୍କ ଆଶୀର୍ବାଦ ବିନା ଏହି ଦୁଇଟି ଯୁଦ୍ଧ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ୨୨ ମାସ ଧରି ଇସ୍ରାଏଲ ଚଳାଇଥିବା ହମାସ ବିରୋଧୀ ନରସଂହାର ଏବଂ ଯୁଦ୍ଧର ଭୟଙ୍କର ତାଡ଼ନାରେ ମରିଯାଉଥିବା ଜନଜୀବନକୁ ସୁରକ୍ଷା ଦେବା ସକାଶେ ବିଶ୍ୱ ଜନମତ ସୃଷ୍ଟି ହୋଇଛି। ଗୋଟିଏ ପକ୍ଷରେ କ୍ଷମତାରେ ତିଷ୍ଠି ରହିବା ସକାଶେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଯୁଦ୍ଧକୁ ଲମ୍ବା ସମୟ ଧରି ଜାରି ରଖିବାକୁ ଚାହୁଁଥିବା ବେଳେ ଇସ୍ରାଏଲରେ ଗାଜା ଯୁଦ୍ଧର ପରିସମାପ୍ତି ଦାବି କରି ପ୍ରତିବାଦର ସ୍ୱର ଦିନକୁ ଦିନ ଶାଣିତ ହେବାର ଲାଗିଛି। ଅନ୍ୟପକ୍ଷରେ ଆମେରିକାର ଯେଉଁ ୟୁରୋପୀୟ ମିତ୍ର ରାଷ୍ଟ୍ର ଇସ୍ରାଏଲକୁ ସମର୍ଥନ ଓ ସାହାଯ୍ୟ ଯୋଗାଇ ଆସୁଥିଲେ ସେମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ସପକ୍ଷରେ ଇଂଲଣ୍ଡ ଓ ଫ୍ରାନ୍ସ ସ୍ପଷ୍ଟ ମତ ଦେଇଥିବା ବେଳେ ଜର୍ମାନୀର ଚାନସେଲର ଇସ୍ରାଏଲକୁ ସାମରିକ ସହାୟତା ଯୋଗାଣ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ଏଭଳି ଏକ ପ୍ରତିକୂଳ ପରିସ୍ଥିତିରେ ରୁଷ ଓ ଚୀନର ଭୂମିକା ନେଇ ନେତାନ୍ୟାହୁ ଚିନ୍ତା ପ୍ରକଟ କରିଛନ୍ତି।

ଆମେରିକା ପ୍ରୋତ୍ସାହନରେ ମିଶରର ରାଜଧାନୀ କାଇରୋରେ କାତାର ଉପସ୍ଥିତିରେ ଆରମ୍ଭ ହୋଇଥିବା ଯୁଦ୍ଧ ବିରତି ଆଲୋଚନାରେ ହମାସ ପ୍ରତିନିଧି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିକ୍ରିୟା ଶୂନ୍ୟ ଅବସ୍ଥାରେ ଇସ୍ରାଏଲ ପରିସ୍ଥିତି ଉପରେ ନଜର ରଖିଛି। ଖୁବ୍‌ଶୀଘ୍ର ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ୱିଟକଫ କାଇରୋରେ ଆସି ପହଞ୍ଚିଥିବାର ଖବର ମିଳିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏହି ପ୍ରସ୍ତାବିତ ଅସ୍ତ୍ରବିରତି ପ୍ରତି ଟ୍ରମ୍ପଙ୍କ ସମର୍ଥନ ରହିଛି। ଗାଜାପଟିରେ ଉପୁଜିଥିବା ମାନବୀୟ ସଙ୍କଟର ଜରୁରୀ ଅବସାନ ପାଇଁ ପଡୁଥିବା ଚାପକୁ ଆମେରିକା ଆଉ ବେଶୀଦିନ ପ୍ରତିରୋଧ କରିବା ସମ୍ଭବ ନୁହେଁ। ଏହି ୨୨ ମାସ ଧରି ଚାଲିଥିବା ଯୁଦ୍ଧରେ ମହିଳା ଓ ଶିଶୁଙ୍କ ସମେତ ୬୫ ହଜାର ଲୋକଙ୍କ ଗାଜାପଟିରେ ମୃତ୍ୟୁ ଘଟିଥିବା ବେଳେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆନ୍ତର୍ଜାତିକ ସମୁଦାୟ ପକ୍ଷରୁ ଆସୁଥିବା ରିଲିଫ ଖାଦ୍ୟ ସାମଗ୍ରୀ ଓ ଔଷଧପତ୍ରର ଗତିରୋଧ କରାଯାଇଥିବାରୁ ଭୟଙ୍କର କ୍ଷୁଧା ନିପୀଡ଼ନର ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ପ୍ରସ୍ତାବିତ ଯୁଦ୍ଧ ବିରତି ସର୍ତ୍ତ ଅନୁଯାୟୀ ୬୦ ଦିନ ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ବିନା ସଂଶୋଧନରେ ହମାସ ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ପ୍ରଥମ ପର୍ଯ୍ୟାୟରେ ୧୦ ଇସ୍ରାଏଲ ବନ୍ଧକ ଓ କିଛି ମୃତଦେହ ପ୍ରଦାନ ସପକ୍ଷରେ ମତବ୍ୟକ୍ତ ପ୍ରକାଶ ପାଇଛି। ୨୦୨୩ ଅକ୍ଟୋବରରେ ହମାସ ୨୫୧ ପଣବନ୍ଦୀଙ୍କ ଅଟକ ରଖିବା ଘଟଣାରେ ଗାଜାପଟି ଦଖଲ ଉଦ୍ୟମ ଆରମ୍ଭ କରିଥିଲା ଇସ୍ରାଏଲ। ସମାନଙ୍କ ମଧ୍ୟରୁ ୨୭ ମୃତକଙ୍କ ସହ ୪୯ ଜଣ ଏବେ ମଧ୍ୟ ଗାଜାରେ ଅଟକ ଅଛନ୍ତି। ଏହା ଅବଶ୍ୟ ଇସ୍ରାଏଲ ସାମରିକ ବାହିନୀର ଦାବି। ଏଥିରୁ ସ୍ପଷ୍ଟ ଯେ ପଣବନ୍ଦୀଙ୍କ ମଧ୍ୟରୁ କେତେ ଜୀବିତ ଓ ମୃତ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ। ଇସ୍ରାଏଲ ପାଇଁ ବନ୍ଦୀଙ୍କ ମୁକ୍ତି ଏକ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତଙ୍କୁ ମୁକ୍ତ କରିବାର ପ୍ରତିଶ୍ରୁତି ଦେଇଛି ଜିହାଦୀ ସଂଗଠନ। ସମସ୍ୟାର ସାମାଧାନର ଏକ ବୃହତ୍ତର ଦିଗ ଉପରେ ଆପୋସ ଆଲୋଚନାର ପଥ ପରିଷ୍କାର ହେବା ଉଚିତ। ମିଶର ଓ କାତାରର ଏହି ପ୍ରସ୍ତାବ ପ୍ରତି ହମାସର ସବୁଗୋଷ୍ଠୀ ସମର୍ଥନ ଓ ସହଯୋଗ କରୁଥିବାର ସ୍ପଷ୍ଟ ସୂଚନା ମିଳିଛି।

କାଇରୋ କଥାବାର୍ତ୍ତା ଆରମ୍ଭର ପ୍ରାୟ ଏକ ସପ୍ତାହ ପୂର୍ବରୁ ଇସ୍ରାଏଲ କ୍ୟାବିନେଟର ନିରପତ୍ତା କମିଟି ବୈଠକର ଗାଜାସିଟି ଓ ନିକଟସ୍ଥ ଶରଣାର୍ଥୀ ଶିବିର ଉପରେ ବ୍ୟାପକ ଆକ୍ରମଣ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କିନ୍ତୁ ତେଲ୍ ଆଭିଭ୍, ଜେରୁଜେଲମ ଓ ଅନ୍ୟାନ୍ୟ ସହରରେ ଗାଜାଯୁଦ୍ଧ ବନ୍ଦ ଦାବିରେ ରବିବାର ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ଯୁଦ୍ଧ ବଦଳରେ ପଣବନ୍ଦୀଙ୍କ ମୁକ୍ତି ପାଇଁ ହମାସ ସହ ଆପୋସ ଆଲୋଚନାରେ ଉପନୀତ ହେବାକୁ ନେତାନ୍ୟାହୁ ସରକାରଙ୍କ ଉପରେ ସେମାନେ ଚାପ ପ୍ରୟୋଗ କରିଛନ୍ତି। କ୍ୟାବିନେଟ ନିରାପତ୍ତା କମିଟି ନିଷ୍ପତ୍ତିର ତୀବ୍ର ବିରୋଧ କରିଛନ୍ତି ଏହି ବିକ୍ଷୋଭକାରୀ। ତେଲ୍‌ଆଭିଭ୍‌ର ପଣବନ୍ଦୀ ଛକରେ ବନ୍ଧକଙ୍କ ଫଟୋଚିତ୍ର ଉପରେ ଜାତୀୟ ପତାକା ଘୋଡ଼ାଇ ରଖାଯାଇଛି। ଏହି ଯୁଦ୍ଧ ଘନଘଟା ମଧ୍ୟରେ ପ୍ରତିବାଦର କେନ୍ଦ୍ରବିନ୍ଦୁ ପାଲଟିଛି ଏହି ଛକ। ସେମାନେ ଟାୟାରରେ ନିଆଁଜାଳି ପ୍ରତିବାଦ କରୁଥିବା ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅବଶ୍ୟ ପୁଲିସ ସେମାନଙ୍କ ମଧ୍ୟରୁ ୩୦ ଜଣଙ୍କୁ ଗିରଫ କରିଛି। କିନ୍ତୁ ନେତାନ୍ୟାହୁ କହିଛନ୍ତି ଯେ ଏହି ପ୍ରତିବାଦ ଓ ଆନ୍ଦୋଳନ ହାମାସଙ୍କୁ ସାହସ ଯୋଗଇବ। ପଣବନ୍ଦୀଙ୍କ ମୁକ୍ତି ଅଧିକରୁ ଅଧିକ ବିଳମ୍ବିତ ହେବ। ଏତେ ବାଦ ବିବାଦ ମଧ୍ୟରେ ଇସ୍ରାଏଲ ବାହିନୀ ଦିନକୁ ଦିନ ଯୁଦ୍ଧ ସକାଶେ ନିରୁତ୍ସାହିତ ହୋଇଛନ୍ତି। ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ସରକାରୀ ଚାପର ବଶବର୍ତ୍ତୀ ହୋଇ ଯୁଦ୍ଧରେ ଲିପ୍ତ ଅଛନ୍ତି।

ଇସ୍ରାଏଲ ଏଥିମଧ୍ୟରେ ଇରାନ ସମର୍ଥନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ୟେମେନ୍ ସହରର ରାଜଧାନୀ ସାନା ସହରରେ ଅବସ୍ଥାନ କରୁଥିବା ହାଉଥି ବିଦ୍ରୋହୀଙ୍କ ଉପରେ ଆକ୍ରମଣ କରିଛି। ଏଠାରେ ସୂଚାଇ ଦିଆଯାଇପାରେ ଯେ ଗାଜା ଯୁଦ୍ଧବେଳେ ହାଉଥି ଇସ୍ରାଏଲ ଉପରେ ଘନ ଘନ ଆକ୍ରମଣ କରିଥିଲା। ଇରାନର ସହଯୋଗୀ ହୋଇଥିବାରୁ ଦୁଇ ପରସ୍ପର ବିରୋଧୀଙ୍କ ମଧ୍ୟରେ କ୍ରମାଗତ ଛକାପଞ୍ଝା ଲାଗି ରହିଥିଲା। ଏହି ଅତର୍କିତ ଆକ୍ରମଣରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି ସତ କିନ୍ତୁ ପାଲଟା ପଦକ୍ଷେପ ସ୍ୱରୂପ ୭୦ କ୍ଷେପଣାସ୍ତ୍ର ମାଡ ସାଙ୍ଗକୁ ୨୨ ଡ୍ରୋନରୁ ହାଉଥିବ ମଧ୍ୟ କିଛି କମ ବିପର୍ଯ୍ୟୟ ଘଟାଇନାହିଁ।

ୱିଟକଫ କାଇରୋରେ ପହଞ୍ଚିବା ପରେ ଯୁଦ୍ଧ ବିରାମ ଆଲୋଚନା ଗତି ନେବ ବୋଲି ଆଶା କରାଯାଇଛି। ଇସ୍ରାଏଲ ମଧ୍ୟ ଏହି ପ୍ରକ୍ରିୟାରୁ ଦୂରେଇ ରହିବା ସମ୍ଭବ ହେବ ନାହିଁ। ମଧ୍ୟପ୍ରାଚ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ଇସ୍ରାଏଲର ଭୂମିକା ଯେ ମୁଖ୍ୟ ପ୍ରତିବନ୍ଧକ ତାହାକୁ ଆଖିବୁଜା ସମର୍ଥନ ଦେଇଥିବା ୟୁରୋପୀୟ ରାଷ୍ଟ୍ର ବୁଝିବାକୁ ଆରମ୍ଭ କଲେଣି। ପାଲେଷ୍ଟାଇନ ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ପଥ ପରିଷ୍କାର କରିବାକୁ କୂଟନୈତିକ ସ୍ତରରେ ଆରମ୍ଭ ହୋଇଥିବା ଉଦ୍ୟମ ପଛରେ ମୁଖ୍ୟ ପ୍ରତିବନ୍ଧକ ହେଉଛି ଇସ୍ରାଏଲ। ଗାଜାପଟି ଆକ୍ରମଣ ପଛରେ ଥିବା ନେତାନ୍ୟାହୁଙ୍କ ଅହଂକାର ଓ ଷଡ଼ଯନ୍ତ୍ରମୂଳକ କାର୍ଯ୍ୟକଳାପ କ୍ରମେ ସ୍ପଷ୍ଟ ହେବାରେ ଲାଗିଛି। ବିଶେଷ କରି କ୍ରୂରତା ଓ ନୃଶଂସତାର ଶେଷସୀମାରେ ପହଞ୍ଚିଥିବା ଇହୁଦୀ ଲବିର ପ୍ରାଧାନ୍ୟ ବୃଦ୍ଧି ପାଇଁ ପାଶ୍ଚାତ୍ୟ ଶକ୍ତି ମଧ୍ୟପ୍ରାଚ୍ୟରେ ଏତେ ବିପୁଳ ଅର୍ଥ ବିପର୍ଯ୍ୟୟ କରିବାର କୌଣସି ଯଥାର୍ଥତା ନାହିଁ।

# ବହିଃପ୍ରକୃତିର ଆହ୍ୱାନ ଓ ଅନ୍ତଃପ୍ରକୃତିର ସମ୍ବେଦନ

**ମନୋରଞ୍ଜନ ମହାନ୍ତି**

ଏକ ରେଳ ଦୁର୍ଘଟଣା ପରେ ରେଳ ଧାରଣାରୁ ଉଦ୍ଧାର କରାଯାଇଥିବା ଏକ ନୋଟବୁକ୍‌ରେ ଦେଖିବାକୁ ମିଳିଥିଲା ଅନେକ କବିତା- ପ୍ରେମର, ବିଷାଦର, ଗୋଟେ ସମ୍ପର୍କର ଉତ୍‌ଥାନ ଆଉ ପତନର। କବିତାଗୁଡ଼ିକ ସହିତ ଥିଲା ଲାଲ୍, ନୀଳ, ସବୁଜ, ବାଇଗଣୀ ରଙ୍ଗରେ ଅଙ୍କା ହୋଇଥିବା ଅନେକ ଚିତ୍ର। କବିଙ୍କର ନାଁ ଲେଖା ନ ଥିଲା। କବି ଜୀବିତ କି ନୁହଁ ଜଣାପଡୁ ନ ଥିଲା। ବଙ୍ଗଳା ଭାଷାରେ ଲିଖିତ ସେଥିମଧ୍ୟରୁ ଏକ କବିତାର ଓଡ଼ିଆ ମର୍ମାନୁବାଦ ହେଉଛି - 'ଛୋଟ ଛୋଟ ବାଦଲ ବର୍ଷା ସୃଷ୍ଟି କରେ, ଛୋଟ ଛୋଟ କାହାଣୀ ପ୍ରେମ ସୃଷ୍ଟି କରେ।' ଏପରି ଏକ ସମ୍ବାଦ ଜାତୀୟ ଖବରକାଗଜରେ ପଢ଼ିଲା ପରେ ପାଠକମାନଙ୍କ ମନକୁ ଆସୁଛି ସବୁଯୁଗରେ କବିମାନଙ୍କ ଭାବ-ଆବେଗର କଥା, ମଣିଷର ବହିଃପ୍ରକୃତିରେ ବାଦଲରୁ ବର୍ଷା, ଅନ୍ତଃପ୍ରକୃତିରେ କାହାଣୀରୁ ପ୍ରେମର କଥା।

ଭାରତର ମହାନ୍ ଲେଖକ କାଳିଦାସଙ୍କ ରଚିତ 'ମେଘଦୂତମ୍'ରେ ରହିଛି ମୌସୁମୀ, ହରିଣ, ମୀନ-ଚରିତ୍ର, ବାଦଲ-ଦୂତର ବର୍ଣ୍ଣନା। କାଳିଦାସଙ୍କୁ ସେଥିପାଇଁ ପ୍ରଥମ ପରିବେଶକର୍ମୀ ଭାବରେ ବିଚାର କରାଯାଇପାରେ। 'ସେଣ୍ଟ: ଏ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ଫ୍ରାଗ୍ରାନ୍ସ' ପୁସ୍ତକର ରଚୟିତା ପ୍ରାଣୀବିଜ୍ଞାନୀ ଏଲିସ୍ ଭର୍ଣ୍ଣନ୍ ପର୍ଲ୍‌ଷ୍ଟାଇନ୍‌ଙ୍କ ମତରେ ପଶ୍ଚିମ ଆମେରିକାରେ ମରୁଭୂମିରେ ବର୍ଷା ହେଲେ ଗୋଟେ ବାସ୍ନା ଖେଳିଯାଏ। ୱିଲିୟମ୍ ସେକ୍ସପିୟର୍ ବହିଃ-ପ୍ରକୃତି ଦ୍ୱାରା ଗଭୀର ପ୍ରଭାବିତ ହୋଇଥିଲେ। ଯେଉଁ ପ୍ରକୃତିର ତୋଫାନ, ଶୀତର କାହାଣୀ, ଫୋନିକ୍ସ ପକ୍ଷୀ, କବୁତର ପକ୍ଷୀ, ରମଣୀୟ ସ୍ଥଳ ଇତ୍ୟାଦି ଲଣ୍ଡନର ଥିଏଟର୍‌ରେ ସ୍ଥାନ ପାଇଥିଲା। ଯଦିଓ ସେ ଲାଭେଣ୍ଡର୍, କାର୍ନେସନ୍, ଥାଇମ୍ ଇତ୍ୟାଦି ସମ୍ପର୍କରେ ଲେଖିଥିଲେ, ତଥାପି ଗୋଲାପ ଥିଲା ତାଙ୍କର ସବୁଠାରୁ ପ୍ରିୟ ଫୁଲ। ଦୃଢ଼ତାପୂର୍ବକ ସେ ଲେଖିଥିଲେ, 'ସବୁ ଫୁଲ ମଧ୍ୟରେ, ମୁଁ ଭାବୁଛି, ଗୋଲାପ ହେଉଛି ଶ୍ରେଷ୍ଠ।' ବିଂଶ ଶତାବ୍ଦୀର ଚିତ୍ରକାର ଫ୍ରିଡ଼ା କାହ୍‌ଲୋ ଜଣେ ମୌଳିକ କଳାକାର ଥିଲେ, ଯିଏ ମାନଦଣ୍ଡଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲେ, କିନ୍ତୁ ବହିଃପ୍ରକୃତି ସହିତ କଳାର ଗଭୀର ସମ୍ବନ୍ଧକୁ ବଜାୟ ରଖିଥିଲେ। ନିଜର ପରିଚୟକୁ ଗୁରୁତ୍ୱ ଦେବା ଲାଗି ମେକ୍ସିକୋରେ ତାଙ୍କ ବଗିଚାକୁ ଦେଶୀ ବନସ୍ପତିରେ ଭରି ସଜାଇଥିଲେ। ନିଜ ପଗଡ଼ିରେ ବୋଗେନ୍‌ଭିଲିଆ, ଲେଣ୍ଟାନା ଫୁଲ ଖୋସିବା ସହିତ ବନସ୍ପତି, ଫଳର ଚିତ୍ର ଆଙ୍କିଥିଲେ, ଯେଉଁଥିପାଇଁ ମୁଣ୍ଡ ଚାରିପଟେ ପତଙ୍ଗମାନେ ଗୁଞ୍ଜନ କରୁଥିଲେ।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଇଂରାଜୀ ଭାଷା ସାହିତ୍ୟର ପ୍ରଫେସର୍ ଫିଓନା ଷ୍ଟାଫୋର୍ଡ କହନ୍ତି, ବହିଃପ୍ରକୃତି ମାନବ ବିଚାରକୁ ପ୍ରଭାବିତ କରେ। ଆଇଜାକ୍ ନିଉଟନ୍‌ଙ୍କଠାରୁ ଷ୍ଟିଭ୍ ଜବ୍ସଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହା ପ୍ରେରିତ ଓ ଉତ୍ସାହିତ କରିଛି। ୱିଲିୟମ୍ ୱାର୍ଡ୍ସୱାର୍ଥ, ରବର୍ଟ୍ ବର୍ଣ୍ଣ୍‌ସ୍‌ଙ୍କ ଭଳି ଲେଖକମାନଙ୍କ ଲେଖାରେ ତାଙ୍କର ଖୁବ୍ ରୁଚି। ତାଙ୍କ ମତରେ ଯେଉଁ ସଂସ୍କୃତିଗୁଡ଼ିକ ଲିଖିତ ଶବ୍ଦ ଉପରେ ବିଶେଷ ନିର୍ଭର କରୁ ନ ଥିଲା, ସେଥିରେ ଗଛ, ପର୍ବତ, ନଦୀ ଭଳି ପ୍ରାକୃତିକ ବିଶେଷତା ବା ବୈଶିଷ୍ଟ୍ୟ ଲୋକମାନଙ୍କୁ ସ୍ଥାନ, ସ୍ଥିତି, ଅବସ୍ଥିତି ବୁଝିବାରେ ସାହାଯ୍ୟ କରିବା ପାଇଁ ଅତ୍ୟାବଶ୍ୟକ, ଅନିବାର୍ଯ୍ୟ ଥିଲା। ଲୋକଙ୍କ ଜୀବନକୁ ପ୍ରାକୃତିକ ଘଟଣାଗୁଡ଼ିକ ଗୋଟେ ନିର୍ଦ୍ଦିଷ୍ଟ ରୂପ, ଆକୃତି, ଆକାର ଦାନ କରିଥାଏ। ଯେଉଁ ବ୍ୟକ୍ତି ସମୁଦ୍ର କୂଳରେ ବା ପାହାଡ଼ରେ ବା ନଗରର ଏକ ପାର୍କ ନିକଟରେ ବାସ କରନ୍ତି, ତାଙ୍କର ବିଚିତ୍ର ପ୍ରାକୃତିକ ବିଶେଷତା ବା ଲକ୍ଷଣ ସହିତ ସଂଯୁକ୍ତ ବିଭିନ୍ନ ସ୍ମୃତି ନିଶ୍ଚୟ ରହିଥାଏ।

ପାଶ୍ଚାତ୍ୟ ସଂସ୍କୃତିରେ ଆପଲ୍ ବା ସେଓ ହେଉଛି ଏକ ମୂଳଭୂତ ପ୍ରତୀକ। ବାଇବେଲ୍‌ରେ ଏଡେନ୍ ବଗିଚାରେ ଅଛି ଗୋଟେ ଜ୍ଞାନବୃକ୍ଷ, ଯାହାକୁ କଳା ଓ ସାହିତ୍ୟରେ ଆପଲ୍ ବୋଲି ବୁଝାଯାଏ। ଆମେ ମଧ୍ୟ ଏହାକୁ ଗ୍ରୀକ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ପୁରାଣ କଥାରେ ପାଉ। ଯା'ର ମଧ୍ୟ ଆଧୁନିକ ପ୍ରାସଙ୍ଗିକତା ରହିଛି। ଆଜି ଯେତେବେଳେ କେହି ଜଣେ କହନ୍ତି, 'ଆପଲ୍', ଆମେ ଆଇଫୋନ୍ସ କଥା ଭାବୁ। ଷ୍ଟିଭ୍ ଜବ୍ସ ତାଙ୍କ ଅଭିନବ କମ୍ପାନୀର ପ୍ରତୀକ ଭାବରେ ଏହାକୁ ବାଛିଥିଲେ। ସେ ପ୍ରଭାବିତ ହୋଇଥିଲେ ବୈଜ୍ଞାନିକ ଆଇଜାକ୍ ନିଉଟନ୍‌ଙ୍କ ଦ୍ୱାରା, ଯିଏ ସପ୍ତଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ନିୟମଗୁଡ଼ିକର ଅବଧାରଣା କରିଥିଲେ ଗୋଟେ ଆପଲ୍ ଗଛ ତଳେ ବସିଥିବା ସମୟରେ। ସେ ଦେଖିଲେ ଗୋଟେ ଫଳ ତଳେ ପଡ଼ିଯାଉଛି ଓ ଆଶ୍ଚର୍ଯ୍ୟ ହେଲେ କାହିଁକି ଆପଲ୍‌ଟି ସିଧା ଭୂମି ଉପରେ ପଡୁଛି। ଏହିପରି ଭାବରେ ଆପଲ୍‌ଟି ହେଲା ବୈଜ୍ଞାନିକ ଚିନ୍ତନର ଗୋଟେ ପ୍ରତୀକ ଏବଂ ପରବର୍ତ୍ତୀ ସମୟରେ ବିଏଟଲ୍ସ ଓ ଅନ୍ୟାନ୍ୟ ସାଂସ୍କୃତିକ ପ୍ରତୀକ ଚିହ୍ନ ସହିତ ସଂଯୁକ୍ତ। ବିଏଟଲ୍ ଗୋଷ୍ଠୀ (ପଲ୍ ମ୍ୟାକ୍‌କାର୍ଟ୍‌ନେ, ଜର୍ଜ୍ ହ୍ୟାରିସନ୍, ରିଙ୍ଗୋ ଷ୍ଟାର୍, ଜନ୍ ଲେନନ୍ ପ୍ରମୁଖ) ପ୍ରତିଷ୍ଠା କଲେ ଆପଲ୍ କର୍ପ୍ସ, ଷ୍ଟିଭ୍ ଜବ୍ସ ପ୍ରତିଷ୍ଠା କଲେ ଆପଲ୍ କମ୍ପ୍ୟୁଟର୍‌ସ୍।

ବହିଃପ୍ରକୃତିର ଫୁଲଫଳ କେବଳ ନୁହଁ, ପଶୁପକ୍ଷୀମାନେ ମଧ୍ୟ ମଣିଷର ଚୈତନ୍ୟକୁ ପ୍ରଭାବିତ କରନ୍ତି, ମଣିଷକୁ ଭାବବିଭୋର କରନ୍ତି। ମଣିଷ ଓ ପଶୁପକ୍ଷୀ ପରସ୍ପରର ଭାବକୁ ବୁଝିବି ପାରନ୍ତି। ଗୋଟିଏ ଦୃଷ୍ଟାନ୍ତକୁ ଲକ୍ଷ୍ୟ କରାଯାଉ। କାଟ୍ୟା ଓସ୍‌ବର୍ଣ୍ଣ ଡଗ୍‌ଲାସ୍ ଓ ତାଙ୍କ ପରିବାର ପୋଲାଣ୍ଡରୁ ତାମିଲନାଡୁକୁ ଆସିଥିଲେ। ସମସ୍ତେ ହୋଇଥିଲେ ତିରୁଭନ୍ନମଲାଇରେ ରମଣ ମହର୍ଷିଙ୍କ ଭକ୍ତ। କାଟ୍ୟା ସେଠି ବାଲ୍ୟକାଳ ଅତିବାହିତ କଲେ, ବିଦେଶ ଗଲେ, ଶିକ୍ଷା ସମାପ୍ତ କଲେ, ହଲିଉଡ୍‌ରେ ଅଭିନୟ କଲେ। ପରବର୍ତ୍ତୀ ସମୟରେ ଭାରତକୁ ଫେରିଆସିଲେ, ଯେହେତୁ ସେ ଅରୁଣାଚଳର ସନ୍ଥ ରମଣ ମହର୍ଷିଙ୍କ ବିନା ଜୀବନ କଳ୍ପନା କରିପାରୁନଥିଲେ। ସୌମ୍ୟ, ନିରବ, ଉପଚାରାତ୍ମକ ଓ ଅନିର୍ଣ୍ଣାୟକ ଉପସ୍ଥିତି ବଳରେ ରମଣ ମହର୍ଷି ଅନେକଙ୍କ ଜୀବନକୁ ପ୍ରଭାବିତ କରିଥିଲେ। ମହର୍ଷି କେବେ ଧର୍ମ, ଈଶ୍ୱର ଇତ୍ୟାଦି ସମ୍ପର୍କରେ କହୁନଥିଲେ, ତାଙ୍କ ଦୃଷ୍ଟିରେ ଭରି ରହିଥିଲା ଶ୍ରଦ୍ଧା ଓ କରୁଣାର ଭାବ, ଯେଉଁଥିପାଇଁ ଆଶ୍ରମ ଭିତର ଓ ବାହାରର ପଶୁପକ୍ଷୀମାନେ ତାଙ୍କ ନିକଟକୁ ଆସୁଥିଲେ ଦର୍ଶନ ପାଇଁ ବା କିଛି ପ୍ରଦର୍ଶନ ପାଇଁ। କାଟ୍ୟା କହନ୍ତି, ଥରେ ଗୋଟିଏ ମୟୂର ମହର୍ଷି ରହୁଥିବା କୋଠରି ଭିତରକୁ ଆସି ଉଜ୍ଜ୍ୱଳ ରଙ୍ଗ ପୁଚ୍ଛ ମେଲି କିଛି ସମୟ ପାଇଁ ସୁନ୍ଦର ଭାବରେ ନାଚିଲା ଏବଂ ସନ୍ଥଙ୍କ ଆଖିକୁ ଚାହିଁଲା। ମହର୍ଷି ତାକୁ କହିଲେ, 'ଖୁବ୍ ସୁନ୍ଦର ଥିଲା ନାଚଟି, ତୁମକୁ ଧନ୍ୟବାଦ'। ତା'ପରେ ମୟୂରଟି କୋଠରିରୁ ପ୍ରସ୍ଥାନ କଲା। ମାଙ୍କଡ଼ମାନେ ବେଳେବେଳେ ଆସୁଥିଲେ ସେମାନଙ୍କ ନବଜାତ ଶିଶୁମାନଙ୍କୁ ମହର୍ଷିଙ୍କୁ ଦେଖାଇବା ପାଇଁ। ଥରେ ଖବର ଆସିଲା ଜାଲ ବସାଇ ମାଙ୍କଡ଼ମାନଙ୍କୁ ଧରିବାବାଲା ଆସୁଛନ୍ତି। କିଛି ମାଙ୍କଡ଼ ମହର୍ଷିଙ୍କ ନିକଟକୁ ଆସିଲେ। ମହର୍ଷି ସେମାନଙ୍କୁ ସତର୍କ କରାଇ କହିଲେ, 'ଶୁଣ, ଏପରି ଏକ ଖବର ଆସିଛି। ତେଣୁ ତୁମେ ଯଦି ମାଙ୍କଡ଼ ଧରାଳିଙ୍କଠାରୁ ବଞ୍ଚିବା ପାଇଁ ଇଚ୍ଛା କରୁଛ ତେବେ ଏ ସ୍ଥାନ ଛାଡ଼ି ଅନ୍ୟତ୍ର ପଳାଇଯାଅ'। ଖୁବ୍ ଶୀଘ୍ର ମାଙ୍କଡ଼ଧରାଳିମାନେ ତିରୁଭନ୍ନ ମଲାଇରେ ପହଞ୍ଚିଲେ। କିନ୍ତୁ ସମଗ୍ର ଅଞ୍ଚଳରେ ଗୋଟିଏ ହେଲେ ମାଙ୍କଡ଼ ନଦେଖି ବିସ୍ମିତ ହୋଇଥିଲେ। କିଛିଦିନ ପରେ ମାଙ୍କଡ଼ମାନେ ଆଶ୍ରମ ଓ ତା'ର ପରିବେଶକୁ ଫେରିଆସିଲେ। ଏ କ'ଣ ଗୋଟେ ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ? ମହର୍ଷି ବିଶେଷ କଥା ନକହି ଖୁବ୍ ପ୍ରଭାବୀ ଢଙ୍ଗରେ ମଣିଷ ସମେତ ସମସ୍ତ ପ୍ରାଣୀଙ୍କ ସହିତ ଭାବ ବିନିମୟ କରିପାରୁଥିଲେ। ତାହା ଥିଲା ପ୍ରେମ, ଅନୁରାଗଶୀଳ ଶକ୍ତି, ଯାହାକୁ ସେ ଧାରଣ କରିଥିଲେ, ରକ୍ଷାତ୍ମକ, ଅନେକ ସମୟରେ ବିନୋଦପୂର୍ଣ୍ଣ, ସରସ, ବିଦଗ୍ଧ, ପରିହାସଯୁକ୍ତ, ଶ୍ରଦ୍ଧା ଓ ସେବା ଭାବରେ ପୂର୍ଣ୍ଣ।

ଲେଖକ, କଳାକାର, ପ୍ରକୃତିବାଦୀ ବୁଲ୍‌ବୁଲ୍ ଶର୍ମାଙ୍କ ଲିଖିତ ପୁସ୍ତକ 'ବିଟୁଇନ୍ ହେଭେନ୍ ଆଣ୍ଡ ଆର୍ଥ: ରାଇଟିଂ ଅନ୍ ଦି ଇଣ୍ଡିଆନ୍ ହିଲ୍ସ' ପ୍ରକାଶ ପାଇଛି, ଯାହାର ଅନ୍ତଃସ୍ୱର ହେଉଛି ବହିଃପ୍ରକୃତିର ଆହ୍ୱାନ ଓ ମଣିଷର ଅନ୍ତଃପ୍ରକୃତିର ପ୍ରତିକ୍ରିୟା। ବୁଲ୍‌ବୁଲ୍ ଶର୍ମାଙ୍କ ବାଲ୍ୟକାଳ ଅତିବାହିତ ହୋଇଥିଲା ତତ୍କାଳୀନ ଛୋଟିଆ ସହର ଭିଲାଇର ବଣ, ପାହାଡ଼, ଝରଣା ଭରା ପ୍ରକୃତିର କୋଳରେ। ସେଦିନର ସ୍ମୃତିଗୁଡ଼ିକ ତାଙ୍କ ମନ ଭିତରେ ଗଭୀର ହୋଇଥିଲା। ଯେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କଲେ, ସେହି ଦୃଶ୍ୟଗୁଡ଼ିକୁ ଚିତ୍ରଣ କରିବାକୁ ଇଚ୍ଛା କଲେ। ପରବର୍ତ୍ତୀ ସମୟରେ ସେ ଇଚ୍ଛା କଲେ ସମାନ ଧରଣର ଅନୁଭୂତିଗୁଡ଼ିକୁ ତାଙ୍କର ପିଲାମାନେ ଉପଭୋଗ କରନ୍ତୁ। କିନ୍ତୁ ୧୯୭୦ ଦଶକର ଶେଷାର୍ଦ୍ଧରେ ଭାରତୀୟ ଶିଶୁମାନଙ୍କ ପାଇଁ ସେପରି କୌଣସି ବହି ନ ଥିଲା ଯାହା ସେମାନଙ୍କୁ ଆମ ବନସ୍ପତି, ପଶୁ, ପକ୍ଷୀଙ୍କ ସମ୍ପର୍କରେ କହିପାରିବ। ତେଣୁ ବୁଲ୍‌ବୁଲ୍ ଶର୍ମା ଭାରତୀୟ ପକ୍ଷୀମାନଙ୍କ ସମ୍ପର୍କରେ ସଚିତ୍ର ପୁସ୍ତକଟେ ରଚନା କଲେ। ସେ କହନ୍ତି ଯେ ବହିଃପ୍ରକୃତିର ସୁରଭି ଓ ସୁନ୍ଦରତା ସବୁ ସମୟରେ ତାଙ୍କ ଅନ୍ତଃକରଣକୁ ଆମୋଦିତ, ଆଲୋଡ଼ିତ କରେ।

ସନ୍ଥ ଶିରୋମଣି ଗୋସ୍ୱାମୀ ତୁଳସୀ ଦାସ ସ୍ୱରଚିତ 'ଶ୍ରୀରାମଚରିତ ମାନସ'ରେ ବର୍ଷାଋତୁର ଯେଉଁ ବର୍ଣ୍ଣନା ଦେଇଛନ୍ତି, ସେଥିରେ ବହିଃପ୍ରକୃତି ଓ ମଣିଷର ଅନ୍ତଃପ୍ରକୃତିର ସମାନ୍ତରାଳ ଚିତ୍ର ପ୍ରକଟ ହୋଇଛି। ଆଜି ସମୟର ଆବଶ୍ୟକତା ହେଉଛି, ମଣିଷ ତା'ର ଅନ୍ତଃପ୍ରକୃତିକୁ ସ୍ୱଚ୍ଛ, ସୁନ୍ଦର, ସଂଯତ କରୁ। ବହିଃପ୍ରକୃତିକୁ ସୁରକ୍ଷିତ କରୁ। ତା'ର ଅନ୍ତଃପ୍ରକୃତି ବହିଃପ୍ରକୃତି ଦ୍ୱାରା ପ୍ରେରିତ ହେଉ। ବହିଃପ୍ରକୃତିର ଋତୁଚକ୍ର, ଫୁଲ, ଫଳ, ପଶୁ, ପକ୍ଷୀ, ଅନ୍ୟାନ୍ୟ ସକଳ ଉପାଦାନ ମଣିଷର ଅନ୍ତଃପ୍ରକୃତିର ଉତ୍ତରଣରେ ସହାୟକ ହେଉ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର),
ମୋ: ୯୮୫୩୨୮୨୯୭୨

# ବିକାଶରେ ଗବେଷଣାର ଭୂମିକା

**ଡ. ପ୍ରସନ୍ନ କୁମାର ଗନ୍ତାୟତ**

ଗବେଷଣା ଏକ ନୂତନ ଜ୍ଞାନର ସୃଷ୍ଟି କରିଥାଏ କିମ୍ବା ବିଦ୍ୟମାନ ଜ୍ଞାନର ସୃଜନଶୀଳ ଉପାୟରେ ବ୍ୟବହାର କରିବାରେ ସହାୟକ ହୁଏ। ଏହାଦ୍ୱାରା ନୂତନ ଧାରଣା ଓ ବୁଝାମଣା ସୃଷ୍ଟି ହୋଇପାରେ। ଏଥିରେ ପୂର୍ବ ଗବେଷଣାର ସଂଶ୍ଳେଷଣ ଓ ବିଶ୍ଳେଷଣ ଅନ୍ତର୍ଭୁକ୍ତ ହୋଇପାରେ। ରାଜ୍ୟ କିମ୍ବା ଜିଲ୍ଲାର ବୈଷୟିକ ସଫଳତା ହେଉ କିମ୍ବା ବୈଜ୍ଞାନିକ ସଫଳତା, ଗବେଷଣା ମାନବିକତାକୁ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ।



ଗବେଷଣା ପ୍ରଗତିକୁ ଆଗେଇ ଆଣେ, ଜ୍ଞାନକୁ ବିସ୍ତାର କରେ ଏବଂ ବିଶ୍ୱ ବିଷୟରେ ଆମର ବୁଝାମଣାକୁ ଉନ୍ନତ କରେ। ଏହା ଆମକୁ ଭଲ ନିଷ୍ପତ୍ତି ନେବାରେ, ସମସ୍ୟାର ସମାଧାନ କରିବାରେ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ବିକଶିତ କରିବାରେ ସାହାଯ୍ୟ କରେ। ତେବେ ବିଜ୍ଞାନ, ଔଷଧ ବ୍ୟବସାୟ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଉନ୍ନତି ପାଇଁ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାମାଜିକ ଅସମାନତାକୁ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ଏବଂ ଉପେକ୍ଷିତ ସମ୍ପ୍ରଦାୟର ଜୀବନକୁ ଉନ୍ନତ କରିବା ପାଇଁ ଗବେଷଣାକୁ ବ୍ୟବହାର କରାଯାଇପାରିବ। ସଠିକତା ହେଉଛି ଗବେଷଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ। ଗବେଷଣା ବିଶ୍ଳେଷଣାତ୍ମକ ଏବଂ ସମସ୍ତ ଉପଲବ୍ଧ ତଥ୍ୟ ବ୍ୟବହାର କରେ, ଯାହାଦ୍ୱାରା ଅନୁମାନରେ କୌଣସି ଅସ୍ପଷ୍ଟତା ନ ଥାଏ। ଆଉ ପ୍ରତ୍ୟେକ ପ୍ରଶ୍ନ ସୃଷ୍ଟି କରିବା ସହ ଏକ ନୂତନ ପାଠ ସୃଷ୍ଟି କରେ।

ଶିକ୍ଷାଗତ ଗବେଷଣା ଦ୍ୱାରା ହିଁ ବିକାଶର ଧାରାକୁ ବୁଝିହୁଏ। ଗବେଷଣା ହିଁ ଆମକୁ ସାମାଜିକ ସମସ୍ୟା ବୁଝିବାରେ ବ୍ୟକ୍ତି ବା ସମ୍ପ୍ରଦାୟର ଜୀବନକୁ ଉନ୍ନତି କରିବାରେ ସାହାଯ୍ୟ କରିପାରିବ। ସରକାର, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ କ୍ଷେତ୍ରରେ ନିଷ୍ପତ୍ତି ନେବା ପାଇଁ ଗବେଷଣା ଏକ ବୈଜ୍ଞାନିକ ଆଧାର ପ୍ରଦାନ କରେ। ତେଣୁ ଗବେଷଣା ହିଁ ଅଭିବୃଦ୍ଧିର ରାସ୍ତା ଖୋଲିଥାଏ। ଗବେଷଣା ହେଉଛି ପ୍ରଯୁକ୍ତି ବିଦ୍ୟାର ଉନ୍ନତିର ମୂଳଦୁଆ, ଯାହା ନୂତନ ଉପକରଣ ଉତ୍ପାଦନ ଏବଂ ପ୍ରକ୍ରିୟା ବିକାଶ ଆଡ଼କୁ ନେଇଥାଏ। ଏହା ଆମକୁ ରୋଗ ପାଇଁ ନୂତନ ଚିକିତ୍ସା ବିକାଶ କରିବା, ସ୍ଥାୟୀ ଶକ୍ତି ସମାଧାନ ସୃଷ୍ଟି କରିବା ଏବଂ କୃଷି ପଦ୍ଧତିରେ ଉନ୍ନତି ଆଣିବା ଭଳି ଜଟିଳ ସମସ୍ୟାର ମୁକାବିଲା କରିବାକୁ ସକ୍ଷମ କରିଥାଏ। ଗବେଷଣା ଦ୍ୱାରା ନୂତନ ଶିଳ୍ପ ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟ ହେଇଥାଏ। ସ୍ୱାସ୍ଥ୍ୟ ସେବାରେ ଗବେଷଣା ଜୀବନ ରକ୍ଷାକାରୀ ଚିକିତ୍ସା, ଉନ୍ନତ ରୋଗ ନିର୍ଣ୍ଣୟ ଉପକରଣ ପ୍ରସ୍ତୁତିରେ ସାହାଯ୍ୟ କରିଥାଏ।

ଏତଦ୍‌ବ୍ୟତୀତ ଗବେଷଣା ଏକ ନିଯୁକ୍ତି ସୃଷ୍ଟିକର୍ତ୍ତା ଭାବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜିଲ୍ଲାର ବିକାଶ ସହ ଜଡ଼ିତ ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରିବାରେ ଗବେଷଣା ସାହାଯ୍ୟ କରିଥାଏ। 'ବିକାଶ ରାଜ୍ୟ ଜିଲ୍ଲା' ଏକ ଶବ୍ଦ, ଯାହା ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ, ଯେଉଁଥିରେ ସରକାର ଓ ଅନ୍ୟାନ୍ୟ ସଂଗଠନ ଅର୍ଥନୈତିକ ଏବଂ ସାମାଜିକ ବିକାଶ ଉପରେ ଧ୍ୟାନ ଦେଇ ଥା'ନ୍ତି। ଗବେଷଣା ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରଗୁଡ଼ିକୁ ସୂଚିତ କରିପାରେ, ଯେଉଁଠାରେ ନିର୍ଦ୍ଦିଷ୍ଟ ବିକାଶ କେନ୍ଦ୍ର ଅନ୍ତର୍ଭୁକ୍ତ। ଯାହାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ଅଭିବୃଦ୍ଧି ଓ ଉନ୍ନତିକୁ ପ୍ରୋତ୍ସାହିତ କରେ। ବ୍ୟବସାୟ ଓ ଶିଳ୍ପର ପରିଚାଳନା ଏବଂ ବ୍ୟବସ୍ଥାପନା ସମସ୍ୟାର ଯତ୍ନ ନେବାରେ ଗବେଷଣାର ଅସାଧାରଣ କେନ୍ଦ୍ରୀକରଣ ଅଛି। ବିକାଶ ଯୋଜନା ହେଉଛି ଏକ ଦୃଷ୍ଟିକୁ ବ୍ୟାଖ୍ୟା କରିବା, ଲକ୍ଷ୍ୟ ସ୍ଥିର କରିବା ଏବଂ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର କିମ୍ବା ସଂଗଠନ ପାଇଁ ଇଚ୍ଛାକୃତ ଫଳାଫଳ ହାସଲ କରିବା ପାଇଁ ରଣନୀତି ବର୍ଣ୍ଣନା କରିବା। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ଳେଷଣ କରିବା, ସୁଯୋଗର ଚିହ୍ନଟ କରିବା ଏବଂ ଯୋଜନା ପ୍ରସ୍ତୁତି କରିବା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ, ଯାହା ଗବେଷଣା ବିନା ଅଧୁରା। ଏତଦ୍‌ବ୍ୟତୀତ ଯୋଜନା ପ୍ରସ୍ତୁତ ଦ୍ୱାରା ଜିଲ୍ଲା ଜନସଂଖ୍ୟାର ସାମଗ୍ରିକ ଉନ୍ନତି ପାଇଁ ମୂଲ୍ୟାଙ୍କନ କରାଯାଇପାରେ।

ଆଗାମୀ ଦିନରେ ବୁଦ୍ଧିଜୀବୀ ଆଉ ଯୁବପିଢ଼ି କିପରି ଆଗକୁ ଆସିବେ, ଆଉ ଓଡ଼ିଶା ଗଠନ ସଙ୍କଳ୍ପକୁ ଗବେଷଣାର ମାଧ୍ୟମରେ ଆହୁରି ତ୍ୱରାନ୍ୱିତ କରିବେ ତାହା ହିଁ ମୂଳଲକ୍ଷ୍ୟ ରହିବ।

(ପୂର୍ବତନ ଅଧ୍ୟକ୍ଷ, ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ)
ରାୟଗଡ଼, ମୋ: ୮୨୪୯୪୨୫୫୫୧

# କବି ବ୍ରଜମୋହନ ପଣ୍ଡାଙ୍କ ତୀର୍ଥାଟନ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସାରସ୍ୱତ ପତ୍ରାବଳୀ ଯେ ହୋଇପାରେ କବିତ୍ୱର ଶ୍ରେଷ୍ଠ କୀର୍ତ୍ତି ଏକଥା ବଳିଷ୍ଠ ଭାବରେ ପ୍ରତିପାଦିତ ହୋଇଛି କବି ବ୍ରଜମୋହନ ପଣ୍ଡାଙ୍କ କ୍ଷେତ୍ରରେ। ୧୯୦୯ ମସିହାରେ କଟକସ୍ଥ ସତୀ ଚଉରାଠାରେ ରାଧାନାଥଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଓ ସମାଧି ପ୍ରତିଷ୍ଠା ସଭାରେ ଉପସ୍ଥିତ କବି, ଲେଖକ, ସୁଧୀ ସଜ୍ଜନଙ୍କ ମଧ୍ୟରେ ଯେଉଁ ପ୍ରସଙ୍ଗ ହେଲା ଆଲୋଚିତ, ତାହା ହିଁ ତରୁଣ ବ୍ରଜମୋହନ ପଣ୍ଡାଙ୍କ ହୃଦୟକୁ ତୀବ୍ର ଭାବରେ ଆଲୋଡ଼ିତ କରିଦେଲା। ଓଡ଼ିଶାର ସାରସ୍ୱତ ଜଗତରେ ରାଧାନାଥଙ୍କ ଉତ୍ତରାଧିକାରୀ କିଏ? ଏହାର ଉତ୍ତରରେ ସମବେତ ସୁଧୀମଣ୍ଡଳୀଙ୍କ କଣ୍ଠରେ ଯେଉଁ ଶବ୍ଦଟି କମ୍ପନ ଖେଳାଇ ଦେଇଥିଲା ତାହା ହେଲା: 'ଗଙ୍ଗାଧର'। ବ୍ରଜମୋହନଙ୍କ ଚେତନାରେ ଘଟିଗଲା ସେହିକ୍ଷଣି ଏକ ନୂତନ ସୂର୍ଯ୍ୟୋଦୟ। ସମ୍ବଲପୁରର କବି ହୋଇପାରନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରବର୍ତ୍ତକ କବିବରଙ୍କ ସୁଯୋଗ୍ୟ ଉତ୍ତରାଧିକାରୀ! ଏକଥା ସେ କଳ୍ପନା କରିପାରି ନଥିଲେ ଯେ ଜନ୍ମଭୂମି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଭୂମିଷ୍ଠ ଗଙ୍ଗାଧରଙ୍କ ଐଶ୍ୱରିକ ପ୍ରତିଭା ରାଧାନାଥଙ୍କୁ କରିଦେଇଥିଲା ଚକିତ। ସେହିଦିନ ହିଁ ସେ ଗଙ୍ଗାଧରଙ୍କୁ ନୂତନ ଭାବରେ କରନ୍ତି ଆବିଷ୍କାର। ଆଉ ଆବେଗସ୍ପନ୍ଦିତ ଅନ୍ତରରେ ଲେଖନ୍ତି ତାଙ୍କର ପ୍ରଥମ ପତ୍ର। ଯେତେବେଳେ ଜାଣିପାରନ୍ତି ଯେ, ନିଜ ରଚିତ କାବ୍ୟ କବିତା ପ୍ରକାଶ କରିବା ପରି ଆର୍ଥିକ ସ୍ୱଚ୍ଛଳତା ଗଙ୍ଗାଧରଙ୍କ ନାହିଁ, ସେତେବେଳେ ଆନ୍ତରିକ ଆଗ୍ରହ ପ୍ରକଟ କରନ୍ତି ସେସବୁ ନିଜେ ପ୍ରକାଶ କରିଦେବା ପାଇଁ।

ଲରମ୍ଭା ଗ୍ରାମରେ ଆବିର୍ଭୂତ ବ୍ରଜମୋହନ ଥିଲେ ଅମାପ ଭୂସମ୍ପଦର ଉତ୍ତରାଧିକାରୀ। ବ୍ରଜମୋହନଙ୍କ ତରୁଣ ଅନ୍ତରରେ ସେତେବେଳେ କବିତା ତୋଳୁଥିଲା ନବ ନବ ଝଙ୍କାର। ସ୍ୱରଚିତ କବିତା ସେ ପଠାଉଥିଲେ ଗଙ୍ଗାଧରଙ୍କ ନିକଟକୁ। ଗଙ୍ଗାଧର ତାହା ପାଠ କରି ବ୍ରଜମୋହନଙ୍କୁ ସର୍ବଦା ଶୁଣାଇଛନ୍ତି ଉତ୍ସାହର ବାଣୀ। ବ୍ରଜମୋହନଙ୍କ କବିତା ସମଗ୍ର ସଂକଳିତ ହୋଇ ରହିଛି 'ଯୌବନଗାଥା' ନାମକ ବୃହତ ଗ୍ରନ୍ଥଟିରେ। ସ୍ୱଦେଶାନୁରାଗ, ପ୍ରକୃତି ପ୍ରୀତି ଓ ପ୍ରେମାନୁରାଗର ଉଦବେଳନ ତାହାର ପ୍ରତିଟି ପୃଷ୍ଠାକୁ ପ୍ରଦାନ କରିଛି ତାରୁଣ୍ୟର ସୁକୋମଳ ଦ୍ୟୁତି। କବିତା ରଚନାରେ ବ୍ରଜମୋହନଙ୍କ ପ୍ରତିଭା ଯେପରି ସ୍ୱତନ୍ତ୍ର ସୌନ୍ଦର୍ଯ୍ୟବୋଧ ବହନ କରି ପରିସ୍ଫୁଟିତ ହୋଇଛି, ତାହା ନିଶ୍ଚୟ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ମହତ ଅବଦାନ। ତାଙ୍କ କବି-ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ଏ ପର୍ଯ୍ୟନ୍ତ ସନ୍ତୋଷଜନକ ନୁହେଁ।

ଯାହାଙ୍କ ହୃଦୟ କବିତ୍ୱର କମନୀୟତାରେ ସ୍ନିଗ୍ଧ, ସିଏ ଗଦ୍ୟ ଲେଖନ୍ତୁ ବା ପଦ୍ୟ, ସିଏ ରାସ୍ତା ଉପରେ ପାଦ ପକାଇ ଚାଲିଯାଉଥା'ନ୍ତୁ ବା ସୁନୀଳ ଆକାଶକୁ ରହନ୍ତୁ ଅନାଇ, ସର୍ବତ୍ର ସେହି ସମାନ ସୌକୁମାର୍ଯ୍ୟ ହୋଇଯାଏ ସୁବିକଶିତ। ବ୍ରଜମୋହନ ସ୍ୱକୀୟ ପ୍ରତିଭାଦୀପ୍ତ କବିତା ସର୍ଜନା ପାଇଁ ଯେତିକି ଆଦୃତି ଲାଭ କରିଛନ୍ତି, ତା' ଠାରୁ କାହିଁ କେତେଗୁଣରେ ଅଧିକ ସୁଖ୍ୟାତି ଲାଭ କରିଛନ୍ତି ଗଙ୍ଗାଧରଙ୍କ ସହିତ ସାରସ୍ୱତ ସମ୍ବନ୍ଧରେ ଆବଦ୍ଧ ହୋଇ। ନିଜ ଚିଠି ସବୁରେ ଗଙ୍ଗାଧରଙ୍କ ଉଦ୍ଦେଶ୍ୟରେ ସେ ଯେଉଁ ଭକ୍ତିପୂତ ଶ୍ରଦ୍ଧାର ସଜଳ ଧାରା ପ୍ରବାହିତ କରିଦେଇଛନ୍ତି, ସେଥିରେ ତାଙ୍କ କବିତ୍ୱ ହୋଇଯାଇଛି ସାର୍ଥକତା ବିମଣ୍ଡିତ। ବ୍ରଜମୋହନ ବିଗଳିତ ଭାବ ନେଇ ଲେଖିଲେ ଦିନେ ଆତ୍ମୋପଲବ୍‌ôଧର ମର୍ମସ୍ପର୍ଶୀ ଭାଷା। ତା୨୬.୧୧.୧୯୧୯ର ପତ୍ରରେ ଉଲ୍ଲିଖିତ ସେଇ ଶବ୍ଦ କେତୋଟି ତାଙ୍କ ପତ୍ରାବଳୀର ଶ୍ରେଷ୍ଠ ବାକ୍ୟ। - 'ଲୋକେ ତୀର୍ଥାଟନ କରନ୍ତି, ମାତ୍ର ମୁଁ ଆପଣଙ୍କୁ ତୀର୍ଥ ଜ୍ଞାନ କରେ। ସେହି ତୀର୍ଥରେ ମୋର ନିବାସ ସ୍ଥାପନ କରି କିପରି ନିଜକୁ ପବିତ୍ର ଓ ଚରିତାର୍ଥ କରନ୍ତି, ଏହି ମାତ୍ର ଅନ୍ତର୍ଗତ ବାସନା।'

ବ୍ରଜମୋହନ ପଣ୍ଡାଙ୍କ ଶ୍ରେଷ୍ଠ ସାହିତ୍ୟକୃତି କ'ଣ ବୋଲି ଯଦି ପ୍ରଶ୍ନ କରାଯାଏ ତାହାର ଯଥାର୍ଥ ଉତ୍ତର ହେଉଛି ଏହି ପତ୍ରାବଳୀ। ପତ୍ର-ସାହିତ୍ୟ ହେଉଛି ରମ୍ୟରଚନାର ଏକ ଉଚ୍ଚକୋଟୀର କଳାତ୍ମକ ରୂପ। ଅନ୍ତରଙ୍ଗ ଭାବ ସମ୍ପର୍କର ଏପରି ସାରସ୍ୱତ ପତ୍ରାବଳୀ ବ୍ରଜମୋହନଙ୍କ ଶିଳ୍ପୀ ଜୀବନର ଯେ ନିଶ୍ଚିତ ଭାବେ ଉପଯୁକ୍ତ ମର୍ଯ୍ୟାଦାପୂର୍ଣ୍ଣ ସ୍ୱତନ୍ତ୍ର ପରିଚିତି, ଏହା ପ୍ରଶ୍ନାତୀତ। ଗଙ୍ଗାଧର ଥିଲେ ଗଙ୍ଗାଧାରା ପରି ସୁନିର୍ମଳ। ବ୍ରଜମୋହନ ପତ୍ର ଲେଖିବା ବେଳେ ଗଙ୍ଗାଧରଙ୍କୁ 'ପ୍ରିୟତମ ମହୋଦୟ' ବୋଲି ସମ୍ବୋଧନ କରି ଚିଠି ଲେଖିସାରି 'ଭବଦୀୟ ମମତାବଦ୍ଧ ବ୍ରଜମୋହନ' ବୋଲି ଲେଖିବା ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତରେ ସେ କରୁଥିଲେ ଗଙ୍ଗାସ୍ନାନ। ଆଜି ଗଙ୍ଗାଧର-ବ୍ରଜମୋହନଙ୍କ ମଧ୍ୟରେ ହୋଇଥିବା ସେଇ ପତ୍ରାଳାପ ଯେଉଁମାନେ ପାଠ କରିବେ ଏକାଗ୍ର ଚିତ୍ତରେ, ସେମାନଙ୍କ ଆତ୍ମିକ ଉତ୍ତରଣ ଘଟିଯାଇପାରିବ ସୁନିଶ୍ଚିତ ଭାବରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ପଞ୍ଝାରେ ସମିତି ସମ୍ପାଦକ

କେନ୍ଦ୍ରାପଡ଼ା,୨୦।୮ (ସମିସ): ଚାଷୀଙ୍କୁ କୃଷି ଋଣ କରାଇ ଦେବାକୁ ସମିତି ସମ୍ପାଦକ ଲାଞ୍ଚ ନେବା ମହଙ୍ଗା ପଡ଼ିଛି। କଟକ ଭିଜିଲାନ୍ସ ପଞ୍ଝାରେ ଆଜି ବ୍ଲକ୍ ମହୁ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଧୀରେନ୍ଦ୍ର ମହାନ୍ତି ପଡିଛନ୍ତି। କୃଷି ଋଣ କରାଇଦେବା ପରେ ଲୋନ୍ ପାସବୁକ୍, ଚେକ ବୁକ ମହୁ ଗ୍ରାମର ଚାଷୀ ବୀରେନ୍ଦ୍ର ନାଥଙ୍କୁ ସମ୍ପାଦକ ଧୀରେନ୍ଦ୍ର ଦେଇନଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଲାଞ୍ଚ ଟଙ୍କା ଦେବାକୁ ସକ୍ଷମ ହୋଇନପାରି ବାରମ୍ବାର ତାଙ୍କୁ ଅନୁରୋଧ କରିଥିଲେ। ଶେଷରେ ଧୀରେନ୍ଦ୍ର ୧୦ ହଜାର ଲାଞ୍ଚ ନେବାକୁ ଚାଷୀଙ୍କୁ ବାଧ କରିଥିଲେ। ଏ ନେଇ ବୀରେନ୍ଦ୍ର କିଛି ଉପାୟ ନପାଇ ଭିଜିଲାନ୍ସ କାର୍ଯ୍ୟାଳୟରେ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ କଟକ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ଚାଷୀଙ୍କ ଠାରୁ ଧୀରେନ୍ଦ୍ର ୧୦ ହଜାର ଟଙ୍କା ନେବା ସମୟରେ ମାଡ଼ି ବସିଥିଲେ। ବୀରେନ୍ଦ୍ର ନାଥ ଏବଂ ତାଙ୍କ ବାପାଙ୍କୁ ୭୫ ହଜାର ଟଙ୍କା ଲେଖାଏଁ ଦେଢ଼ ଲକ୍ଷ ଟଙ୍କା କୃଷି ଋଣ କରାଇଦେବା ପାଇଁ ଏହି ଲାଞ୍ଚ ନେଉଥିଲେ। କେନ୍ଦ୍ରାପଡ଼ା ଓ କଟକର ଦୁଇଟି ଟିମ୍ ଆଜିର ମହୁ ସମବାୟ ସମତି ସହ ପୈତୃକ ବାସଭବନ ନଅମୌଜାର ସାହୁପଡ଼ା ସହ ଦୁଇଟି ସ୍ଥାନରେ ଚଢ଼ଉ କରି ସମ୍ପାଦକ ବହୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଜଣାପଡ଼ିଛି।



ଚାଷୀଙ୍କୁ ଋଣ ଦେବାକୁ ଲାଞ୍ଚ ନେବା ମହଙ୍ଗା ପଡ଼ିଲା

# ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣା: ନିଜଆଡ଼ୁ ମାମଲା ରୁଜୁ କଲେ ଏନ୍‌ଏଚ୍‌ଆର୍‌ସି

ଭୁବନେଶ୍ୱର, ୨୦।୮ (ସମିସ): ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମାହୁତି ଘଟଣାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି) ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି। ଛାତ୍ରୀଙ୍କ ଅଶ୍ଳୀଳ ଫଟୋକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାର ଧମକ ଦେବା ପରେ ଛାତ୍ରୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମରୁ ଜାଣିବା ପରେ ଏନ୍‌ଏଚ୍‌ଆର୍‌ସି ଏହି ପଦକ୍ଷେପ ନେଇ ତଦନ୍ତର ସ୍ଥିତି ସହ ଏକ ବିସ୍ତୃତ ରିପୋର୍ଟ ଦେବାକୁ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁଇ ସପ୍ତାହରେ ରିପୋର୍ଟ ଦାଖଲ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ

ସୂଚନା ଅନୁସାରେ, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ୧୯ ବର୍ଷୀୟା ଛାତ୍ରୀଙ୍କୁ ପୁରୁଷ ବନ୍ଧୁ ବ୍ଲାକମେଲ୍ କରି ଆସୁଥିଲା। ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା। ୬ ମାସ ପୂର୍ବରୁ ତାଙ୍କ ବାପା ଏନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୁଲିସ ମାମଲା ରୁଜୁ କରିନଥିଲା କି ପୁରୁଷ ବନ୍ଧୁ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଓଲଟି ଜଣେ ପୁଲିସ ଅଧିକାରୀ ତାଙ୍କୁ ମାମଲା ରୁଜୁ ନ କରି ପୁରୁଷ ବନ୍ଧୁଙ୍କ ନମ୍ବରକୁ ବ୍ଲକ୍ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ନିରାଶ ହୋଇ ଗତ ୬ ତାରିଖ ଦିନ ଛାତ୍ରୀ ଆତ୍ମାହୁତି ଦେଇଥିଲେ। ଛାତ୍ରୀଙ୍କ ମୃତ୍ୟୁ ପରେ ପୁଲିସ ମାମଲା ରୁଜୁ କରିଥିଲା। ଅଗଷ୍ଟ ୧୦ ତାରିଖ ଦିନ ପୁରୁଷ ବନ୍ଧୁ ପ୍ରମୋଦ କୁମାର ବେହେରାକୁ ଗିରଫ କରିବା ସହ ମୋବାଇଲ ଜବତ କରିଥିଲା। ଜବତ ମୋବାଇଲରୁ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଠାବ ହୋଇଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେହି ରିପୋର୍ଟ ଆଧାରରେ ଏନ୍‌ଏଚ୍‌ଆର୍‌ସି ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି। ରିପୋର୍ଟର ବିଷୟବସ୍ତୁ ଯଦି ସତ୍ୟ, ତେବେ ଗମ୍ଭୀର ଭାବରେ ମାନବାଧିକାର ଉଲ୍ଲଂଘନ ହୋଇଛି ବୋଲି କମିସନ କହିଛନ୍ତି। ପୁଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସ୍ ଜାରି କରିଛନ୍ତି। ଦୁଇ ସପ୍ତାହ ମଧ୍ୟରେ ତଦନ୍ତର ସ୍ଥିତି ଓ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା

- ୨୨ରେ ହୋଇଥାନ୍ତା ଅନାସ୍ଥା ଆଲୋଚନା
- ଲୋକପ୍ରତିନିଧିଙ୍କ ଜୀବନ ପ୍ରତି ଭୟ ଯୋଗୁଁ ଦେଲି ଇସ୍ତଫା: ପ୍ରଭାତ

ଧର୍ମଶାଳା,୨୦।୮ (ସମିସ): ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ବ୍ଲକର ୩୮ ଜଣ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ଆଣିଥିଲେ। ଏ ନେଇ ଆଲୋଚନା ପାଇଁ ଆସନ୍ତା ୨୨ ତାରିଖରେ ସମୟ ଧାର୍ଯ୍ୟ କରିଥିଲେ ଉପଜିଲ୍ଲାପାଳ। ତେବେ ତାହା ପୂର୍ବରୁ ଆଜି ଅଚାନକ ସେ ବ୍ଲକକୁ ଆସି ନିଜ ଇସ୍ତଫା ପତ୍ର ବିଡିଓ ଜ୍ୟୋତିର୍ମୟ କରଙ୍କୁ ପ୍ରଦାନ କରିଥିଲେ। ନିଜ ଇସ୍ତଫାକୁ ନେଇ ସେ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଏଥିରେ ସେ କହିଛନ୍ତି, 'ରାଜ୍ୟରେ ନୂତନ ସରକାର ଆସିବା ଦିନ ଠାରୁ ଧର୍ମଶାଳାରେ କୌଣସି ବିକାଶ ହୋଇନାହିଁ। କୌଣସି ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ହେଉନାହିଁ। ପଞ୍ଚାୟତ ଲୋକପ୍ରତିନିଧି ମାନେ ବ୍ଲକକୁ ଯିବାକୁ ଭୟ କରୁଛନ୍ତି। ପ୍ରଶାସନକୁ ହାତବାରିସି କରି ବ୍ଲକକୁ ଅଚଳ କରାଯାଉଥିଲା। ଏଭଳି ପରିସ୍ଥିତିରେ ଲୋକ ପ୍ରତିନିଧିମାନଙ୍କ ଜୀବନର ସୁରକ୍ଷା ପାଇଁ ମୁଁ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇଛି।'

ସୂଚନା ଅନୁଯାୟୀ, ଧର୍ମଶାଳା ପଞ୍ଚାୟତ ସମିତିରେ ସରକାର ପରିବର୍ତ୍ତନ ହେବା ପରେ ବ୍ଲକରେ ଦୁଇଥର ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟକଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ଦଳମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ବ୍ଲକ ଅନୁଦାନରେ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତି ହୋଇଥିଲା। ହେଲେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାକୁ ନେଇ ପଞ୍ଚାୟତ ସମିତିର ଜନପ୍ରତିନିଧିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଧର୍ମଶାଳା ବ୍ଲକରେ ୪୫ ଗୋଟି ପଞ୍ଚାୟତ ରହିଥିବା ବେଳେ ଗତ ୧୦ ତାରିଖ ଦିନ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ନିଜ ଦସ୍ତଖତରେ ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ। ଗତ ୧୪ ତାରିଖ ଦିନ ଦସ୍ତଖତ କରିଥିବା ସମସ୍ତ ୩୮ ଜଣ ସମିତିସଭ୍ୟ ଓ ସରପଞ୍ଚ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜ ନିଜର ସ୍ୱାକ୍ଷର ଯାଞ୍ଚ କରାଇଥିଲେ। ଏସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ଯାଜପୁର ସାଂସଦ ଓ ଧର୍ମଶାଳା ବିଧାୟକଙ୍କ ସମେତ ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଞ୍ଚମାନଙ୍କୁ ଆସନ୍ତା ୨୨ ତାରିଖରେ ବ୍ଲକ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା ଆଲୋଚନାରେ ଅଂଶଗ୍ରହଣ ପାଇଁ ଚିଠି ମାଧ୍ୟମରେ ଉପଜିଲ୍ଲାପାଳ ବିଡିଓଙ୍କୁ ଜଣାଇବା ସହ ସମସ୍ତ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏହି ଆଲୋଚନାର ଦୁଇ ଦିନ ପୂର୍ବରୁ ଆଜି ପୂର୍ବାହ୍ନରେ ହଠାତ ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ଜ୍ୟୋତିର୍ମୟ କରଙ୍କୁ ନିଜର ଇସ୍ତଫା ପତ୍ର ଦେଇଛନ୍ତି।

# ପିସିସି ସଭାପତିଙ୍କ ଉଦ୍ଦେଶ୍ୟରେ ମତାମତ ଦେଇ ଅଡୁଆରେ ପଦ୍ମାକର

**ଶୃଙ୍ଖଳା କମିଟି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍**

ଯାଜପୁର, ୨୦।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ତାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ମିଡିଆ କମିଟି ସଦସ୍ୟ ପଦ୍ମାକର ଗୁରୁ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ନୋଟିସରେ ସେ ପିସିସି ସଭାପତିଙ୍କୁ ସମାଲୋଚନା କରିଥିବା ଉଲ୍ଲେଖ କରାଯାଇ ଏହା ଦଳୀୟ ଶୃଙ୍ଖଳାର ଉଲ୍ଲଙ୍ଘନ ବୋଲି ଅବଗତ କରାଯାଇଛି। ତେଣୁ ଏଥିପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି କୈଫିୟତ ତଲବ କରାଯାଇଛି। ଶ୍ରୀ ଗୁରୁଙ୍କୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ମଧ୍ୟରେ ଜବାବ ଦେବାକୁ ପିସିସି ଶୃଙ୍ଖଳା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଶ୍ରୀ ଗୁରୁ ଏହି ନୋଟିସ୍ ପାଇବାର ୨୪ ଘଣ୍ଟା ନ ପୂରୁଣୁ ସେ ଶୃଙ୍ଖଳା କମିଟିକୁ ଏହାର ଜବାବ ଦେଇଛନ୍ତି ବୋଲି 'ସକାଳ'କୁ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଲ୍ ଆଗତ ବେଳେ...

ପୁଲିସ ରାଷ୍ଟ୍ର କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ ବେଣୁଗୋପାଳଙ୍କର ଗୋଟିଏ ପ୍ରଶ୍ନକୁ ନେଇ ପରିସ୍ଥିତି ବିଗିଡ଼ି ଯାଇଥିଲା। ବିଲକୁ ବିରୋଧ କରି ବେଣୁଗୋପାଳ କହିଲେ, 'ମୁଁ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଗୋଟିଏ ପ୍ରଶ୍ନ ପଚାରିପାରିବି କି? ଶାହ ଗୁଜରାଟର ଗୃହମନ୍ତ୍ରୀ ଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ସେ ନୈତିକତା ରକ୍ଷା କରିଥିଲେ କି?' ଏହାର ଜବାବ ଦେବାକୁ ଯାଇ ଶାହ କହିଥିଲେ, 'ମୋ ବିରୋଧରେ ମିଥ୍ୟା ମକଦ୍ଦମା କରାଯାଇଥିଲା। ଏହାସତ୍ତ୍ୱେ ନୈତିକତା ଦୃଷ୍ଟିରୁ ମୁଁ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲି। କେବଳ ଏତିକି ନୁହେଁ, ମାମଲାରେ ଦୋଷମୁକ୍ତ ନହେବା ପର୍ଯ୍ୟନ୍ତ ମୁଁ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିନଥିଲି। ଗିରଫ ହେବା ପୂର୍ବରୁ ମୁଁ ଇସ୍ତଫା ଦେଇଥିଲି। ଗିରଫ ପରେ ବି ସାମ୍ବିଧାନିକ ପଦବୀକୁ ଯାବୁଡ଼ି ଧରିବା ଭଳି ଲଜ୍ଜାଜନକ କାମ ଆମେ କରିପାରିବା ନାହିଁ।'

ଏହାପରେ ହଙ୍ଗାମା ତୀବ୍ର ହୋଇଥିଲା। ଟିଏମ୍‌ସିର ଅନେକ ସାଂସଦ ଗୃହର ମଧ୍ୟଭାଗକୁ ଯାଇ ପାଟିତୁଣ୍ଡ କରିଥିଲେ। ସାଂସଦ କଲ୍ୟାଣ ବାନାର୍ଜୀ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଡ଼କୁ ଯାଉଥିବାର ଦେଖାଯାଇଥିଲା। ଦଳର କିଛି ମହିଳା ସାଂସଦ ମଧ୍ୟ ଗୃହର ମଧ୍ୟଭାଗକୁ ଆସିଥିଲେ। ସେମାନଙ୍କର ମୁକାବିଲା ଲାଗି ବିଜେପିର କେତେକ ମନ୍ତ୍ରୀ ଓ ସାଂସଦ ମଧ୍ୟ ଆଗକୁ ଆସିଥିଲେ। ସେଠାରେ ସେମାନେ ମୁହାଁମୁହିଁ ହୋଇଥିଲେ। କିଛି ସମୟ ଧରି ହଟ୍ଟଗୋଳ ଜାରି ରହିବାରୁ ଗୃହର ମାର୍ଶାଲ ଅମିତ ଶାହଙ୍କୁ ସୁରକ୍ଷା ଦେବାକୁ ଯାଇ ତାଙ୍କୁ ଘେରି ରହିଥିଲେ। ଏହି ସମୟରେ ଅମିତ ଶାହ ତିନିଟି ଯାକ ବିଲ୍ ଆଗତ କରିଥିଲେ।

ଜେଲରେ ରହିବାର ୩୦ ଦିନ ପରେ ମନ୍ତ୍ରୀ ପଦ ସମାପ୍ତ କରିବା ଲାଗି ଯେଉଁ ବିଲ୍ ଆଗତ କରାଯାଇଛି, ସେଗୁଡ଼ିକ ହେଲା - ସମ୍ବିଧାନ ସଂଶୋଧନ (୧୩୦ତମ) ବିଲ୍ ୨୦୨୫, କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ ୨୦୨୫ ଏବଂ ଜମ୍ମୁ-କଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ ୨୦୨୫। ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ପ୍ରାବଧାନ ଥିବା ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ପଦ ୩୧ତମ ଦିନରେ ସମାପ୍ତ ହୋଇଯିବ ବୋଲି ଏଥିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ ଗିରଫ ହୋଇ ଜେଲରେ ଥିଲେ ମଧ୍ୟ ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବଂ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ସେମାନଙ୍କ ପଦରୁ ଇସ୍ତଫା ଦେଇନଥିଲେ।

## ନବୀନଙ୍କୁ ମୋଦୀଙ୍କ...

କଂଗ୍ରେସ ଜାତୀୟ ସଭାପତି। ଗତ ୧୭ ତାରିଖରେ ଡିହାଇଡ୍ରେସନ କାରଣରୁ ନବୀନ ସାମାନ୍ୟ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ତାଙ୍କୁ ସମ୍ ଅଲ୍ଟିମେଟରେ ଭର୍ତ୍ତି କରାଯାଇଥିଲା। ଏହାପରଠାରୁ ନବୀନଙ୍କ ସ୍ୱାସ୍ଥ୍ୟବସ୍ଥାରେ ବ୍ୟାପକ ସୁଧାର ଆସିଥିବା ବେଳେ ସେ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି। ନବୀନଙ୍କ ଅସୁସ୍ଥତା ଖବର ପାଇ ଜାତୀୟସ୍ତରର ବହୁ ବିଶିଷ୍ଟ ନେତା ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁ ଆରୋଗ୍ୟ କାମନା କରୁଛନ୍ତି।

ଅପରପକ୍ଷେ ଅସୁସ୍ଥତା ଖବର ପାଇ ହସ୍ପିଟାଲ୍‌ରେ ଭେଟିବାକୁ ପହଞ୍ଚିଥିବା ପିସିସି ସଭାପତି ଭକ୍ତ ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି ନବୀନ।

## ନିଷିଦ୍ଧ ହେବ...

ଠାରୁ ଆରମ୍ଭ କରି ପୋକର, ରୁମି ଭଳି ଅନଲାଇନ୍ ଜୁଆ ଖେଳ ଏବଂ ଅନଲାଇନ ଲଟେରି ବି ନିଷିଦ୍ଧ ହୋଇଯିବ। ଏହାର ବିଜ୍ଞାପନ ସହିତ ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନ ଦ୍ୱାରା ଅର୍ଥ କାରବାର ଉପରେ ମଧ୍ୟ କଟକଣା ଲାଗିବ। ଅନ୍‌ଲାଇନ୍ ମନି ଗେମ୍ ପାଇଁ ସୁବିଧା ସୁଯୋଗ ଯୋଗାଇଲେ କିମ୍ବା ପ୍ରୋତ୍ସାହିତ କଲେ ତିନି ବର୍ଷ ଜେଲଦଣ୍ଡ ସହିତ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗିବ। ଗେମ୍ ପାଇଁ ବିଜ୍ଞାପନ ଦେଲେ ଦୁଇ ବର୍ଷ ଜେଲ୍ ଏବଂ ୫୦ ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏହି ଗେମ୍ ସହ ସଂପୃକ୍ତ ଆର୍ଥିକ କାରବାର କରୁଥିବା ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ଅଧିକାରୀଙ୍କୁ ତିନି ବର୍ଷ ଜେଲ୍ ଏବଂ ୧ କୋଟି ଟଙ୍କା ଜରିମାନା କରାଯିବ। ବାରମ୍ବାର ଉଲଂଘନ କଲେ ୫ ବର୍ଷ ଜେଲ୍ ଏବଂ ଦୁଇ କୋଟି ଟଙ୍କା ଜୋରିମାନା ଆଦାୟ କରାଯିବ।

ଏହି କଟକଣା ଯୋଗୁଁ ଆଗାମୀ ଦିନରେ ର୍ୟୁମି, ପୋକର ଭଳି ଫାଣ୍ଟାସି ସ୍ପୋର୍ଟ୍ସ କମ୍ପାନୀ ସବୁ ବନ୍ଦ ହୋଇଯିବ। ଭାରତୀୟ କ୍ରିକେଟ୍ ଦଳର ପ୍ରମୁଖ ପ୍ରାୟୋଜକ ସାଜିଥିବା ଡ୍ରିମ୍-୧୧ ମଧ୍ୟ ବନ୍ଦ ହୋଇଯିବ। ଅନ୍‌ଲାଇନ୍ ଗେମିଂ ଉପରେ କଠୋର କଟକଣା ଯୋଗୁ ଗେମିଂ ଶିଳ୍ପ ସହିତ ଜଡିତ ପ୍ରାୟ ୨ ଲକ୍ଷ ଚାକିରି ହରାଇବାର ଆଶଙ୍କା ରହିଛି। ଏହି କଟକଣା ଡ୍ରିମ୍ ୧୧, ଗେମ୍ସ ୨୪x୭, ୱିଞ୍ଜୋ, ଗେମ୍ସକ୍ରାଫ୍ଟ ଭଳି ବଡ଼ କମ୍ପାନୀଗୁଡ଼ିକୁ ସମସ୍ୟାରେ ପକାଇପାରେ। ଅଲ୍ ଇଣ୍ଡିଆ ଗେମିଂ ଫେଡେରେସନ, ଇ-ଗେମିଂ ଫେଡେରେସନ ଏବଂ ଫେଡେରେସନ ଅଫ୍ ଇଣ୍ଡିଆନ୍ ଫାଣ୍ଟାସି ସ୍ପୋର୍ଟସ୍ ଭଳି ଗେମିଂ ଶିଳ୍ପ ଏବଂ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ବଜାରର ଆକାର ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି ଟଙ୍କା। ଏଥିମଧ୍ୟରୁ ୮୬% ରାଜସ୍ୱ ପ୍ରକୃତ ମନି ଫର୍ମାଟରୁ ଆସିଥାଏ। ଏହି ବ୍ୟବସାୟର ଆକାର ୨୦୨୯ ସୁଦ୍ଧା ପ୍ରାୟ ୮୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କାର ରାଜସ୍ୱ ମଧ୍ୟ ପାଉଥିଲେ। ସରକାରଙ୍କ କହିବାନୁଯାୟୀ, ଅନଲାଇନ୍ ଗେମ୍ ଯୋଗୁ ଲୋକମାନେ ମାନସିକ ଏବଂ ଆର୍ଥିକ କ୍ଷତି ସହୁଛନ୍ତି। କିଛି ଲୋକ ଗେମିଂ ପ୍ରତି ଏତେ ନିଶାଗ୍ରସ୍ତ ହୋଇଯାଉଛନ୍ତି ଯେ ସେମାନେ ସେମାନଙ୍କର ଜୀବନର ସବୁ ସଞ୍ଚିତ ଅର୍ଥ ହରାଇଥିବା ବେଳେ କେତେକ ଆତ୍ମହତ୍ୟା ମଧ୍ୟ କରୁଛନ୍ତି। ଏକ ସରକାରୀ ଆକଳନ ଅନୁଯାୟୀ, ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନଲାଇନ୍ ରିଅଲ୍ ମନି ଗେମିଂରେ ପ୍ରାୟ ୨୦,୦୦୦ କୋଟି ଟଙ୍କା ହରାଉଛନ୍ତି। ସରକାର ସ୍ୱୀକାର କରିଛନ୍ତି ଯେ ଅନଲାଇନ୍ ରିଅଲ୍ ମନି ଗେମିଂ ସମାଜ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି, ତେଣୁ ରାଜସ୍ୱ କ୍ଷତି ସତ୍ତ୍ୱେ ଲୋକଙ୍କ କଲ୍ୟାଣକୁ ପ୍ରାଥମିକତା ଦେବାକୁ ନିଷ୍ପତ୍ତି ନିଆଯାଇଛି।

ଲୋକସଭାରେ ଗୃହୀତ ପ୍ରମୋସନ୍ ଆଣ୍ଡ ରେଗୁଲେସନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍‌ରେ ଫ୍ରି-ଟୁ-ପ୍ଲେ ଏବଂ ସବସ୍କ୍ରିପସନ-ଆଧାରିତ ଖେଳଗୁଡ଼ିକୁ କଟକଣାରୁ ବାଦ୍ ଦିଆଯାଇଛି। କାରଣ ଏଥିରେ ଟଙ୍କା ବାଜି ଲାଗେନାହିଁ। ବିଲ୍‌ରେ ଏକ ସ୍ୱତନ୍ତ୍ର ପ୍ରାଧିକରଣ ଗଠନର ବ୍ୟବସ୍ଥା ରହିଛି, ଯାହା ଗେମିଂ ଶିଳ୍ପକୁ ନିୟନ୍ତ୍ରଣ କରିବା ସହ ଖେଳର ପଞ୍ଜୀକରଣ କରିବ ଏବଂ କେଉଁ ଖେଳ ପ୍ରକୃତ ଟଙ୍କା ଖେଳ ତାହା ନିଷ୍ପତ୍ତି ନେବ। ହେଲେ ଇ-ସ୍ପୋର୍ଟସ୍‌କୁ ପ୍ରୋତ୍ସାହନ ଦିଆଯିବ, ପବ୍‌ଜୀ ଏବଂ ଫ୍ରି ଫାୟାର ଭଳି ଇ-ସ୍ପୋର୍ଟସ ଏବଂ ସୋସିଆଲ୍ ଗେମ୍‌କୁ ସରକାର ସମର୍ଥନ କରିବେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବିଲ୍ ଆଗତ କରିଥିଲେ।

## ନବୀନଙ୍କ ଦାବି...

ନିକଟରେ ଦୋହରାଇ ଆସୁଥିଲା। ଏମିତିକି ବାତ୍ୟା ୟସ୍ ସମୟରେ ରାଜ୍ୟ ପାଇଁ କୌଣସି ତତ୍କାଳ ଆର୍ଥିକ ସହାୟତା ଦାବି ନ କରି ରାଜ୍ୟ ପାଇଁ ଏକ ଦୀର୍ଘ ମିଆଦି ଯୋଜନା ପ୍ରସ୍ତୁତ କରିବା ଓ ଏଥିପାଇଁ ଅନୁଦାନ ଦେବାକୁ ନିଜେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହି ସମୟରେ କୋଭିଡ୍ ସଙ୍କଟ ଉତ୍କଟ ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ନ ପକାଇ ଓଡ଼ିଶା ନିଜସ୍ୱ ସମ୍ବଳରେ ଏହି ବିପର୍ଯ୍ୟୟ ସ୍ଥିତିର ମୁକାବିଲା କରିବ ବୋଲି ନବୀନ କହିଥିଲେ। ଏଥିସହିତ ଓଡ଼ିଶାକୁ ବିପର୍ଯ୍ୟୟ ନିରୋଧୀ ରାଜ୍ୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୀର୍ଘମିଆଦି ସହାୟତା ଯୋଗାଇ ଦେବାକୁ ସେ ଦାବି କରିଥିଲେ। ଏଥିରେ ମୁଖ୍ୟତଃ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି, ସମୁଦ୍ରକୂଳ ପଥର ପ୍ୟାକିଂ, ଲୁଣା ପାଣିରୁ ଚାଷ ଜମିର ସୁରକ୍ଷା, ବାତ୍ୟା ଆଶ୍ରୟସ୍ଥଳୀ ଆଦି ପାଇଁ ସେ ପ୍ରସ୍ତାବ ଦେଇଥିଲେ।

## 'ଅଗ୍ନି-୫'ର...

ପରେ ବାୟୁ ମଣ୍ଡଳର ଉପରକୁ ଯାଇ ପୁଣି ବାୟୁମଣ୍ଡଳକୁ ପ୍ରବେଶ କରିଥାଏ। ସେହିଠାରୁ ଏକାଧିକ ଟାର୍ଗେଟ୍ ଧ୍ୱଂସ କରିପାରିବା କ୍ଷମତା ଅଗ୍ନୀ-୫ ରଖିଛି। ବାୟୁମଣ୍ଡଳରୁ ଉପରକୁ ଉଠି ଯାଉଥିବାରୁ ଶତ୍ରୁପକ୍ଷର ସାଟେଲାଇଟ୍ ଏହି କ୍ଷେପଣାସ୍ତ୍ରକୁ ଟ୍ରାକ୍ କରିବାରେ ବିଫଳ ହୋଇଥାଏ। ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ଦ୍ୱାରା ହୋଇଥିବା ଏହି ସଫଳ ପରୀକ୍ଷଣକୁ ନେଇ ଡିଆରଡିଓ ଏକ ମାଇଲଖୁଂଟ ପ୍ରତିଷ୍ଠା କରିପାରିଥିବା କୁହାଯାଇଛି। ଅନ୍ୟପକ୍ଷରେ ସନ୍ଧ୍ୟା ସମୟରେ ପ୍ରଥମ ଥର ଅଗ୍ନୀ - ୫ କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିବାରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ଲୋକେ ଏହା ଦେଖିବାକୁ ପାଇଥିଲେ। ଅନ୍ଧାର ଆକାଶରେ ହଠାତ୍ ଉଜ୍ଜ୍ୱଳ ଆଲୋକ ଦେଖି ଲୋକେ ଚମତ୍କୃତ ହୋଇଥିଲେ। ସ୍ୱଦେଶରେ ବିକଶିତ ନୂତନ ଜ୍ଞାନକୌଶଳ ଯୁକ୍ତ ଅଗ୍ନି-୫ର ସଫଳର ପରୀକ୍ଷଣ ପାଇଁ ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ର ବୈଜ୍ଞାନିକଙ୍କ ଦକ୍ଷତାର ଉଚ୍ଚ ପ୍ରଶଂସା ସହିତ ଏହା ଦେଶ ପାଇଁ ଗୌରବର ବିଷୟ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ଦୁଇ ବାଇକ୍...

ସମୟରେ ଲାସେରି ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବ୍ୟବସାୟୀ ସନ୍ତୋଷ ସାହୁ ଓ ବାଇକ ଚଳାଉଥିବା କଲେଜ ଛାତ୍ର ଅନନ୍ଦଙ୍କ ମୃତ୍ୟୁ ହେଇଥିବା ବେଳେ ଜଣେ ଛାତ୍ର ଗୁରୁତର ଆହତ ହୋଇଥିଲେ। ଆହତ ଛାତ୍ରଙ୍କ ନାମ ଜଣାପଡି ନଥିବା ବେଳେ ଅନ୍ୟ ଜଣେ ଛାତ୍ର ରକ୍ଷା ପାଇଯାଇଛନ୍ତି। ଘଟଣା ସ୍ଥଳରେ କୋଟଗଡ଼ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିବା ବେଳେ ଗୁରୁତର ଥିବା ଛାତ୍ରକୁ ପ୍ରଥମେ କୋଟଗଡ଼ ଡାକ୍ତରଖାନା ଓ ପରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ ଫୁଲବାଣୀକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତୁମୁଡିବନ୍ଧ ପଠାଇଛି।

## ଜେଲ୍‌ରେ ବିଚାରାଧୀନ...

ଏଏସ୍‌ଆଇ ଇପିଲି ଲକ୍ଷ୍ମଣ ରାଓ ଅବକାରୀ ଟିମ ସହ ବେଗୁନିଆପଡ଼ା ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ଥାନାରେ ନଂ.୬୬/୨୦୨୫ ଅନୁଯାୟୀ ଏକ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପୂର୍ବରୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେତେବେଳେ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ରିପୋର୍ଟ ଦେଇଥିଲେ ବୋଲି ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନ କହିଛନ୍ତି। ଏହାପରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା ଏବଂ କୋର୍ଟ ତାକୁ ଜେଲ୍ ହାଜତକୁ ପଠାଇ ଦେଇଥିଲେ।


**OFFICE OF THE EXECUTIVE ENGINEER, RWS&S DIVISION, KENDRAPARA** O-623

At- Icchapur, Po- Shree Baladevjew, Email: eerwsskendrapara@gmail.com

**INVITATIONS FOR BIDS (IFB) [e-Procurement]**

Bid Identification No. RWS/42/2025-26

Letter No.5211/Dated 19.08.2025

1 The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District.

| | | |
|---|---|---|
| 2 | Name of the work | : External electrification works for different RPWS Scheme in Kendrapara district. |
| 3 | No. of Work | : **02 Nos. (Two) only** |
| 4 | Value of the Work | : ₹ 6.21 to 8.80 Lakhs |
| 5 | Concerned tender inviting authority | : **Executive Engineer, RWS&S Division, Kendrapara** |
| 6 | Cost of Bid documents (Rs.) (Online) | : ₹ 4000/- |
| 7 | Cost of EMD @ 1% (Online) | : ₹ 6300/- to 8900/- |
| 8 | Class of Bidder | : **"HT"** |
| 9 | Period of Completion | : **30 days** |
| 10 | Availability of bid documents in the website | : **From date. 25.08.2025 at 10.00 A.M to date. 06.09.2025 till 5.30 P.M** |
| 11 | Last Date & Time of seeking tender clarification | Up to **29.08.2025 up to 5.30 P.M** |
| 12 | Date of Opening of Bid | : **08.09.2025 at 11.00 A.M onwards** |

The bidders have to participate in the tender through **ONLINE** bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E.
Subsequent corrigendum / addendum if required shall only be appeared in the above website.

OIPR-25004/11/0044/2526

Executive Engineer
RWS&S Division, Kendrapara



**AFFIDAVIT**

By virtue of an affidavit No.635, dtd.08.08.2025 before the Notary Public, Bhubaneswar. I, Barsa Sahoo, W/o- Trinath Sahoo, At- Plot No.1713, Lingaraj Nagar, Mahatab road, Bhubaneswar hereby declare that I have changed my name from Rinki Sahoo (Old Name) to Barsa Sahoo (New Name). Henceforth, I shall be known as **Barsa Sahoo** for all Purposes.

Sd/- Barsa Sahoo

**AFFIDAVIT**

By virtue of an affidavit No.636, dtd.08.08.2025 before the Notary Public, Bhubaneswar. I, Hureman Bibi, W/o- Aigul, At- Arad Bazar, Po- Baleswar, Dist.- Baleswar hereby declare that I have changed my name from Hurmana Bibi (Old Name) to Hureman Bibi (New Name). Henceforth, I shall be known as **Hureman Bibi** for all Purposes.

Sd/- Hureman Bibi

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Harapriya Malik, W/o- Laksmidhar Malik, At-Baripada, P.O. Aruhabad, P.S. Khantapara, Dist.: Baleswar, Odisha-756044 hereby declare that I have changed my minor son's name from Sai Malik to Sahil Malik. Henceforth, he shall be known as **Sahil Malik** for all purposes.

Harapriya Malik

**AFFIDAVIT**

By virtue of an affidavit sworn before Notary Public, Salipur, Cuttack dated 18.08.25, I, Jhillimayee Bal, address At-Kalajati, Po-Chayanpal, P.S.- Mahanga, Dist-Cuttack, Odisha, do hereby declare that I have changed my name from Parimayee Bal to Jhillimayee Bal. Henceforth, I shall be known as Jhillimayee Bal for all purposes.

Jhillimayee Bal

**AFFIDAVIT**

I, Bijay Kumar Patra, aged about 64 years, S/O. Late Mohan Patra, resident of Heragohari Sahi, near Chaulia Math, P.O.: Kundhaibenta sahi, P.S.: Kumbharpada, Dist. Puri declare by this affidavit no.21 dated 16.08.2025. That now onwards I shall be known as **BIJAYA KUMAR PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Amati Mahato**, aged about 51 years, W/o.: Asim Sikdar, At: M.V-06, PO.: Tamasa, PS/Dist.: Malkangiri, PIN-764045, declare by this Affidavit No.: 1136/2025, Dated: 20/08/2025 that I have changed my name from Amati Mahane to Amati Mahato and my husband name Asim Mahane to Asim Sikdar. Henceforth I shall be known as "**Amati Mahato**" and my husband shall be known as **"Asim Sikdar"** for all future purposes.

**AFFIDAVIT**

By virtue of an affidavit, I Murali Jena, aged 76 years, S/o- Gobinda Jena, Resident of Vill- Urumukhi, P.o-Bhusandapur, Ps-Tangi, Dist- Khordha ,Odisha declared that my actual/real name is Muralidhar Jena which was wrongly mentioned in my Aadhar card bearing No- 329495763965.Henceforth, I shall be known as **MURALIDHAR JENA** for all purpose.

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 19.08.2025, I, Jitan Sahoo, S/o- Nilakantha Sahoo, At/P.O. Talabasta, P.S. Banki, Dist. Cuttack, Odisha - 754007 hereby declare that I have changed my name from Jitendra Kumar Sahoo to Jitan Sahoo, Henceforth, I shall be known as Jitan Sahoo for all purposes.

Jitan Sahoo

**AFFIDAVIT**

By virtue of an affidavit before the Notary Public, Bhubaneswar on dtd. 18.08.2025, I, Bijay Khillo, S/o- Parmesh Khillo, At-Maliguda, P.O.- Pukali, P.S. Pottangi, Dist. Koraput, Odisha - 764039 hereby declare that I have changed my name from Biju Khila to Bijay Khillo. Henceforth, I shall be known as **Bijay Khillo** for all purposes.

Bijay Khillo

**Notice (for Minor)**

By virtue of an affidavit sworn before Executive Magistrate, Puri, dated 12.08.2025 I, Sanjay Kumar Khatei, Address: At/Po: Sasan Damodarpur, Ps: Puri Sadar, Dist: Puri, Odisha, Pin: 752002, declare that I have changed the name of my son from Sai deep Khatei (old name) to Shrehansu Khatei (new name). Henceforth, he shall be known as Shrehansu Khatei (new name) for all purposes.

Sanjay Kumar Khatei

**AFFIDAVIT**

By virtue of an affidavit before the Executive Magistrate, karlamunda, I, Kasturi Bagarty, At- Putigaon, Po- S. Malpada, Ps.- M. Rampur, Dist.- Kalahandi hereby declare that I have changed my minor son's name from Kapaleswar Bagarty to Kapileswar Bagarty. Henceforth he shall be known as **Kapileswar Bagarty** for all purposes.

Sd/- Kasturi Bagarty

**AFFIDAVIT**

By virtue of an affidavit No. 1616 before the Tahasildar & Executive Magistrate, Khaprakhol on dtd.20.08.2025, I, SAJAMBAR MAJHI, S/o- Ravi Majhi, resident of Chancharabhata, PS-Lathor, Dist.- Balangir, PIN - 767028, Odisha, hereby declare that I have changed my name from SAJAMBAR MAJHI to SAYAMBAR MAJHI. Henceforth I shall be known as **SAYAMBAR MAJHI** for all purposes.

**AFFIDAVIT**

I, **AMIYA PRASAD SAMANTRAY**, S/o- Bauribandhu Samantaray resident of Vill/PO- Panchagaon, via-Jatni, P.S- Airfield, Dist.- Khordha. Bhubaneswar-752050, Odisha declare by affidavit No-27, Dtd.- 25/03/2025 that now onwards I shall be known as **AMIYA PRASAD SAMANTARAY** for all future purposes.

**SALE**

1 Number of ICV – ITLSONALIKA SOLISYAN DI 740 TRACTOR, Registration No.- OD-22-Z-5329, Model- 2024, ENGINE NO – 3100MN44F1440459F31, CHASSIS NO - HZESP14 56618S3, For Details, Contact – 8895995989, 9437355692, Second floor, Plot No- 353/2585, Building No- 723/1793, At-Bypass Chhaka, Above Punjab National Bank, Po- Salandi Bypass, Via-Kuansa, BHADRAK-756100, PH. NO- 06784-250703

**AFFIDAVIT**

By virtue of an Affidavit before Notary Public, Malkangiri, I, **Uthara Pangi,** aged about 49 years, S/o.: Sadan Pangi, Village: Kurumpalli, PO.: Biralaxmanpur, PS/Dist.: Malkangiri, declare by this Affidavit No.: 8309, Dated: 20/08/2025 that I have changed my name from Uttara Pangi to Uthara Pangi. Henceforth I shall be known as "**Uthara Pangi**" for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, on date- 23/06/2025 affidavit No-22. I, **Bijaya Kumar Patra,** S/o- Jagabandhu Patra, resident of Village- Tanupur, Po/P.S- Pattamundai, Dist- Kendrapada, Odisha. Formely called as **Patra BijayKetan Jagbandhu,** S/o- Jagabandhu Patra and now my new name is Bijay Kumar Patra, S/o- Jagabandhu Patra. I declare that my self **Bijaya Kumar Patra** and **Patra Bijayketan Jagbandhu** is one and same person for all purposes.

**Bijay Kumar Patra**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No- 112 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Gladys Digal to Gladys Pauline. Henceforth she shall be known as **GLADYS PAULINE** for all purposes.

(Pratap Digal)

**AFFIDAVIT**

I, Snihalai Kar, W/o - Panchanan Kar, resident of Village- Jaleswar Pur, Po- Kuan Pal, Po-Kuanpal, Dist- Cuttack, PIN- 754204, Odisha declare by this affidavit No.73 dtd- 19/08/2025 that now onwards I shall be known as **SNEHALATA KAR** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No-111 dated 19.08.2025, I Pratap Digal resident At- Shakti Vihar, Salia Sahi, Jayadev Vihar, Po-RRL, Ps-Nayapalli, Bhubaneswar, Dist- Khordha, Odisha, PIN-751013, declare that I have changed the name of my daughter from Bhalesia Digal to D Valacia. Henceforth she shall be known as **D VALACIA** for all purposes.

(Pratap Digal)

**AFFIDAVIT**

By virtue of an affidavit No-3314 sworn before the Executive Magistrate, Binjharpur on dtd- 16/08/2025. I, **Mrs Nandini Barik,** resident of At/Po- Haladidiha, Ps- Alakunda, Dist- Jajpur, Pin- 755016, Odisha, I have changed my son name from **Prasannjit Barik** (old name) to **Prasannajit Barik** (new name). Henceforth, both name **Prasannajit Barik** and **Prasannjit Barik** is one & same person he will be known as **Prasannajit Barik** for all future purposes.

**Nandini Barik**

**ସିକେରକୁପା-କଦମ୍ବଗୁଡ଼ା ମୁଖ୍ୟ ରାସ୍ତା ମରଣଯନ୍ତା**

# ଦୁଇ ଠିକାଦାରଙ୍କ ଝଗଡ଼ାରୁ ପଡ଼ିରହିଛି ରାସ୍ତା କାମ

ଲାଞ୍ଜିଗଡ଼, ୨୦।୮ (ସମିସ)



କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକରେ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି। ଏଥି ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ବ୍ଲକରେ ୨୬ଟି ପଞ୍ଚାୟତରେ ୪୭୦ରୁ ଉର୍ଦ୍ଧ୍ୱ ଗାଁ ରହିଥିବା ବେଳେ ବର୍ତ୍ତମାନ ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ। ଯେଉଁ ରାସ୍ତା ଅଛି ତାହା ବର୍ଷ ବର୍ଷ ଧରି ମରାମତି କିମ୍ବା ନିର୍ମାଣ ହେଉନାହିଁ। ଯାହା ଫଳରେ ଅନେକ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ସାଜିଛି। ଏଭଳି ଏକ ଅଭିଯୋଗ ଆସିଛି ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ସିକେରକୁପା ଠାରୁ କଦମ୍ବଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା। ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟ ରାଜପଥ ସିକେରକୁପା ଛକଠାରୁ ଜାମପଦର ସଂଯୋଗ କରୁଥିବା ଏହି ପୂର୍ତ୍ତ ବିଭାଗର ରାସ୍ତା ଏବେ ମରଣଯନା ପାଲଟିଥିବା ବେଳେ ଲାଞ୍ଜିଗଡ଼ରୋଡ଼, କଦମଗୁଡା, ଗୋବର୍ଦ୍ଧନପୁର, ଭୁର୍ଟିଗଡ଼ ଓ କମର୍ଦ୍ଧା ପଞ୍ଚାୟତର ଶତାଧିକ ଗାଁ ଲୋକେ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆସିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ବ୍ୟତୀତ ବ୍ଲକର ୨୧ଟି ପଞ୍ଚାୟତର ଲୋକେ ନର୍ଲା ରେଳ ଷ୍ଟେସନ ଓ ମଦନପୁର ରାମପୁର ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏବେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରାସ୍ତାଟି ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି। ଏହା ବ୍ୟତୀତ ବର୍ଷା ଦିନରେ ଖାଲଖମାରେ ଭର୍ତ୍ତି ଆବର୍ଜନା ପାଣି ଛିଟୁକୁଥିବା ବେଳେ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ଦୁର୍ଭଟା ଗ୍ରାମବାସୀ ଓ କଲେଜ ଆସିବା ପାଇଁ ଛାତ୍ରଛାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି। ରାସ୍ତାଟି ସଙ୍କୁଚିତ ହୋଇ ରହିଥିବା ବେଳେ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ଯୋଗୁଁ ଯାତାୟାତରେ ସମସ୍ୟା ଦେଖା ଦେଇଛି। ତେବେ ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଦୃଷ୍ଟି ନଦେବାରୁ ବର୍ଷ ବର୍ଷ ଧରି ରାସ୍ତାର ରକ୍ଷଣାବେକ୍ଷଣ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଏହି ରାସ୍ତା ଗତ ବର୍ଷ ଟେଣ୍ଡର ସରିଥିବା ବେଳେ ଦୁଇଜଣ ଠିକାଦାରଙ୍କର ଝଗଡ଼ା ଯୋଗୁଁ ରାସ୍ତା କାମ ହୋଇପାରୁନାହିଁ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ନିର୍ମାଣ ଓ ମରାମତି ଅଭାବରୁ ସିକେରକୁପା ଓ କଦମ୍ବଗୁଡ଼ା ରାସ୍ତା ଏବେ ବିପଦକୁ ହାତଠାରି ଡାକୁଛି। ଏଣୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନ ନେଲେ ପରିସ୍ଥିତି ଭୟାବହ ହେବ ଏବଂ ଲୋକେ ଯେକୌଣସି ମୁହୂର୍ତ୍ତରେ ଆନ୍ଦୋଳନ ମୁହାଁ ହୋଇପାରନ୍ତି ବୋଲି ଆଲୋଚନା ହେଉଛି।

## ଜୟନ୍ତୀରେ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି



କେସିଙ୍ଗା, ୨୦।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବଗାନ୍ଧୀଙ୍କ ଜନ୍ମବାର୍ଷିକୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା କଂଗ୍ରେସ ଭବନରେ ପାଳନ ହୋଇଯାଇଛି। କେସିଙ୍ଗା କଂଗ୍ରେସର ବରିଷ୍ଠ ନେତାମାନେ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ଫୋଟୋ ଚିତ୍ରରେ ଫୁଲମାଲ୍ୟ ଅର୍ପଣ କରି ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ସମୟରେ ହୋଇଥିବା ଦୃଷ୍ଟାନ୍ତମୁଳକ କାର୍ଯ୍ୟ ବିଷୟରେ ମତ ବ୍ୟକ୍ତ କରିଥିଲେ। ଜିଲ୍ଲା ଯୁବ କଂଗ୍ରେସ ଇନଚାର୍ଜ ବିଜୟ ଦୀପ, ରାମଲାଲ ସୁନାନୀ, ରାମଜୀ ମାତଖଣ୍ଡିଆ, ଜୋସ୍ନା ବଗର୍ତ୍ତି, ରାଜ କୁମାରୀ ସରାଫ, ଯୁବନେତା ରୋହିତ ଜୈନ, ବସନ୍ତ ନାୟକ, ଧରଣୀଧର ନାଏକଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଲା

ଗୋଲାମୁଣ୍ଡା, ୨୦।୮ (ସମିସ): ଗୋଲାମୁଣ୍ଡା ବ୍ଲକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଛପଟରେ ନାଏକପଡ଼ା ଦେଇ ଫୋର୍ ୱେକୁ ସଂଯୋଗ କରୁଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଦୀର୍ଘ ଦିନରୁ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏନେଇ ନାଏକପଡ଼ା ପକ୍ଷରୁ ଆଲୋକ ବିଭାଗକୁ ବହୁ ବାର ଅବଗତ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରିନଥିବା ପଡ଼ାବାସୀ ଅଭିଯୋଗ କରିଥିଲେ। ଏନେଇ 'ସକାଳ'ରେ ଖବର ବାହାରିବା ପରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିଦ ଭାଙ୍ଗି ତତ୍ପରତା ଦେଖାଇଛି। ଖବର ପ୍ରସାରଣ ହେବା ମାତ୍ରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଉପାଡ଼ି ପାଖରେ ଥିବା ଖୁଣ୍ଟରେ ବିଦ୍ୟୁତ ତାର ସଂଯୋଗ କରାଯାଇଥିବା ଦେଖିବାକୁ ମିଳିଛି। ଏନେଇ ନାଏକପଡ଼ା ତରଫରୁ ଦୈନିକ 'ସକାଳ'କୁ ବେଶ୍ ପ୍ରଶଂସା କରିଛନ୍ତି।



## ପିଏଲଭି ତାଲିମ ଶିବିର ଉଦ୍ଯାପିତ



ଟିଟିଲାଗଡ଼, ୨୦।୮ (ସମିସ): ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଦିବସୀୟ ପାରା ଲିଗାଲ ଭଲ୍ୟୁଣ୍ଟିୟର (ପିଏଲଭି) ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି। ତାଲୁକ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ସନ୍ଦୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଟିଟିଲାଗଡ଼ ଏବଂ ବଙ୍ଗୋମୁଣ୍ଡା ବ୍ଲକର ୩୪ ଜଣ ପିଏଲଭିଙ୍କୁ ସମ୍ବିଧାନର ଅନୁଚ୍ଛେଦ, ଅପରାଧ, ଶ୍ରମ, ଶିଶୁ, ଏସସିଏସଟି ଆଇନ, ନାଗରିକଙ୍କ ଅଧିକାର, କର୍ତ୍ତବ୍ୟ, ସରକାରଙ୍କ ସମାଜ କଲ୍ୟାଣ ଯୋଜନା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ୪ଟି ସେସନରେ ତାଲୁକ ସମିତି ଅଧ୍ୟକ୍ଷ, ଏସଡ଼ିଜେଏମ ସୁମିତ ପାଣିଗ୍ରାହୀ, ପେନାଲ ଲୟର ସନ୍ଧ୍ୟା ଥାପା, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ପୁଣ୍ୟତୋୟା ପାଣିଗ୍ରାହୀ, ବ୍ଲକ କଲ୍ୟାଣ ଅଧିକାରୀ ଦେବାଶିଷ ମିଶ୍ର, ଫ୍ରଣ୍ଟ ଅଫିସ ରିଟେନର ସାରଙ୍ଗଧର ବାଗ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସମିତି କିରାଣି ଜିବର୍ଦ୍ଧନ ଛତ୍ରିଆ, କିଶୋର ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପିଏଲଭି ଉଷା ସୁନା, ଲୋଚନୀ ଖରସେଲ, ସେହନାଜ ବେଗମ, ପ୍ରମୋଦ ପାଳ, ସନ୍ଧ୍ୟାରାଣୀ ଦାସ, ସରିତା ଶର୍ମା, ଶୋଭାଗିନୀ ରଣା, ସୁରେନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ଜବତ; ଜଣେ ଗିରଫ



ଶଗଡ଼ା, ୨୦।୮ (ସମିସ): କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ କନ୍ଧମାଳ ଥାନା କୁମେଲ ବନ୍ଧ ଗ୍ରାମ ନିକଟରେ ଚଢ଼ଉ କରି ଏକ ବାଇକରୁ ୨୫ ଲିଟର ଦେଶୀ ମଦ ଓ ବାଇକ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଜଣକ ହେଲେ ଅଜୟ ଦିଗାଲ (୪୨)। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି କନ୍ଧମାଲ ଥାନା ବାଞ୍ଜିମୁଣ୍ଡା ଗ୍ରାମର ନାଳ ନିକଟରେ ବେଆଇନ ଭାବରେ ଚାଲିଥିବା ଦେଶୀ ମଦ ପ୍ରସ୍ତୁତି କାରଖାନାରେ ଅବକାରୀ ବିଭାଗର ଏକ ଟିମ ଚଢ଼ଉ କରିଥିଲା। ଅବକାରୀ ଟିମକୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିବାବେଳେ ଘଟଣା ସ୍ଥଳରୁ ୫ଶହ କେଜି ମହୁଲ ପୋଚକୁ ନଷ୍ଟ କରାଯାଇଥିବା ସୂଚନା ମିଳିଛି।

## କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ

ଟିଟିଲାଗଡ଼, ୨୦।୮ (ସମିସ): ଟିଟିଲାଗଡ଼ରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ପରେ ପାଠପଢ଼ା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ନେଇ ଅସ୍ଥାୟୀ ଭାବେ ସ୍ଥାନୀୟ ଧବଳେଶ୍ୱର ବିଦ୍ୟାପୀଠ କୋଠାରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ସହ ଶିକ୍ଷାଦାନର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟ ପ୍ରବନ୍ଧନ ସମିତିର ମନୋନୀତ ଅଧ୍ୟକ୍ଷ ଅଶୋକ ସାହୁ, ସହକାରୀ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରାକର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, କାଉନସିଲର ସୁନିଲ ଆଚାର୍ଯ୍ୟ ଏବଂ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାହାଙ୍ଗୀର ରାଜହଂସ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପର୍ଶୁରାମ ପଧାନ ସ୍ୱାଗତ ଜଣାଇଥିଲେ। ଶିକ୍ଷକ ହେମନ୍ତ କନହେର, ସୁନିଲ ଭୋଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ଧର୍ମଗଡ଼ ଜଗନ୍ନାଥ ସେବା ସମିତି ପକ୍ଷରୁ ଗରିବ ମହିଳାଙ୍କୁ ଶାଢୀ ବଣ୍ଟନ

ଧର୍ମଗଡ଼, ୨୦।୮ (ସମିସ): ଧର୍ମଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଅସହାୟ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯାଉଛି। ଆସନ୍ତା ନୂଆଖାଇରେ ଗରିବ ମହିଳାମାନେ ନୂଆ ଶାଢ଼ୀ ପିନ୍ଧି ଯେପରି ନୂଆଁଖାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଭଳି ଜନକଲ୍ୟାଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛିଲିପା ଗ୍ରାମଠାରେ ପ୍ରାୟ ୫୦ଜଣ ମହିଳାଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଡ଼ିଓ ସଦାଶିବ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମାଜସେବୀ ଆଚାର୍ଯ୍ୟ ହୃଷୀକେଶ ମିଶ୍ର, ଛିଲିପା ପଞ୍ଚାୟତର ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ଡାକ୍ତର ସଂଗ୍ରାମ ପାଣିଗ୍ରାହି, ଏପିଓ ଉର୍ନୀତା ବିଶ୍ୱାସ, ଜିପିଡିଓ ଦେବୀ ଚରଣ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାରରୁ ଉର୍ଦ୍ଧ୍ୱ ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ ରଖାଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

**● ପାଣି ଟାଙ୍କିରେ ନାଗ ସାପ, ଆତଙ୍କିତ ଗ୍ରାମବାସୀ**

## ୩ ଦିନ ହେଲା ଗାଁରେ ଜଳ ଯୋଗାଣ ବନ୍ଦ

**ବନ ବିଭାଗ କର୍ମଚାରୀ ଉଦ୍ଧାର କରିବାରେ ବିଫଳ**



ନୂଆପଡ଼ା/ଖଡ଼ିଆଳ, ୨୦।୮ (ସମିସ): ଖଡ଼ିଆଳ ବ୍ଲକ ରିଷି ଗାଁ ଗ୍ରାମର ପାଣି ଟାଙ୍କିରେ ନାଗ ସାପ ରହିଥିବାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ରହିଛି। ଦୀର୍ଘ ଦିନ ଧରି ନାଗ ସାପ ଲୁଚି ରହିଥିଲେ ମଧ୍ୟ ତାକୁ ବାହାର କରିବାକୁ ପ୍ରଶାସନ ପଦକ୍ଷେପ ନେଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ ପରେ ବନ ବିଭାଗ କର୍ମଚାରୀ ଗାଁକୁ ଆସି ଉଦ୍ୟମ କରି ବିଫଳ ହୋଇଛନ୍ତି। ଫଳରେ ଗାଁରେ ଜଳ ଯୋଗାଣ ବନ୍ଦ ରହିଥିବା ବେଳେ ଲୋକେ ଆତଙ୍କିତ ଅଛନ୍ତି। ପ୍ରକାଶ ଯେ ରିଷିଗାଁ ଗ୍ରାମର ସୁନ୍ଦରନଦୀ କୂଳରେ ଚାରିବର୍ଷ ତଳେ ପାଣି ଟାଙ୍କି ନିର୍ମାଣ ହୋଇ ଗ୍ରାମକୁ ପାନୀୟ ଜଳଯୋଗାଣ ହୋଇଥିଲା। କିନ୍ତୁ ଗ୍ରାମବାସୀଙ୍କ କହିବାନୁଯାୟୀ ଠିକାଦାର ଟାଙ୍କି ଉପରେ କିଛି ସ୍ଥାନ ଖୋଲା ରଖି ଦେଇଥିଲେ ବୋଲି ଅନେକ ସମୟରେ ମଇଳା ସବୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରୁଥିଲେ। ତିନିଦିନ ତଳେ କିଛି ଯୁବକ ଟାଙ୍କି ଉପରକୁ ଚଢ଼ି ନଦୀ ବଢ଼ି ଦେଖୁଥିବା ସମୟରେ ଏକ ନାଗ ସାପ ଦେଖିବାକୁ ପାଇଥିଲେ। ଯାହାଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖା ଦେଇଥିଲା। କିଛି ଦିନ ହେଲା ସେମାନେ ପାଣି ପିଇ ଆସୁଥିଲେ। ଏନେଇ ପ୍ରଶାସନକୁ ଜଣାଇବା ପରେ ଜଙ୍ଗଲ ବିଭାଗ କର୍ମଚାରୀ ଯାଇ ସାପକୁ ବାହାର କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଗ୍ରାମବାସୀ ଆଗରୁ ମଧ୍ୟ କିଛି ଦିନ ଏଠିକାର ପାଣି ବ୍ୟବହାର କରୁଛନ୍ତି ବୋଲି ଆତଙ୍କିତ ଅଛନ୍ତି। ଶୀଘ୍ର ସାପକୁ ବାହାର କରିବା ସହ ଡାଙ୍କୁଣି ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

## ଯୁବ ରେଡ୍‌କ୍ରସ ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ ସମିତି ବୈଠକ

ନୂଆପଡ଼ା, ୨୦।୮ (ସମିସ): ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାର୍ଷିକ ଯୁବ ରେଡ଼କ୍ରସ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ଯୁବ ରେଡ଼କ୍ରସ ପରାମର୍ଶଦାତାମାନେ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଏସ୍. କେ. ନସିମ, ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ ସାହୁ, ପ୍ରଫେସର ବିଧାନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ-ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସଂଯୋଜକ ଅଶ୍ୱିନୀ ଓତା ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା ରେଡ଼କ୍ରସ ପାଉଣାର ସଦୁପଯୋଗ ସହ ରେଡକ୍ରସର ବିଭିନ୍ନ ସରକାରୀ ନିୟମ ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ବୈକୁଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପକ ଗୋପୀ ଗୋପାଳ ସୁନା, କ୍ରୀଡା ଶିକ୍ଷକ ପ୍ରକାଶ ସାହୁ, ଲାବଣ୍ୟ ଖର୍ସେଲ, ବିକାଶ ରାଉତ, କ୍ରିଷ୍ଣା ଜାଲ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ବେଲପଡ଼ା ବାଳିକା ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ



ବେଲପଡ଼ା, ୨୦।୮ (ସମିସ): ବେଲପଡ଼ା ବାଳିକା ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ବୁଡେକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବେଲପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀମାନଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ୧୦ମ ଶ୍ରେଣୀର ଛାତ୍ରୀ ଭାରତୀ ମେହେର ସଭା ସଞ୍ଚାଳନ କରିଥିଲେ। ପରିଶେଷରେ ଶିକ୍ଷକ ରାକେଶ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କୃଷକ ମହାସଂଘର ବିକ୍ଷୋଭ




ବଲାଙ୍ଗିର, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲା କୃଷକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଜିଲ୍ଲାର ଚାଷୀଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗରେ ଏହି ଆନ୍ଦୋଳନ ହୋଇଛି। ବୁଧବାର ଚାଷୀମାନେ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବଲାଙ୍ଗିର ଜିଲ୍ଲାରେ ଚାଷୀମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବା ଜିଲ୍ଲା କୃଷକ ମହାସଂଘ ଅଭିଯୋଗ କରିଛି। ଦଶ ଦଫା ଦାବି ନେଇ କୃଷକ ମହାସଂଘ ବୁଧବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶ କରିଛି। ମହାସଂଘ ଅଭିଯୋଗ କ୍ରମରେ ଜିଲ୍ଲାରେ ସାର କଳାବଜାର ଚାଲିଥିବା ପ୍ରଶାସନ ନୀରବ ରହିଛି। ଧାନ ପଞ୍ଜିକରଣ ସମୟ ସରିବାକୁ ବସିଥିବା ବେଳେ ଅନେକ ଚାଷୀ ଏବେ ବି ପଞ୍ଜିକରଣ କରିନାହାନ୍ତି। ସେହିପରି ବୀମା କମ୍ପାନୀଗୁଡ଼ିକ ବୀମା ପ୍ରଦାନରେ ଅନିୟମିତତା କରୁଥିବା ବେଳେ ଜଳସେଚନର ସୁବ୍ୟବସ୍ଥା ହୋଇନାହିଁ। ତେବେ ସାର କଳାବଜାର ବନ୍ଦ, ଧାନ ପଞ୍ଜିକରଣ ସମୟ ବୃଦ୍ଧି, ଧାନ ବିକ୍ରି ଏକର ପ୍ରତି ୧୩ରୁ ୨୦ କୁଇଣ୍ଟାଲକୁ ବୃଦ୍ଧି, ବଲାଙ୍ଗିରରେ ଟେକ୍ସଟାଇଲ ପାର୍କ କିମ୍ବା ସ୍ପିନିଂ ମିଲ୍ ସ୍ଥାପନ, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଦେଓଗାଁ ଚିନିକଳ ପୁନରୁଦ୍ଧାର, ସୁକତେଲ ଡ୍ୟାମ ନିକଟସ୍ଥ ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା, ବୀମା ଠକେଇର ତଦନ୍ତ ଲାଗି ସଂଘ ଦାବି କରିଛି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ତେବେ ଆଗକୁ ଏହି ସମସ୍ୟାର ସମାଧାନ କରା ନ ଗଲେ କୃଷକ ମହାସଂଘ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ସଭାପତି ଯତୀ ପଧାନ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା ପ୍ରତିକ୍ରିୟାରେ କହିଛନ୍ତି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କଣ୍ଟାବାଞ୍ଜି, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ପଖନମୁଣ୍ଡା ଛକରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁରିବାହାଲ ଥାନା ସର୍ଦ୍ଦାପୁର ଗାଁର ବୀର କୁଅର (୪୦)। ସେ ରାଜମିସ୍ତ୍ରି ଭାବେ କଣ୍ଟାବାଞ୍ଜି ସହରରେ କାମ କରି ଚଳୁଥିଲେ। କାମ ସାରି ବାଇକ୍ ଯୋଗେ ସେ ଘରକୁ ଫେରୁଥଲେ। ପଖନମୁଣ୍ଡା ଛକରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡରେ ପଡ଼ିଥିବା ବେଳେ ଶୋଭାରାଜ ସିଂ ମାଝୀ ନାମକ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତ ବୀରଙ୍କ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି। ତେବେ ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଫେରାର ହୋଇଯାଇଛି।

# ଦଶମ ଦିନରେ ଅମଲା ଆନ୍ଦୋଳନ

ବଲାଙ୍ଗିର, ୨୦।୮ (ସମିସ)



ଆନ୍ଦୋଳନରେ ରାଜସ୍ୱ ଅମଲା ସଂଘ। ନିର୍ବିକାର ସରକାର। ଏହି ଆନ୍ଦୋଳନର ପ୍ରଭାବ ସିଧାସଳଖ ବଲାଙ୍ଗିର ଜିଲ୍ଲାର କାର୍ଯ୍ୟାଳୟରେ ପଡୁଛି। ଏହାର ସମାଧାନ ପାଇଁ ଚେଷ୍ଟା ହେଉ ନ ଥିବା ଅଭିଯୋଗ ହୋଇଛି। ଆଗକୁ ପଶ୍ଚିମଓଡ଼ିଶାର ମହାନ ଗଣପର୍ବ ନୂଆଖାଇ। ଏହି ଆନ୍ଦୋଳନ ଏହି ପର୍ବକୁ ମଧ୍ୟ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଅମଲାମାନଙ୍କ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏମିତିରେ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ ସତ୍ତ୍ୱେ ସଂଘ ଆନ୍ଦୋଳନରୁ ଓହରି ନାହିଁ।

**● ନୂଆଖାଇ ପୂର୍ବରୁ ସରକାରୀ କାର୍ଯ୍ୟାଳୟରେ ଅଚଳାବସ୍ଥା**
**● ଜିଦରେ ଅଟଳ ସଂଘ**

ଗତ ୧୧ ତାରିଖରେ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲା। ଏହିକ୍ରମରେ ୧୧ ତାରିଖରୁ ଜିଲ୍ଲାପାଳ ଅଫିସ ଆଗରେ ଅମଲା ସଂଘ ବସି ଆନ୍ଦୋଳନ ଚଳାଇଛି। ଜିଲ୍ଲାପାଳ ଅଫିସରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଗତ ୧୦ ଦିନ ହେଲା ସମସ୍ତ କାର୍ଯ୍ୟ ଠପ ହୋଇପଡ଼ିଛି। ନା କୌଣସି ଫାଇଲ ଆଗକୁ ଯାଉଛି ନା କୌଣସି ବିଲ୍ ହେଉଛି। ଅମଲା ସଂଘରେ ବିଶେଷ କରି ତହସିଲ, ବ୍ଲକ, ଆଇସିଡିଏସ ସହ ଅନ୍ୟ ବିଭାଗର କିରାଣିମାନେ ରହିଛନ୍ତି। ସେମାନଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡ଼ିଛି। ତହସିଲ କାର୍ଯ୍ୟାଳୟରେ ଜମିଜମା କାମ ହେଉନି। ବ୍ଲକ ସାମ୍ନାରେ ହିତାଧିକାରୀ ଓ ଠିକାଦାରମାନଙ୍କ ଭିଡ ଦେଖିବାକୁ ମିଳିଛି। ସେହିପରି ଅନ୍ୟ କାର୍ଯ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ବଲାଙ୍ଗିର ଜିଲ୍ଲାରେ ଦେଖିବାକୁ ମିଳିଛି। ଆଗକୁ ପଶ୍ଚିମଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ଥିବାରୁ ସରକାରୀ କାର୍ଯ୍ୟ ବନ୍ଦ ହେବା ଯୋଗୁଁ ଅନେକ ଲୋକ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି। ଏମିତି ସ୍ଥିତିରେ ସଂଘ ସହ ଆଲୋଚନା କରି ସରକାର ନିଷ୍କର୍ଷ ବାହାର କରିବା ବଦଳରେ ଓଲଟି ସଂଘକୁ ଚେତବାନୀ ଦେବା ଘଟଣାକୁ ନେଇ ସଂଘ ଅସନ୍ତୋଷ ଜାହିର କରିଛି। ତେବେ ଏନେଇ ବଲାଙ୍ଗିର ଜିଲ୍ଲା ସମ୍ପାଦକ ରତିକାନ୍ତ ପୁରୋହିତଙ୍କ କହିବା ଅନୁସାରେ ଲୋକଙ୍କ ସମସ୍ୟା ବିଷୟରେ ଆମେ ଅବଗତ ଅଛୁ; କିନ୍ତୁ ସରକାର ବାରମ୍ବାର ଆମକୁ ଅଣଦେଖା କରୁଥିବାରୁ ଆମେ ମଧ୍ୟ ଆନ୍ଦୋଳନ କରିବାକୁ ବାଧ ହେଉଛୁ। ଆମ ସମସ୍ୟା ବୁଝିବା ବଦଳରେ ରାଜସ୍ୱ ମନ୍ତ୍ରୀ ସଂଘକୁ ଧମକାଉଛନ୍ତି ଯାହାକି ଏହି ଆନ୍ଦୋଳନକୁ ଆଗକୁ ନେବା ପାଇଁ ଘିଅ ଭଳି କାମ କରିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସମ୍ପାଦକ ଶ୍ରୀ ପୁରୋହିତ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଆନ୍ଦୋଳନ ଯୋଗୁଁ ଉପୁଜିଥିବା ପ୍ରଶାସନିକ ଅସ୍ଥିରତାର ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକେ ଅଯଥା ହଇରାଣ ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେବେ ନୂଆଖାଇ ଓ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ଦାବି କରିଛି।

## ଗୁଡେଭେଲିରେ କିଡ୍‌ନୀ ରୋଗରେ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାର ନିକଟରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ

### କିଡ୍‌ନୀ ରୋଗକୁ ନେଇ ଗାଁରେ ସଚେତନତା

ମନମୁଣ୍ଡା/ଶବଡା,୨୦।୮ (ସମିସ): କଣ୍ଧମାଳ ବ୍ଲକ୍ ଗୁଡେଭେଲିପଦର ପଞ୍ଚାୟତସଦର ମହକୁମାରେ କିଡ୍‌ନୀ ରୋଗରେ ମୃତ୍ୟୁବରଣ କରିଥିବା ପରିବାର ଦିଗରେ ପହଞ୍ଚିଛି ସ୍ୱାସ୍ଥ୍ୟ ବିଭାଗ ଓ ବ୍ଲକ ପ୍ରଶାସନ। ବୌଦ୍ଧ ସିଡିଏମ୍‌ପିଏଚଓ ଡା. ସଂଘମିତ୍ରା ପଣ୍ଡାଙ୍କ ନେତୃତ୍ୱରେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ



ଡା. ମହେନ୍ଦ୍ର କୁମାର ସଏ, ପିଏଚଇଓ ସୁଦର୍ଶନ ପ୍ରଧାନ, ବିପିଏମ୍ ରାକେଶ ମହାପାତ୍ର, ସ୍ୱାସ୍ଥ୍ୟ କର୍ମୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର, କଣ୍ଧମାଳ ବିଡିଓ ସାମ୍ପି ଜୟଶ୍ରୀ ରେଡ୍ଡୀ ଓ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଗୁଡଭେଲିପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ମୃତକଙ୍କ ଘରେ ପହଞ୍ଚି ପରିବାରକୁ ଶାନ୍ତ୍ୱନା ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୃତକଙ୍କ ପରିବାର ଓ ଗ୍ରାମରେ କିଡ୍‌ନୀ ରୋଗରେ ଆକ୍ରାନ୍ତଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଗାଁର ପାଣି ନମୁନା ସଂଗ୍ରହ କରି ଆଣିଥିବାବେଳେ କୂଅ ଇତ୍ୟାଦିରେ ବ୍ଲିଚିଂ ପାଉଡର ପକାଇଥିଲେ। ସ୍ୱାସ୍ଥ୍ୟ କର୍ମୀ ନିୟମିତ ରୋଗାକ୍ରାନ୍ତଙ୍କ ଅବସ୍ଥା ବୁଝିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡାକ୍ତରଖାନାରେ କିଡ୍‌ନୀ ରୋଗର ପର୍ଯ୍ୟାପ୍ତ ଔଷଧ ଥିବାର କହି ଉକ୍ତ ରୋଗରୁ କିପରି ମୁକ୍ତି ପାଇ ହେବ ସେ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। କଣ୍ଧମାଳ ସିଡିପିଓ ପଙ୍କଜିନି ମିଶ୍ର, ସ୍ଥାନୀୟ ଅଙ୍ଗନବାଡି କର୍ମୀ ଓ ଆଶାଦିଦି ଏହି ସମୟରେ ଉପସ୍ଥିତ ଥିଲେ।

## ନାବାଳିକାକୁ ରାସ୍ତା ଉପରେ ମାଡ଼ ଅଭିଯୋଗ

# ନାବାଳକ ଥାନାରେ ଅଟକ; ସଖୀକୁ ଗଲେ ନାବାଳିକା



ବିନିକା,୨୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଅଞ୍ଚଳ ସିଂଘିଯୁବା ଗ୍ରାମର ଜଣେ ନାବାଳିକାଙ୍କୁ ବିନିକା ବସଷ୍ଟାଣ୍ଡଠାରେ ୩ ନାବାଳକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ବିନିକା ଥାନାରେ ଏକ ମାମଲା(୧୬୭/୨୫) ରୁଜୁ ହୋଇଥିବା ବେଳେ ମାଡ ମାରିଥିବା ନାବାଳକକୁ ପୁଲିସ ଥାନାରେ ଅଟକ ରଖିଛି। ଅନ୍ୟପଟରେ ଜିଲ୍ଲା ଶିଶୁ ସୁରକ୍ଷା ସମିତି ନାବାଳିକାକୁ ଉଦ୍ଧାର କରି ଶିଶୁ କଲ୍ୟାଣ ବୋର୍ଡ ଆଗରେ ଉପସ୍ଥାପନ କରି ସଖୀ କେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ନାବାଳିକା ଜଣକ ବିନିକା ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିବା ବେଳେ ୩ ଜଣ ନାବାଳକ ସେଠାରେ ପହଞ୍ଚି ତାଙ୍କୁ ଟଣାଓଟରା କରିଥିଲେ। ପରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ଼ ମାରିଥିଲେ। ନାବାଳିକା ଜଣକ ଲହୁଲୁହାଣ ଅବସ୍ଥାରେ ଦୌଡ଼ି ବିନିକା ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ନାବାଳିକାଙ୍କ ବଡବାପା ଅଧିକାରୀ ଭୋଇ ଓ ଶିଶୁ ସୁରକ୍ଷା ସମିତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ରଙ୍କ ଅଭିଯୋଗ ଆଧାରରେ ଶିଶୁ କଲ୍ୟାଣ ସମିତିରେ ସିଡବ୍ଲୁସି କେସ୍ ନଂ ୩୪୭/୨୫ରେ ମାମଲା ରୁଜୁ କରିଥିଲେ। ଅନ୍ୟପଟରେ ଏନେଇ ବିନିକା ପୁଲିସ ଏକ ମାମଲା ରୁଜୁ କରି ନାବାଳିକାଙ୍କୁ ମାଡ଼ ମାରିଥିବା ନାବାଳକଙ୍କୁ ଥାନାରେ ଅଟକ ରଖିଛି। ନାବାଳିକାଙ୍କୁ ଶିଶୁକଲ୍ୟାଣ ବୋର୍ଡ ଆଗରେ ଉପସ୍ଥାପନ କରିବା ପରେ ଶିଶୁକଲ୍ୟାଣ ସମିତିର ହେମନ୍ତ ଶାଙ୍କ ପରାମର୍ଶ କ୍ରମେ ତାଙ୍କୁ ସଖୀ କେନ୍ଦ୍ରକୁ ପଠାଯାଇଛି। ଏହି ସମୟରେ ଶିଶୁ ସୁରକ୍ଷା ସମିତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର, କାଉନସିଲର୍ ସୁଧୀର କୁମାର ଦାସ, ସଖୀର ପରିଚାଳିକା ପାୟଲ ମିଶ୍ର, ସୁପ୍ରଭା ମଞ୍ଜରୀ ସିଂ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ହାଇସ୍କୁଲକୁ ଶ୍ରେଷ୍ଠ ନିଶାମୁକ୍ତ ଶିକ୍ଷାନୁଷ୍ଠାନ ପୁରସ୍କାର

ଡୁଙ୍ଗୁରିପାଲି,୨୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଗଧାପାଲି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାନନ୍ଦ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଅଧିକାରୀ ଦୁଃଖିରାମ ମହାଲିଙ୍ଗ ଯୋଗଦେଇ ନିଶାମୁକ୍ତ ଶିକ୍ଷା ଅନୁଷ୍ଠାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସିଏଚ୍‌ଓ ସୁଶ୍ରୀ ସୁପ୍ରଭା ପଧାନ ସମାଜକୁ କିପରି ନିଶାମୁକ୍ତ କରାଯାଇପାରିବେ ସେ ଉପରେ କହିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟକୁ ଡୁଙ୍ଗୁରିପାଲି ବ୍ଲକ୍‌ର ଶ୍ରେଷ୍ଠ ନିଶାମୁକ୍ତ ଶିକ୍ଷାନୁଷ୍ଠାନ ଭାବରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶେଷରେ ହେଲ୍‌ଥ ଅମ୍ବାସାଡର ବିଜିତାଶ୍ୱ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ଲଛିପୁର ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ



ଲଛିପୁର,୨୦।୮ (ସମିସ): ସୋନପୁର ବ୍ଲକ୍ ଲଛିପୁର ମୁଖ୍ୟରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲଛିପୁର ଭୀମଭୋଇ ବିଦ୍ୟାପୀଠରୁ ହନୁମାନ ମନ୍ଦିର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତର ଦୁରାବସ୍ଥା ଯୋଗୁଁ ଜନସାଧାରଣ ଖୁବ୍ ଅସୁବିଧା ଭୋଗ କରୁଛନ୍ତି। ଏହି ରାସ୍ତାର ଅନେକ ସ୍ଥାନରେ ଗର୍ତ୍ତମାନ ସୃଷ୍ଟି ହୋଇଥିବାରୁ ଗମନାଗମନ ସମୟରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ମୁଖ୍ୟ ସଡକରେ ସୃଷ୍ଟି ହୋଇଥିବା ଗର୍ତ୍ତମାନଙ୍କରେ ବର୍ଷାଜଳ ଜମି ରହୁଛି। ରାସ୍ତାଟି କାଦୁଅ ପଚ ପଚ ଯୋଗୁଁ ପଥଚାରୀ ହିନସ୍ତା ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତାର ଶୀଘ୍ର ମରାମତି ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଏମାନେ କୁହନ୍ତି...



ଦୀର୍ଘବର୍ଷ ହେଲା ଏହି ରାସ୍ତାର ମରାମତି କରାଯାଇ ନାହିଁ। ରାସ୍ତା ଫାଟି ଗର୍ତ୍ତମାନ ସୃଷ୍ଟି ହୋଇଥିବାରୁ ଲୋକେ ଖୁବ ଅସୁବିଧା ଭୋଗ କରୁଛନ୍ତି।

-ବାସୁଦେବ ରଣା, ପୂର୍ବତନ ସରପଞ୍ଚ, ଲଛିପୁର



ଲଛିପୁର ମୁଖ୍ୟରାସ୍ତାଟି ୫୭ ନମ୍ବର ଜାତୀୟ ରାଜପଥରୁ ବରଗଡ଼କୁ ସଂଯୋଗ କରୁଛି। ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଖୁବ ହଇରାଣ ହେଉଛନ୍ତି।

-ପବିତ୍ର ନାରାୟଣ ନେପାକ, ବ୍ୟବସାୟୀ



ଏହି ରାସ୍ତାରେ ସ୍କୁଲ, କଲେଜ ସବୁ ରହିଥିବାରୁ ଛାତ୍ରଛାତ୍ରୀମାନେ ଯିବା ଆସିବା ସମୟରେ ଅସୁବିଧା ଭୋଗ କରୁଛନ୍ତି। ମଝିରେ ମଝିରେ ଦୁର୍ଘଟଣାମାନ ଘଟୁଛି। ଏହାର ଶୀଘ୍ର ମରାମତିର ଆବଶ୍ୟକତା ରହିଛି।

-ଜଗନ୍ନାଥ ସାହୁ, ସ୍ଥାନୀୟ ବାସିନ୍ଦା

## ମାହେଶ୍ୱରୀ ପଞ୍ଚଗବ୍ୟ ଓ ସ୍ୱଦେଶୀ ବିକ୍ରୟ କେନ୍ଦ୍ରର ଶୁଭାରମ୍ଭ

ବୌଦ୍ଧ,୨୦।୮ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମଥୁରା ଚମ୍ପାପୁର ଛକରେ ମାହେଶ୍ୱରୀ ଗୋଶାଳାର ଅଧ୍ୟକ୍ଷ ନିର୍ଗୁଣ ମହାକୁଡଙ୍କ ଉଦ୍ୟମରେ ମାହେଶ୍ୱରୀ ପଞ୍ଚାଗବ୍ୟ ଓ ସ୍ୱଦେଶୀ ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ପଶ୍ଚିମ ଓଡିଶା ଗୋସେବା ପ୍ରମୁଖ ଲକ୍ଷ୍ମଣ ନାଏକ, ବୌଦ୍ଧ ଜିଲ୍ଲା ସଙ୍ଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ପୂର୍ବତନ କୃଷି ଅଧିକାରୀ ତଥା ବିଜେପି ପଛୁଆ ବର୍ଗ ମୋର୍ଚ୍ଚା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ମଥୁରା ସରପଞ୍ଚ ପ୍ରଦୀପ କୁମାର କଂହର, ମଥୁରା ସେବା ସମବାୟ ସମିତି ସଭାପତି ବିନୟ ମେହେର, ମାହେଶ୍ୱରୀ ଗୋଶାଳା ସମ୍ପାଦକ କୃତ୍ତିବାସ ପଲିଆ, ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ସେବା ସଙ୍ଘ ସମ୍ପାଦକ ଅରୁଣ କୁମାର ମେଣ୍ଡିଲି, ପଙ୍କୁଆଳ ଗ୍ରାମ କମିଟି ସଭାପତି ବିଜୟ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ମାସରେ ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ, କବିରାଜ, ବୈଦ୍ୟମାନଙ୍କ ଦ୍ୱାରା ଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯିବ ବୋଲି ଶ୍ରୀ ମହାକୁଡ଼ ପ୍ରକାଶ କରିଛନ୍ତି।

## ବିଶ୍ୱନାଥ ମିଶ୍ରଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନ




ବିନିକା,୨୦।୮ (ସମିସ): ରେଡକ୍ରସ ତରଫରୁ ଜାରି ରହିଥିବା ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନା ପାଇଁ ବିନିକା ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ସୋନପୁର ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ବିଶ୍ୱନାଥ ମିଶ୍ରଙ୍କୁ ରାଜୀବଗାନ୍ଧୀ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ସୂଚନାଯୋଗ୍ୟ, ବୁଧବାର ଭାରତରତ୍ନ ରାଜୀବଗାନ୍ଧୀଙ୍କ ୮୧ତମ ଜନ୍ମଦିବସ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବର୍ଣ୍ଣାଢ୍ୟ ଉତ୍ସବରେ ଅଧ୍ୟାପକ ବିଶ୍ୱନାଥଙ୍କୁ ରାଜୀବ ଗାନ୍ଧୀ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅବସରପ୍ରାପ୍ତ ଉପ-ମାର୍ଶଲ ଭାରତୀୟ ବାୟୁସେନାର ମହାରାଜା ମହନ୍ତ, ପର୍ଯ୍ୟବେକ୍ଷକ ମୁଖ୍ୟ ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ରାଜ୍ୟସଭା ସଭ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ଓଡିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମାରବର୍ ଦାସ, ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମର ସଭାପତି ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରେଡକ୍ରସ୍‌ର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଧ୍ୟାପକ ଶ୍ରୀ ମିଶ୍ରଙ୍କୁ ଟ୍ରଫି,ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

## ୧୦ ଦିନ ଧରି ଧାରଣାରେ ରାଜସ୍ୱ ଅମଲା

# ଉନ୍ନୟନ କାର୍ଯ୍ୟ ଠପ୍; ଅସୁବିଧା ଭୋଗୁଛନ୍ତି ଜନସାଧାରଣ

ତରଭା,୨୦।୮ (ସମିସ): ରାଜସ୍ୱ ଅମଲା ସଂଘର ୯ ଦଫା ଦାବି ନେଇ ୧୦ ଦିନ ହେଲା ତରଭା ରାଜସ୍ୱ ବିଭାଗର ଅମଲାମାନେ ସମୂହ ଛୁଟି ନେଇ ତରଭା ବ୍ଲକ୍ ସମ୍ମୁଖସ୍ଥ ବରଗଛ ତଳେ ଧାରଣାରେ ବସିଛନ୍ତି। ଫଳରେ ରାଜସ୍ୱ ବିଭାଗର କାର୍ଯ୍ୟ ଅଚଳ ହୋଇପଡିଛି। ଯାହାଦ୍ୱାରା ଜନସାଧାରଣ ଅସୁବିଧା ଭୋଗ କରୁଥିବା ଦେଖିବାକୁ ମିଳିଛି। ୧୦ ଦିନ ହେଲା ଧାରଣା ଜାରି ରହିଥିଲେ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁନଥିବାରୁ ଏହି ଆନ୍ଦୋଳନ ଆଉ କେତେଦିନ ଚାଲିବ ବୋଲି ପ୍ରଶ୍ନ ଉଠିଛି। ଅମଲାଙ୍କ ଧାରଣା ଯୋଗୁଁ ସମସ୍ତ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଛି। ବ୍ଲକ୍ ଓ ତହସିଲକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ନିରାଶ ହୋଇଫେରୁଛନ୍ତି। ତରଭା ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ବୀରେନ୍ଦ୍ର ରଥ, ବରିଷ୍ଠ ରାଜସ୍ୱ ସହାୟକ ଶିବାନନ୍ଦ ବାଗ. ଜିଲ୍ଲା ସଂଘ ସାଧାରଣ ସମ୍ପାଦକ ପ୍ରେମାନନ୍ଦ କୁଅଁର, ଅଚ୍ୟୁତ ଭୋଇ, କନିଷ୍ଠ ରାଜସ୍ୱ ସହାୟକ ରଂଜିତା ମେହେର, କମଳାକାନ୍ତ ପଧାନ, ପ୍ରଶାନ୍ତ ନାଗ, ତନ୍ମୟ ବାଗ, ସଞ୍ଜୟ ମେହେର, ଆଇସିଡ଼ିଏସ୍‌ର ତନୁଶ୍ରୀ ସାହୁ, ବ୍ଲକ୍‌ରୁ ଲକ୍ଷ୍ୟବ୍ରତ ନାଏକ, ବିକାଶ ମେହେର, ଜିତେନ୍ଦ୍ର ସାହୁ ପ୍ରମୁଖ ବରଗଛ ତଳେ ଧାରଣରେ ବସିଛନ୍ତି।




## ମଦ ଓ ଜୁଆ ବିରୋଧୀ ଆନ୍ଦୋଳନ ପାଇଁ ସଜବାଜ

ସୁବଳୟା,୨୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ବଡ ଟେଭାପଦର ଗ୍ରାମରେ ମଦ ଓ ଜୁଆ ଖେଳ ବନ୍ଦ ପାଇଁ ସ୍ଥାନୀୟ ମହିଳା ଗୋଷ୍ଠୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଅବାଧରେ ବେଆଇନ ଭାବେ ବିଭିନ୍ନ ପ୍ରକାରର ମଦ ବିକ୍ରି ହେଉଥିବା ବେଳେ ଅନେକ ସ୍ଥାନରେ ଜୁଆ ଖେଳ ହେଉଛି। ଯାହାଯୋଗୁଁ ସନ୍ଧ୍ୟା ହେଲେ ରାସ୍ତାରେ ଯାତାୟାତ ବେଳେ ମହିଳା ଓ ଛାତ୍ରଛାତ୍ରୀମାନେ ମଦୁଆଙ୍କ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି। ଏହି ଅଞ୍ଚଳରେ ବିଭିନ୍ନ ସମୟରେ ଲୋକେ ଲୁଟପାଟର ଶିକାର ହେଉଥିବା ଅଭିଯୋଗ ହେଇଆସୁଛି। ମଦ ପାଇଁ ଛୋଟବଡ ଡକାୟତି ଘଟୁଥିବା ବେଳେ ଅନେକ ସମୟରେ ଗ୍ରାମରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ଯାହାକୁ ବିରୋଧ କରି ବୁଧବାର ଅପରାହ୍ଣରେ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକତ୍ରିତ ହୋଇ ଗାଁ ଦାଣ୍ଡରେ ମଦବିକ୍ରି ଏବଂ ଜୁଆ ଖେଳ ବନ୍ଦ କରିବା ନିମନ୍ତେ ଏକ ସଭା କରି ନିଷ୍ପତ୍ତି ନେଇଥିବା ଦେଖିବାକୁ ମିଳିଛି। ମଦ୍ୟପାନ ଦ୍ୱାରା ଗ୍ରାମର ପରିବାରମାନଙ୍କରେ ବିଭିନ୍ନ ସମୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ପରିବାର ଭାଙ୍ଗିବା ସହ ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତି ଭୁଶୁଡି ଯାଉଛି। ତେଣୁ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ଏପରି ନିଷ୍ପତ୍ତି ଗ୍ରହଣ କରିଥିବା ଦେଖିବାକୁ ମିଳିଛି।

## ଗଣେଶ ପୂଜା ଲାଗି ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର



ବୌଦ୍ଧ,୨୦।୮ (ସମିସ): ଆଗକୁ ଗଣେଶ ପୂଜା ଆସୁଛି। ଏଥିପାଇଁ ଏବେଠୁ ସବୁଠି ଜୋରଦାର୍ ପ୍ରସ୍ତୁତି ଚାଲିଛି। ପୂଜାକୁ ଆଉମାତ୍ର କିଛିଦିନ ବାକି ଥିବା ବେଳେ ଏବେ ଗଣପତିଙ୍କ ମୂର୍ତ୍ତି ଗଢ଼ିବାରେ ନିମଗ୍ନ ରହିଛନ୍ତି ମୂର୍ତ୍ତି କାରିଗର। ଏଥିପାଇଁ ପୂଜା କମିଟିର କାର୍ଯ୍ୟକର୍ତ୍ତା ମଧ୍ୟ ପ୍ରସ୍ତୁତି ଚଳାଇଥିବା ଦେଖିବାକୁ ମିଳିଛି। ଅଗ୍ରପୂଜ୍ୟଙ୍କ ପୂଜା ପାଇଁ ଦିନରାତି ଏକକରି ମୂର୍ତ୍ତି ଗଢିବାରେ ବ୍ୟସ୍ତ ରହିଛନ୍ତି ମୂର୍ତ୍ତି କାରିଗର। ବିଶେଷ କରି ବିଭିନ୍ନ ପୂଜା ମଣ୍ଡପରେ କାରିଗର ମୂର୍ତ୍ତି ତିଆରି ଜୋର୍‌ସୋର୍‌ରେ ଜାରି ରଖିଛନ୍ତି। କେଉଁଠି ନିଜ ଜିଲ୍ଲାର ତ ଆଉ କେଉଁଠି ଅନ୍ୟ ଜିଲ୍ଲାର କାରିଗର ଆସି ମୂର୍ତ୍ତି ଗଢୁଛନ୍ତି। ଗ୍ରାହକଙ୍କ ଅଡର ଓ ଡିଜାଇନ ଅନୁସାରେ ଭିନ୍ନଭିନ୍ନ ଧରଣର ଗଣେଶ ମୂର୍ତ୍ତି ତିଆରି ଚାଲିଛି। କାରିଗର ନଡ଼ା, ସୁତୁଲି, ବାଉଁଶ, ମାଟି ଆଦି ସାମଗ୍ରୀରେ ଆକର୍ଷଣୀୟ ମୂର୍ତ୍ତି ତିଆରି କରୁଛନ୍ତି। ଜହ୍ନାପଙ୍କ ବସଷ୍ଟାଣ୍ଡ ସମେତ ସ୍କୁଲ, କଲେଜ, ନାରାୟଣନଗର ଦୈନିକ ବଜାର, ହରିବଂଶ ଛକ, ଚନ୍ଦ୍ରପୁର ଗାଁ ସହିତ ବିଭିନ୍ନ ଗଳି, ସାହିରେ ଗଣେଶ ପୂଜା ପାଳିତ ହେବ। ଜହ୍ନାପଙ୍କ ଅଞ୍ଚଳର ବିଭିନ୍ନ ପୂଜା କମିଟି ପକ୍ଷରୁ ପୂଜାକୁ ଆକର୍ଷଣୀୟ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ପୂଜା କମିଟିର ବରାଦ ଅନୁସାରେ କାରିଗର କିପରି ଆକର୍ଷଣୀୟ ମୂର୍ତ୍ତି ତିଆରି କରିବେ ସେନେଇ ବେଶ ଚେଷ୍ଟିତ ଥିବା ଦେଖିବାକୁ ମିଳିଛି।

## ବିଶ୍ୱ ଫଟୋଗ୍ରାଫି ଦିବସ

ସୁବଳୟା,୨୦।୮ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ୟୁଥ୍ ଫଟୋଗ୍ରାଫର ସଂଘ ପକ୍ଷରୁ ସୁବଳୟା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ଫଟୋଗ୍ରାଫର ଚିତ୍ତରଂଜନ ବିଶି, ସମ୍ବଲପୁର ଫଟୋଗ୍ରାଫର ସଂଘର ପୂର୍ବତନ ସଂପାଦକ ସତ୍ୟଜିତ ପଣ୍ଡା, ଉପସଭାପତି ବିପିନ ବିହାରୀ ନାୟକ, ବରିଷ୍ଠ ସାମ୍ବାଦିକ ଶେଷଦେବ ବାରିକ, ନମିତା ହୋତା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଫଟୋଗ୍ରାଫର ରବୀନ୍ଦ୍ର ହୋତା ଦୀର୍ଘ ୩୫ ବର୍ଷର ଫଟୋଗ୍ରାଫି ଜୀବନର ଅନୁଭୂତି ବଖାଣିଥିଲେ। ପ୍ରଦ୍ୟୁମ୍ନ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିକନ କମ୍ପାନୀର ବିଜ୍‌ନେସ ମ୍ୟାନେଜର ଯୋଗଦେଇ କମ୍ପନୀ ପକ୍ଷରୁ ଥିବା ଅନେକ ରିହାତି ସମ୍ପର୍କରେ ଫଟୋଗ୍ରାଫରମାନଙ୍କୁ ଜଣାଇଥିଲେ। ଆସନ୍ତା ସେପ୍ଟେମ୍ବର ମାସରେ ଭୁବନେଶ୍ୱରରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଫଟୋ ଫେୟାରର ପୋଷ୍ଟରକୁ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଯୁବ ଫଟୋଗ୍ରାଫର ଯୋଗଦେଇଥିଲେ।




# କନ୍ଧମାଳ ପାଇଁ ଆନ୍ଦୋଳନ ଚେତାବନୀ

ଶଗଡା,୨୦।୮ (ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ୧୨ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଘୋଷଣା ହୋଇଥିବା ବେଳେ ଉକ୍ତ ଏନ୍‌ଏସି ତାଲିକାରେ କଣ୍ଟାମାଳର ନାଁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ସରକାର କଣ୍ଟାମାଳକୁ ଖୁବ୍‌ଶୀଘ୍ର ଏନ୍‌ଏସି କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନର ବିଜେପି ସରକାର ଘୋଷଣା କରିଥିବା ଏନ୍‌ଏସି ତାଲିକାରେ କଣ୍ଟାମାଳର ନାଁ ନାହିଁ। ଖଡଙ୍ଗ ନଦୀ ଓ ତେଲନଦୀ ଉପରେ ପୋଲ ହେବା ପରେ ପ୍ରତିଦିନ କଣ୍ଟାମାଳ ଉପରେ ପଡୋଶୀ ବାଲିଗୁଡ଼ା ସମେତ ବଲାଙ୍ଗୀର, କଳାହାଣ୍ଡି ଓ ସୁବର୍ଣ୍ଣପୁର ଜିଲ୍ଲାର କିଛି ଅଞ୍ଚଳବାସୀ ମଧ୍ୟ ବିଭିନ୍ନ କାର୍ଯ୍ୟ ନିମନ୍ତେ




ନିର୍ଭର କରୁଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଆବଶ୍ୟକୀୟ ସବୁ ସୂଚକାଙ୍କକୁ ପୂରଣ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ବିଭିନ୍ନ ଦାବି ଜଣାଇବା ସତ୍ତ୍ୱେ ମଧ୍ୟ କଣ୍ଟାମାଳକୁ ଆଜି ଯାଏ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିନି। ବିଜେଡି ଘୋଷଣା କରିଥିବା କଣ୍ଟାମାଳ ଏନ୍‌ଏସିକୁ କାର୍ଯ୍ୟକାରୀ କରିବାକୁ ବିଜେପି ସରକାର କାହିଁକି ଅମଙ୍ଗ ହେଉଛି ବୋଲି କଣ୍ଟାମାଳ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହାର ଜବାବ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ନିକଟ ଅତୀତରେ ସ୍ୱାଧୀନତା ଦିବସ ମଞ୍ଚରେ ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ରାଜ୍ୟରେ ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେବା ନେଇ ମତ ପ୍ରକାଶ କରିଥିଲେ। ଏହା ପରେ କଣ୍ଟାମାଳ ଜନସାଧାରଣଙ୍କ ମନରେ ଏନ୍‌ଏସି ଘୋଷଣା ନେଇ ଏକ ନୂତନ ଆଶା ସଂଚାର ହୋଇଥିଲା। କିନ୍ତୁ ଗତ ୨ ଦିନ ପୂର୍ବେ ରାଜ୍ୟ ସରକାର ୧୨ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପରେ କଣ୍ଟାମାଳକୁ ବାଦ୍ ଦିଆ ଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନ୍‌ଏସି ମାନ୍ୟତା ପାଇଁ ଆଗାମୀ ଦିନରେ ଏକ ବଡ ଧରଣର ଆନ୍ଦୋଳନ ପାଇଁ କଣ୍ଟାମାଳବାସୀ ଏବେଠୁ ସଜବାଜ ଆରମ୍ଭ କରୁଥିବା ଶୁଣିବାକୁ ମିଳୁଛି।



# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com



## ୬ ହଜାର ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କଲା ଆମେରିକା

**ଅପରାଧ ଓ ଆତଙ୍କବାଦରେ ସାମିଲ ଥିଲେ ୪୦୦୦**

ୱାସିଂଟନ, ୨୦।୮(ଏଜେନ୍ସି): ଆମେରିକା ୬, ୦୦୦ ଛାତ୍ରଛାତ୍ରୀଙ୍କ ଭିସା ରଦ୍ଦ କରିଦେଇଛି। ଏମାନେ କିଛି ନା କିଛି ଅପରାଧ କରିଛନ୍ତି କିମ୍ବା ଆଇନ୍‌ର ଉଲ୍ଲଂଘନ କରିଛନ୍ତି। ଆଉ କେତେଜଣଙ୍କ ଭିସା ଅବଧି ଶେଷ ହୋଇଥିଲେ ମଧ୍ୟ ସେମାନେ ଆମେରିକାର ରହୁଥିଲେ। ଅନ୍ୟ କିଛି ଛାତ୍ରଛାତ୍ରୀ ଗମ୍ଭୀର ଅପରାଧରେ ସାମିଲ ରହିଥିଲେ। ରଦ୍ଦ ହୋଇଥିବା ୬୦୦୦ ଭିସାରୁ ୪୦୦୦ ଭିସା ଧାରକ ଅପରାଧରେ ସାମିଲ ଥିଲେ। ଏମାନେ ମାର୍‌ପିଟ୍, ଚୋରି ଓ ନିଶା ସେବନ କରି ଗାଡି ଚାଳାଉଥିବା ଅଭିଯୋଗ ଲାଗିଛି। କେତେକ ଛାତ୍ରଛାତ୍ରୀ ଆତଙ୍କବାଦରେ ମଧ୍ୟ ସାମିଲ ରହିଥିଲେ ବୋଲି ଆମେରିକା ବିଦେଶ ମନ୍ତ୍ରଣାଳୟ ସୂଚନା ଦେଇଛି। ୨୦୨୩-୨୪ରେ ଆମେରିକାର ବିଭିନ୍ନ କଲେଜରେ ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କେତେକ ଛାତ୍ରଛାତ୍ରୀ ଶିକ୍ଷାଭିତ୍ତିକ ଭିସାର ବେଆଇନ୍ ବ୍ୟବହାର କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାସ୍ ଏଥିପାଇଁ ଭିସା ନିୟମକୁ ଯାଞ୍ଚ୍ ଓ କଡ଼ା କରିବାକୁ ନିଷ୍ପତ୍ତି ନିଆଯାଇଛି ।

ଆମେରିକାର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯ ପ୍ରତିଶତ ଭାରତୀୟ। ଆମେରିକାରେ ମୋଟ୍ ୧୧.୨୬ ଲକ୍ଷ ବିଦେଶୀ ଛାତ୍ରଛାତ୍ରୀ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ ୩.୩୧ ଲକ୍ଷ ଛାତ୍ରଛାତ୍ରୀ ଭରାତୀୟ ଅଛନ୍ତି। ୨୦୦ରୁ ୩୦୦ ଭିସା ଧାରକ ଛାତ୍ରଛାତ୍ରୀ ଆତଙ୍କବାଦ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଜଡିତ ରହିଛନ୍ତି। ଏହି ଭସାଗୁଡିକୁ ପ୍ରବାସନ ଓ ଜାତୀୟତା ଆକ୍ଟର ଧାରା ଅନୁସାରେ ରଦ୍ଦ କରାଯାଇଛି। ତେବେ ଏହି ମାମଲାରେ ସବିଶେଷ ତଥ୍ୟ ସାର୍ବଜନୀନ କରାଯାଇ ନାହିଁ। ଏହି ଛାତ୍ରଛାତ୍ରୀମାନେ ଆମେରିକା ଆଇନକୁ ଉଲ୍ଲଂଘନ କରିବା ସହ କଲେଜ କ୍ୟାମ୍ପସ ଓ ନାଗରିକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥିଲେ। ଏହି କାରଣରୁ ଆମେରିକା ବିଦେଶୀ ଛାତ୍ରଛାତ୍ରୀଙ୍କ ଭିସା ପ୍ରକ୍ରିୟାକୁ ଦିନକୁ ଦିନ କଡ଼ା କରିବାରେ ଲାଗିଛି। ଆମେରିକାର ସେପ୍ଟେମ୍ବର ୨ରୁ ଇଣ୍ଟରଭ୍ୟୁ ୱେବର ପ୍ରୋଗ୍ରାମ୍ (ଆଇଡବ୍ଲ୍ୟୁପି)କୁ ବନ୍ଦ କରିବାକୁ ଘୋଷଣା କରିଛି। ଏବେ ଏଚ୍-୧ବି, ଏଲ୍-୧ ଓ ଏଫ୍-୧ ଭଳି ଅଣ ପ୍ରବାସୀ ଭିସା ପାଇଁ ଆମେରିକା ଦୂତାବାସକୁ ଯାଇ ସାକ୍ଷାତକାର ଦେବାକୁ ହେବ।

## ଗାଜା ସିଟି ଅକ୍ତିଆର କରିବ ଇସ୍ରାଏଲ



ତେଲ ଅଭିଭ୍, ୨୦।୮(ଏଜେନ୍ସି): ଗାଜା ସିଟିକୁ ଅକ୍ତିଆର ଯୋଜନାକୁ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଜ ମଞ୍ଜୁରି ଦେଇଛନ୍ତି। ସେ ୬୦ ହଜାର ଅତିରିକ୍ତ ସୈନିକ ତଥା ରିଜର୍ଭ ଫୋର୍ସ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ବୁଧବାର ଏ ନେଇ ସୂଚନା ଦିଆଯାଇଛି। ହମାସ ଉପରେ ଚାପ ପ୍ରୟୋଗ କରିବାକୁ ଇସ୍ରାଏଲ ଏହି ନିଷ୍ପତ୍ତି ନେଇଛି। ଗାଜା ସିଟିକୁ ଅକ୍ତିଆର କରିବା ପାଇଁ ଇସ୍ରାଏଲ ମୋଟ ଉପରେ ଏକ ଲକ୍ଷ ୩୦ ହଜାର ସୈନିକଙ୍କୁ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛି। ଡ୍ୟୁଟିରେ ଯୋଗ ଦେବାପାଇଁ ଅତିକମ୍‌ରେ ଦୁଇ ସପ୍ତାହ ପୂର୍ବରୁ ସୈନିକମାନଙ୍କୁ ନୋଟିସ ଦିଆଯିବ ବୋଲି କୁହାଯାଇଛି। ସେପ୍ଟେମ୍ବର ୨ରେ ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଯିବ। ଏହାପରେ ନଭେମ୍ବର- ଡିସେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟରେ ଓ ଫେବୃଆରୀ-ମାର୍ଚ୍ଚରେ ତୃତୀୟ ପର୍ଯ୍ୟାୟରେ ସୈନିକମାନଙ୍କୁ ଡକାଯିବ ବୋଲି କୁହାଯାଇଛି। ଗାଜା ସିଟି ଅକ୍ତିଆର ପ୍ରକ୍ରିୟାକୁ 'ଜିଡେଓନ୍ସ ଚାରଅଟ୍ସ' ନାମ ଦିଆଯାଇଛି। ଏହି ଅବସରରେ ପ୍ରଥମରୁ ସେଠାରେ ନିୟୋଜିତ ଥିବା ହଜାର ହଜାର ସୈନିକଙ୍କ ଡ୍ୟୁଟିକୁ ୩୦-୪୦ ଦିନ ଆହୁରି ବଢ଼ାଇ ଦିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ମୋଟ ଉପରେ ସେନାର ୫ଟି ଡିଭିଜନ ସାମିଲ ହେବ। ଉଲ୍ଲେଖଥାଉ କି, ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି। ଏଥିରେ ୧୨ ବ୍ରିଗେଡ୍ ସ୍ତରର ଦଳ ସାମିଲ ରହିବ। ଏଥିରେ ପଦାତିକ ସୈନିକ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଓ ସପୋର୍ଟ ୟୁନିଟ୍ ସାମିଲ ରହିବ। ଏହାକୁ ବାଦ୍ ଦେଲେ ଗାଜା ଡିଭିଜନର ଉତ୍ତର ଓ ଦକ୍ଷିଣ ବ୍ରିଗେଡ୍ ମଧ୍ୟ ଅଂଶଗ୍ରହଣ କରିବେ। ଗାଜାର ୭୫ ପ୍ରତିଶତ ଅଞ୍ଚଳ ଏବେ ଇସ୍ରାଏଲ ନିୟନ୍ତ୍ରଣରେ ରହିଛି।

■ ଏନ୍‌ଏଚଏଆଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ଖରାପ ରାସ୍ତାରୁ ଟୋଲ୍ ଆଦାୟ ହେବନି

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଆଇ)କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରିଛନ୍ତି। ରାସ୍ତା ଖରାପ ଥିଲେ ଏବଂ ତା' ଉପରେ ଖାଲଖମା ପରିପୂର୍ଣ୍ଣ ଥିଲେ ନାଗରିକଙ୍କୁ ଟୋଲ୍ ଟ୍ୟାକ୍ସ ଦେବାକୁ ବାଧ କରାଯାଇପାରିବ ନାହିଁ। ଏହା ଲୋକଙ୍କ ପର୍ସ ଏବଂ ଧୈର୍ଯ୍ୟ ଉପରେ ବୋଝ ପାଲଟି ଯାଉଛି। ପୂର୍ବରୁ ଲୋକେ ଗାଡ଼ି ଟ୍ୟାକ୍ସ ମଧ୍ୟ ଦେଇଛନ୍ତି। ଏଭଳି ରାସ୍ତା ପାଇଁ ଲୋକଙ୍କୁ ଦଣ୍ଡ ଭୋଗିବାକୁ ପଡୁଛି। ଏହା ପରିବେଶ ପାଇଁ ମଧ୍ୟ ବିପଜ୍ଜନକ। କାରଣ ଅଧିକ ଇନ୍ଧନ ଅପଚୟ ହେଉଛି ବୋଲି ପ୍ରଧାନ ବିଚାରପତି ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଏଥିସହିତ କେରଳ ତ୍ରିସୁର ଜିଲ୍ଲାର ଏନ୍‌ଏଚ୍-୫୪୪ରେ ଟୋଲ ଆଦାୟ ନ କରିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଏନ୍‌ଏଚ୍‌ଆଇ କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ସୁପ୍ରିମକୋର୍ଟ ଗତ ସୋମବାର ଏହି ରାୟ ଦେଇଥିବାବେଳେ ବୁଧବାର ଏହା ସାମ୍ନାକୁ ଆସିଛି।

## ଥମୁନି ମୁମ୍ବାଇ ବର୍ଷା; ବଢୁଛି ଯନ୍ତ୍ରଣା

ମୁମ୍ବାଇ, ୨୦।୮(ଏଜେନ୍ସି): ମୁମ୍ବାଇରେ କ୍ରମାଗତ ତିନି ଦିନ ଧରି ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ୩୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଫଳରେ ସ୍କୁଲ, କଲେଜ, ସରକାର ଓ ଅର୍ଦ୍ଧ ସରକାରୀ ଅଫିସଗୁଡିକ ବନ୍ଦ ରହିଛି। ୩୪ଟି ଲୋକାଲ ଟ୍ରେନ୍ ବାତିଲ ହୋଇଛି। ୨୫୦ରୁ ଅଧିକ ବିମାନ ଉଡାଣ ପ୍ରଭାବିତ ହୋଇଛି। ସ୍ଥାନୀୟ ମୋନୋରେଲ ନିକଟସ୍ଥ ସ୍ଥାନରେ ୮୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଫରୁଖାବାଦରେ ଗଙ୍ଗାନଦୀ ବିପଦ ସଂକେତ ଉପରେ ବହୁଛି ଓ ଏହାର ପ୍ରଭାବରେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ବନ୍ୟା ଘେରରେ ରହିଛି।

## ରାଜନୈତିକ ଦଳ ବନ୍ଦ କରିବେ ମସ୍କ

ୱାସିଂଟନ, ୨୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବତନ ସହଯୋଗୀ ତଥା ବ୍ୟବସାୟୀ ଏଲନ ମସ୍କ ନିଜ ଦଳ 'ଆମେରିକା ପାର୍ଟି' ବନ୍ଦ କରିବାକୁ ଯାଉଛନ୍ତି। ସେ ନିଜ ସହଯୋଗୀଙ୍କୁ ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି। ମସ୍କ ୪୫ ଦିନ ତଳେ ଏହି ଦଳ ଗଠନ କରିଥିଲେ। ସୂଚନା ଅନୁଯାୟୀ ମସ୍କ ରାଜନୀତି ବଦଳରେ ନିଜ କମ୍ପାନୀକୁ ଅଧିକ ଧ୍ୟାନ ଦେବାକୁ ଚାହୁଁଛନ୍ତି। ଏହା ବ୍ୟତୀତ ସେ ଆମେରିକା ଉପ-ରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସଙ୍କ ସହ ନିଜ ସମ୍ପର୍କକୁ ଖରାପ କରିବାକୁ ଚାହୁଁ ନାହାନ୍ତି। ଯଦି ଉପ-ରାଷ୍ଟ୍ରପତି ଭେନ୍ସ ୨୦୨୮ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢିବେ ତେବେ ମସ୍କ ତାଙ୍କୁ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଚାହୁଁଛନ୍ତି।

## ୧୦ମ ଶ୍ରେଣୀ ଛାତ୍ରଙ୍କୁ ହତ୍ୟାକଲା ୮ମ ଶ୍ରେଣୀ ଛାତ୍ର

ଅହମଦାବାଦ୍, ୨୦।୮(ଏଜେନ୍ସି): ସ୍ଥାନୀୟ ସେଭେନ୍‌ଥ ଡେ ସ୍କୁଲ୍‌ରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୮ମ ଶ୍ରେଣୀ ଛାତ୍ର ୧୦ମ ଶ୍ରେଣୀର ଜଣେ ଛାତ୍ରଙ୍କୁ ଛୁରି ମାରି ନିର୍ମମ ଭାବେ ହତ୍ୟା କରିଛି। ମଙ୍ଗଳବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ଆହତ ଛାତ୍ରଜଣକ ସନ୍ଧ୍ୟାରେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଉତ୍ୟକ୍ତ ହୋଇ ୨ ହଜାର ଲୋକ ବୁଧବାର ସ୍କୁଲ ଘେରଉ କରିବା ସହ ଭଙ୍ଗାରୁଜା କରିଥିଲେ ଓ ସ୍କୁଲ ଅଧକ୍ଷଙ୍କ ସହ ଅନ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମାଡ ମାରିଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚିଥିଲେ ମଧ୍ୟ ଲୋକଙ୍କ ରାଗ ଥମି ନଥିଲା। ଅଭିଯୁକ୍ତି ଓ ମୃତ ଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ପୁରୁଣା ଶତ୍ରୁତା ପାଇଁ ଅଭିଯୁକ୍ତ ଲୁଚାଇ ଛୁରି ଆଣିଥିଲା।

## ମାଲେସିଆରେ ନମାଜ ନ କଲେ ଜେଲ୍

କୁଆଲାଲମ୍ପୁର,୨୦।୮(ଏଜେନ୍ସି): ମାଲେସିଆର ତେରେଙ୍ଗାନୁ ରାଜ୍ୟରେ ଏବେ ଏକ ନୂଆ ଆଇନ୍ ଲାଗୁ ହେବାକୁ ଯାଉଛି। ଶୁକ୍ରବାର ପ୍ରାର୍ଥନାରେ ଯୋଗ ନ ଦେଲେ ଏହି ରାଜ୍ୟରେ ମୁସଲମାନ ପୁରୁଷଙ୍କୁ ଜରିମାନ ସହ ୨ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ। ସେଭଳି କୌଣସି ଠୋସ୍ କାରଣ ବିନା ପ୍ରାର୍ଥନାରେ ଯୋଗ ନଦେଲେ ଜରିମାନା ବାବଦରେ ୩,୦୦୦ ମୋଲସିଆନ୍ ରିଙ୍ଗିଟ୍ ଅର୍ଥାତ ୪୨,୦୦୦ ଟଙ୍କା ଜରିମାନା ଆକାରରେ ଦେବାକୁ ହେବ ବୋଲି କୁହାଯାଇଛି। ଶାସକ ପାନ- ମାଲେସିଆନ ଇସ୍‌ଲାମିକ ପାର୍ଟି (ପିଏଏସ୍) ସୋମବାର ଏ ନେଇ ଘୋଷଣା କରିଛି ଓ ଏହି ନୂଆ ଆଇନ୍ ସିରିଆ ଅପରାଧିକ ଅପରାଧ (ତକଜୀର) ଅଧିନିୟମ ଅନୁସାରେ ଲାଗୁ ହେବ ବୋଲି କୁହାଯାଇଛି। ଏହି ନୂଆ ନିୟମ ଚଳିତ ସପ୍ତାହରୁ ଲାଗୁ ହେବ।

# ବିବାଦ ବଢ଼ାଉଛନ୍ତି ଆତ୍ମଘୋଷିତ 'ଶାନ୍ତି ଦୂତ' ଟ୍ରମ୍ପ

## ଭେନେଜୁଏଲା ନିକଟରେ ୩ ଯୁଦ୍ଧ ଜାହାଜ ମୁତୟନ

## ଜବାବରେ ୪୫ ଲକ୍ଷ ଯବାନ ମୁତୟନ କଲା ଭେନେଜୁଏଲା

ୱାସିଂଟନ, ୨୦।୮ (ଏଜେନ୍ସି): ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରି ନୋବେଲ ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଆଉ ଏକ ବିବାଦ ସୃଷ୍ଟି କରିଛନ୍ତି। ନିଜକୁ ସବୁଠୁ ବଡ଼ ମଧ୍ୟସ୍ଥି କହୁଥିବା ଟ୍ରମ୍ପ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି। ସେ ଏହି ଦେଶର ଉପକୂଳ ନିକଟରେ ତିନି ଯୁଦ୍ଧ ଜାହାଜ ମୁତୟନ କରିଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ଏହି ପଦକ୍ଷେପକୁ ନିଶା ମାଫିଆଙ୍କ ସହ ମୁକାବିଲା ଭାବେ ଦର୍ଶାଉଛି। ଏ ସମ୍ବନ୍ଧିତ ହିଂସାକୁ ରୋକିବା ପାଇଁ ଏପରି କରାଯାଉଥିବା କୁହାଯାଇଛି। ଭେନେଜୁଏଲା ସରକାର ନିଶା ଚୋରାଚାଲାଣକୁ ପ୍ରୋତ୍ସାହନ ଦେଉଥିବା ଆମେରିକା ସରକାର ଅଭିଯୋଗ କରିଛନ୍ତି। ତେବେ ଭେନେଜୁଏଲା ପକ୍ଷରୁ ଏଭଳି ଅଭିଯୋଗ ଖାରଜ କରିଦିଆଯାଇଛି। ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକା ଏହି ପଦକ୍ଷେପକୁ ବିରୋଧ କରି ୪୫ ଲକ୍ଷ ସୈନିକ ମୁତୟନ ପାଇଁ ଘୋଷଣା କରିଛନ୍ତି।



ମାଦୁରୋ କହିଛନ୍ତି ଯେ ଆମେରିକା ପାଗଳ ହୋଇଯାଇଛି। ଦେଶର ଶାନ୍ତି ଭାଙ୍ଗିବାକୁ ଏହି ଦେଶ ପ୍ରୟାସ କରୁଛି। ଏଥିପାଇଁ ବାରମ୍ବାର ଧମକ ଦେଇ ଚାଲିଛି। କିନ୍ତୁ ଭେନେଜୁଏଲା ଯେକୌଣସି ସ୍ଥିତିରେ ବି ନିଜର ସୁରକ୍ଷା କରିବ। ସେହିପରି ଭେନଜୁଏଲା ବିଦେଶମନ୍ତ୍ରୀ ୟଭାନ ଗିଲ ମଙ୍ଗଳବାର କହିଥିଲେ ଯେ ଆମେରିକା ପାଖରେ ବିଶ୍ୱସନୀୟତାର ଅଭାବ ରହିଛି। ସେଥିପାଇଁ ଏହି ଦେଶ ନିଶା ଚୋରା ଚାଲାଣର ଅଭିଯୋଗ ଲଗାଇଛି। ଭେନେଜୁଏଲା ଶାନ୍ତି ଏବଂ ସାର୍ବଭୌମ ସହ ଆଗକୁ ବଢୁଛି। ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ନୁଆଁଇ ପାରିବ ନାହିଁ। ବାରମ୍ବାର ଧମକ ଦେଇ ଆମେରିକା ଏହା ସାବ୍ୟସ୍ତ କରିଛି।

ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟର ଜଣେ ଅଧିକାରୀ କହିଛନ୍ତି ଯେ ୟୁଏସଏସ ଗ୍ରେଭଲି, ୟୁଏସଏସ ଜେସନ ଡନ୍‌ହମ୍ ଏବଂ ୟୁଏସଏସ ସାମ୍ପସନ୍‌ର ତିନି ଏଜିସ ଗାଇଡେଡ-ମିସାଇଲ ଡ୍ରେଷ୍ଟୟର ଯୁଦ୍ଧ ଜାହାଜ ଭେନେଜୁଏଲା ନିକଟରେ ପହଞ୍ଚି ଯାଇଛି। ଏହି ତିନି ଯୁଦ୍ଧ ଜାହାଜ ସ୍ଥଳ, ଜଳ ଏବଂ ଆକାଶ ସୀମାକୁ ସୁରକ୍ଷା ଦେବାରେ ସକ୍ଷମ। ଏହା ସହିତ ୪୦୦୦ ଯବାନ, ପି-୮ଏ ପୋସାଇଡନ ବିମାନ ଏବଂ ଗୋଟିଏ ବିଧ୍ୱଂସକ ବୁଡ଼ାଜାହାଜ ମଧ୍ୟ ସାମିଲ ରହିଛି। ଏହା ଆଗାମୀ କିଛି ମାସ ପର୍ଯ୍ୟନ୍ତ କ୍ଷେତ୍ରରେ ନିଶା ଚୋରାଚାଲାଣ ବିରୋଧୀ ଅଭିଯାନରେ ସାମିଲ ରହିବ। ଟ୍ରମ୍ପ ପ୍ରଶାସନ ଅନୁଯାୟୀ ସବୁଠାରୁ ବଡ଼ ନିଶା ଚୋରାଚାଲାଣକାରୀଙ୍କ ମଧ୍ୟରେ ମାଦୁରୋ ଅନ୍ୟତମ। ସେ ନିଶା ଚୋରାଚାଲାଣକାରୀଙ୍କ ସହ ମିଶି ଆମେରିକାକୁ କୋକେନ ଚାଲାଣ କରୁଛନ୍ତି। ଗତ ୮ ତାରିଖରେ ଆମେରିକା ତାଙ୍କ ବିରୋଧରେ ଲଗାଯାଇଥିବା ପୁରସ୍କାର ରାଶିକୁ ଦୁଇ ଗୁଣା କରି ୪୩୫ କୋଟି ଟଙ୍କା କରିଦେଇଥିଲା। ଏହା ପୂର୍ବରୁ ମାଦୁରୋଙ୍କ ଉପରେ ୨୧୭ କୋଟି ଟଙ୍କା ପୁରସ୍କାର ରଖାଯାଇଥିଲା। ତାଙ୍କର ୬ ହଜାର କୋଟିରୁ ଅଧିକ ସମ୍ପତ୍ତି ମଧ୍ୟ ଆମେରିକା ଜବତ କରିଛି। ୨୦୨୦ରେ ନ୍ୟୁୟର୍କର ଏକ ଅଦାଲତ ମାଦୁରୋଙ୍କୁ ନାର୍କୋ-ଆତଙ୍କବାଦ ଏବଂ କୋକେନ ଚାଲାଣ ଅଭିଯୋଗରେ ମାମଲା ରୁଜୁ କରିଥିଲେ। ଆମେରିକା ଜୋରିମାନା ରାଶିକୁ ନେଇ ଗତ ୧୨ ତାରିଖରେ ମାଦୁରୋ ଆମେରିକାକୁ ଖୋଲା ଆହ୍ୱାନ ଦେଇଥିଲେ। ଯଦି ସାହସ ଅଛି ଗିରଫ କରି ଦେଖାଅ ବୋଲି କହିଥିଲେ।

## ରୁଷ୍-ୟୁକ୍ରେନ ଚୁକ୍ତି ଦ୍ୱାରା ସ୍ୱର୍ଗ ଯିବା ସମ୍ଭାବନା ବଢ଼ିବ: ଟ୍ରମ୍ପ

ୱାସିଂଟନ, ୨୦।୮ (ଏଜେନ୍ସି): ନୋବେଲ ଶାନ୍ତି ଚାହୁଁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମୃତ୍ୟୁପରେ ସ୍ୱର୍ଗ ଯିବାକୁ ଚାହୁଁଛନ୍ତି। ରୁଷ୍-ୟୁକ୍ରେନ ଶାନ୍ତି ଚୁକ୍ତି ଦ୍ୱାରା ତାଙ୍କର ସ୍ୱର୍ଗ ଯିବା ସମ୍ଭାବନା ବୃଦ୍ଧି ପାଇବ। କିନ୍ତୁ ଏବେ ତାଙ୍କର ସ୍ୱର୍ଗ ଯିବାର ସମ୍ଭାବନା ବହୁତ କମ୍ ବୋଲି ଏକ ସାକ୍ଷାତକାର ଅବସରରେ ଟ୍ରମ୍ପ ମଜାଳିଆ ଢଙ୍ଗରେ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ଯେ ସେ ସ୍ୱର୍ଗ ଯିବା ପାଇଁ ପ୍ରୟାସ କରିବାକୁ ଚାହୁଁଛି। ଲାଗୁଛି ମୋ ସ୍ଥିତି ଭଲ ନାହିଁ। କିନ୍ତୁ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରାଇବା ଦ୍ୱାରା ସ୍ୱର୍ଗ ଯିବାର ମାର୍ଗ ବାହାରିପାରେ। ୟୁକ୍ରେନର ସୁରକ୍ଷାକୁ ନେଇ ମଧ୍ୟ ସେ ଟିପ୍ପଣୀ ଦେଇଛନ୍ତି। ୟୁକ୍ରେନ ବାୟୁସୀମାକୁ ସୁରକ୍ଷା ପ୍ରଦାନ କରିପାରନ୍ତି। ମାତ୍ର ଆମେରିକା ସୈନିକ କେବେ ସେଠାରେ ମୁତୟନ ହେବେ ନାହିଁ। ଆଉ ୟୁକ୍ରେନକୁ ମଧ୍ୟ ନାଟୋରେ ସାମିଲ କରିବା ଅସମ୍ଭବ। ଫ୍ରାନ୍ସ, ଜର୍ମାନୀ ଏବଂ ବ୍ରିଟେନ ଭଳି ୟୁରୋପୀୟ ରାଷ୍ଟ୍ର ୟୁକ୍ରେନକୁ ସେନା ପଠାଇବାକୁ ପ୍ରସ୍ତୁତ ଅଛନ୍ତି। ଆମେରିକା ଆକାଶ ମାର୍ଗରେ ସହାୟତା ଦେଇପାରିବ। କାରଣ ଏହି ଜ୍ଞାନକୌଶଳରେ ଦେଶ ସବୁଠୁ ଆଗରେ ରହିଛି। ୟୁରୋପୀୟ ନେତାଙ୍କ ସହ ଟ୍ରମ୍ପ କଥା ହୋଇଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ତାଙ୍କ ୟୁକ୍ରେନ ସମକକ୍ଷ ଭୋଲଡାମିର ଜେଲେଁସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରାଇବାକୁ ପ୍ରୟାସ କରୁଛନ୍ତି। ଯଦି ଏହା ସଫଳ ହୁଏ ତେବେ ତ୍ରିପାକ୍ଷିକ ବୈଠକରେ ଟ୍ରମ୍ପ ସାମିଲ ହେବେ ବୋଲି କହିଛନ୍ତି। ଯଦି ପୁଟିନ ଏହି ବୈଠକରୁ ଓହରି ଯାଆନ୍ତି ତେବେ ସ୍ଥିତି ଅଧିକ ଜଟିଳ ହୋଇଯିବ। ଜେଲେଁସ୍କିଙ୍କୁ ନରମ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ମଧ୍ୟ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ଡୋନାବାସର ୭୯ ପ୍ରତିଶତ ଅଞ୍ଚଳ ରୁଷ୍ କବ୍‌ଜାରେ ରହିଛି। ଏହି ଅଞ୍ଚଳକୁ ୟୁକ୍ରେନ କେବେ ବି ଫେରେଇ ନେଇପାରିବନି ବୋଲି ମାନିବାକୁ ହେବ। ରୁଷ୍ ଏକ ଶକ୍ତିଶାଳୀ ସାମରିକ ଶକ୍ତି। ଶାନ୍ତି ପାଇଁ ୟୁକ୍ରେନକୁ କିଛି ଅଞ୍ଚଳ ଛାଡ଼ିବାକୁ ପଡ଼ିବ।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି): ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅଭିଯୋଗ ଶୁଣାଣି ଚାଲିଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ବୁଧବାର ସକାଳେ ଆକ୍ରମଣ ହୋଇଛି। ଆକ୍ରମଣକାରୀ ରାଜେଶ ସକରିଆକୁ ଗିରଫ କରାଯାଇଛି। ସେ ଗୁଜରାଟ ରାଜକୋଟର ବାସିନ୍ଦା। ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ଅଭିଯୁକ୍ତ ତାଙ୍କ ହାତ ଟାଣି ଦେଇଥିଲା ଏବଂ ଟେବୁଲରେ ମୁଣ୍ଡ ମାଡ଼ କରିଦେଇଥିଲା। ଫଳରେ ତାଙ୍କର ମୁଣ୍ଡ ଏବଂ ହାତରେ ଆଘାତ ଲାଗିଥିଲା। ରେଖାଙ୍କୁ ଚାପୁଡ଼ା ମାରିଥିବା ଏବଂ ଚୁଟି ଭିଡ଼ିଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ସନ୍ଧ୍ୟାରେ ଟ୍ୱିଟ କରି ଏହାକୁ ଭୀରୁତାପୂର୍ଣ୍ଣ କାର୍ଯ୍ୟ କହିଛନ୍ତି। ଦିଲ୍ଲୀର ସେବା ଏବଂ ଜନତାଙ୍କ ମଙ୍ଗଳର ସଙ୍କଳ୍ପ ଉପରେ ଏହି ଆକ୍ରମଣ ହୋଇଛି। ଖୁବଶୀଘ୍ର କାର୍ଯ୍ୟରେ ଯୋଗଦେବେ ବୋଲି ସେ କହିଛନ୍ତି। ଅଭିଯୁକ୍ତକୁ ପୁଲିସ ଜେରା କରୁଛି। ମାତ୍ର ଏ ପର୍ଯ୍ୟନ୍ତ ଆକ୍ରମଣର ପ୍ରକୃତ କାରଣ ସାମ୍ନାକୁ ଆସିନାହିଁ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ସୁଚିନ୍ତିତ ଥିଲା। ଆକ୍ରମଣ ପୂର୍ବରୁ ସକରିଆ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ବାସଭବନ ରେକି କରୁଥିବା ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ଅନ୍ୟ କିଛି ରିପୋର୍ଟରେ ଜଣେ ସମ୍ପର୍କୀୟଙ୍କୁ ଜେଲ୍‌ରେ ଭର୍ତ୍ତି କରିବା ନେଇ ଅଭିଯୁକ୍ତ ଚିନ୍ତିତ ଥିଲା ବୋଲି କୁହଯାଇଛି। କିନ୍ତୁ ତାର' ମାଆ କହିଛନ୍ତି ଯେ ପୁଅ କୁକୁରଙ୍କୁ ଭଲ ପାଉଥିଲା। ଦିଲ୍ଲୀ-ଏନ୍‌ସିଆରରୁ କୁକୁରଙ୍କୁ ହଟାଇବାକୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ନେଇ ସେ ବିଚଳିତ ଥିଲା। ଅନ୍ୟପକ୍ଷରେ ବିଜେପି ବିଧାୟକ ହରିଶ ଖୁରନା ଏହି ଘଟଣା ପାଇଁ ଆମ ଆଦମୀ ପାର୍ଟି (ଆପ୍)କୁ ଦାୟୀ କରିଛନ୍ତି। ଗୁଜରାଟର ଆପ୍ ବିଧାୟକ ଗୋପାଳ ଇଟାଲିଆଙ୍କ ସହ ସେ ଅଭିଯୁକ୍ତର ଫଟୋ ସେୟାର କରିଛନ୍ତି।



**ଆପ୍‌କୁ ଦାୟୀ କଲା ବିଜେପି**

## ଉପରାଷ୍ଟ୍ରପତି ନିର୍ବାଚନ: ପ୍ରାର୍ଥିପତ୍ର ଦାଖଲ କଲେ ରାଧାକ୍ରିଷ୍ଣନ୍



ନୂଆଦିଲ୍ଲୀ, ୨୦।୮(ଏଜେନ୍ସି): ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ବୁଧବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ସେ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ନାମାଙ୍କନ ଦାଖଲ କରିବା ସହ ଏନ୍‌ଡିଏ ପରୋକ୍ଷରେ ତା'ର ଶକ୍ତି ଓ ଏକତା ପ୍ରଦର୍ଶନ କରିଛି।

ଏହି ଅବସରରେ ମୋଦୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ପରିବହନ ମନ୍ତ୍ରୀ ନିତିନ ଗଡ଼କାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୋଦୀ ରାଧାକ୍ରିଷ୍ଣନଙ୍କ ପ୍ରସ୍ତାବକ ହୋଇଥିଲେ। ରାଧାକ୍ରିଷ୍ଣନ ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଦାୟିତ୍ୱ ତୁଲାଉଛନ୍ତି। ନାମାଙ୍କନ ଦାଖଲ କରିବା ପୂର୍ବରୁ ରାଧାକ୍ରିଷ୍ଣନ ସଂସଦ ପରିସରରେ ଥିବା ଗାନ୍ଧୀ ମୂର୍ତ୍ତିରେ ଫୁଲ ହାର ପିନ୍ଧାଇଥିଲେ। ଅଗଷ୍ଟ ୧୭ରେ ବିଜେପି ସଂସଦୀୟ ଦଳ ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ରାଧାକ୍ରିଷ୍ଣନଙ୍କ ନାମ ସର୍ବସମ୍ମତିକ୍ରମେ ଚୂଡାନ୍ତ କରାଯାଇଥିଲା। ବିଜେପି ଅଧ୍ୟକ୍ଷ ନଡ୍ଡା ସାମ୍ବାଦିକ ସମ୍ମିଳନୀରେ ରାଧାକ୍ରିଷ୍ଣନଙ୍କ ନାମ ଘୋଷଣା କରିଥିଲେ। ରାଧାକ୍ରିଷ୍ଣନ ଏବେ ବିରୋଧୀ ଇଣ୍ଡି ମେଣ୍ଟ ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କ ସହ ମୁକାବିଲା କରିବେ।

## ୩୨ କୋଟି ଟଙ୍କାର ହୀରା ଚୋରି ପଛରେ ନିଜେ ମାଲିକ

**ବୀମା ଦାବି କରିବାକୁ ରଚିଥିଲେ ଷଡ଼ଯନ୍ତ୍ର**



ସୁରତ, ୨୦।୮(ଏଜେନ୍ସି): ଗୁଜରାଟର ସୁରତରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ୩୨ କୋଟି ଟଙ୍କାର ହୀରା ଚୋରି ମାମଲାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ସେହି କମ୍ପାନୀର ମାଲିକ ଦେବେନ୍ଦ୍ର କୁମାର ଚୌଧୁରୀ। ସେ ବୀମା ଅର୍ଥ ହଡପ କରିବାକୁ ଏହି ଷଡ଼ଯନ୍ତ୍ର ରଚିଥିଲେ। ଏହି ଘଟଣାକୁ ନେଇ ଏବେ ସାରା ସୁରତରେ ଚର୍ଚ୍ଚା ଚାଲିଛି। ଏହି ଷଡ଼ଯନ୍ତ୍ରରେ ଦେବେନ୍ଦ୍ର ନିଜର ଦୁଇ ପୁଅ, ଡ୍ରାଇଭର ଓ ତାଙ୍କ ଦୁଇ ସାଥିଙ୍କୁ ସାମିଲ କରିଥିଲେ। କାପୋଡ୍ରା ପୁଲିସ ଓ ସୁରତ କ୍ରାଇମବ୍ରାଞ୍ଚ୍ ମିଳିତ ଭାବେ ଏହି ଷଡ଼ଯନ୍ତ୍ର ଓ ଠକାମିର ପର୍ଦ୍ଦାଫାସ କରିବାକୁ ସକ୍ଷମ ହୋଇଛନ୍ତି। ଋଣଭାର ବହୁତ ବଢ଼ିଯିବା କାରଣରୁ ଡିକେ ଆଣ୍ଡ ସନ୍ସ କମ୍ପାନୀ ମାଲିକ ଦେବେନ୍ଦ୍ର ଏହି ଷଡ଼ଯନ୍ତ୍ର ରଚିଥିବା କଥା କହିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଡ୍ରାଇଭର ଓ ତା'ର ଦୁଇ ସାଥିଙ୍କୁ ୧୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଆଡଭାନ୍ସ ହିସାବରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲା। ଅଗଷ୍ଟ ୧୫ରୁ ୧୭ ତାରିଖ ମଧ୍ୟରେ ଏହି ଚୋରି ହୋଇଥିଲା। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ରବିବାର ଥିବାରୁ ୩ ଦିନ ବଜାର ଛୁଟିଥିଲା। ଏହାର ଫାଇଦା ଉଠାଇ ଚୋରମାନେ ଛୋରି କରିଥିଲେ ବୋଲି ଦେବେନ୍ଦ୍ର କୋପାଡ୍ରା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ଅବସରରେ ବିଭିନ୍ନ କାରଣର ନେଇ ପୁଲିସର ସନ୍ଦେହ ବଢ଼ିଥିଲା। କିନ୍ତୁ ଦେବେନ୍ଦ୍ର ଅଧିକ ସମୟ ପର୍ଯ୍ୟନ୍ତ ନିଜରେ କରିଥଇବା ଷଡ଼ଯନ୍ତ୍ରକୁ ଛୁପାଇ ପାରି ନ ଥିଲେ। ତାଙ୍କ କମ୍ପାନୀର ବାର୍ଷିକ କାରବାର ୩୦୦ କୋଟି ଟଙ୍କା ଥିଲା। ଦେବେନ୍ଦ୍ରଙ୍କୁ ଗିରଫ କରାଯାଇ ଅଧିକ ଯାଞ୍ଚ୍ ଓ ତଦନ୍ତ କରାଯାଉଛି ବୋଲି ପୁଲିସ କହିଛି।

ସାକ୍ଷାତକାର



# ‘ସଫଳତା ପାଇବାକୁ ସଂଘର୍ଷ ଜାରି ରଖିବା ଉଚିତ’

**ସମ୍ବିତ କୁମାର ରାୟ, ଅଭିନେତା**

ଆର୍ମି ଚାକିରି କରିବେ, ଦେଶ ସେବା କରିବେ । ଏମିତି ଏକ ଲକ୍ଷ୍ୟ ରଖି ସେ ତାଲିମ ନେଉଥିଲେ । ହେଲେ ତାଙ୍କ ଭାଗ୍ୟରେ ଲେଖାଥିଲା କିଛି ଅଲଗା । ଏକ ଶୋ’ରେ ମଡେଲିଂ କରି ପୁରସ୍କୃତ ହେବା ପରେ ମଡେଲିଂ ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଲା । ତେବେ ମଡେଲିଂରେ ଅଧିକ ସଫଳତା ନ ମିଳିବାରୁ ସେ ଅଭିନୟକୁ ଆଦରି ନେଇଥିଲେ । ସେ ହେଉଛନ୍ତି, କଟକ ଜିଲ୍ଲା ନିଆଳି ବ୍ଲକ୍ ଅନ୍ତର୍ଗତ ବଗଲଗଡ଼ର ସମ୍ବିତ କୁମାର ରାୟ । ସେ ମିଷ୍ଟର ଇଣ୍ଡିଆ ୨୦୨୨ ଟାଇଟଲ୍ ହାସଲ କରିଛନ୍ତି । ‘ରାଜଯୋଗ’ ତାଙ୍କର ପ୍ରଥମ ଧାରାବାହିକ । ବର୍ତ୍ତମାନ ସେ ‘ ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଲାଇଭ୍ ଷ୍ଟେଜ୍‌ରୁ କ୍ୟାମେରାକୁ ସାମ୍ନା କରି ସମ୍ବିତଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢ଼ୁଛି ତାହାକୁ ନେଇ ଏଇ ସ୍ୱତନ୍ତ୍ର ସାକ୍ଷାତକାର ।

**ମଡେଲିଂରୁ ଅଭିନୟ ପ୍ରତି କିପରି ରୁଚି ଆସିଲା?**

- ଦଶମରୁ ଯୁକ୍ତ ତିନି ପଢ଼ିବା ଯାଏଁ ମୁଁ ଆର୍ମି ଚାକିରି କରିବାକୁ ବହୁତ ପରିଶ୍ରମ କରୁଥିଲି । ହଠାତ୍ ଏକ ମଞ୍ଚରେ ସାଧାରଣ ଯୁବକଙ୍କୁ ମଡେଲ୍ ପରି ଚାଲିବାକୁ ସୁଯୋଗ ମିଳୁଥିଲା । ସେଠାରେ ମୁଁ ଚାଲିଥିଲି । ମୋ ନୀରବତା ଆଉ ମଡେଲ ପରି ଚାଲିକୁ ବହୁତ ପ୍ରଶଂସା ମିଳିଥିଲା । ସମସ୍ତେ ମୁଁ ମଡେଲିଂ ଲାଇନ୍‌ରେ ଯାଏଁ ବୋଲି ଚାହିଁଥିଲେ । ତେଣୁ ସାହିଲ୍ ସାର୍‌ଙ୍କ ମାର୍ଗଦର୍ଶନରେ ମଡେଲିଂକୁ ଆଦରି ନେଇଥିଲି । ଖୁବ୍ ସଂଘର୍ଷ କରିବାକୁ ପଡ଼ିଛି । ମଡେଲିଂ ପାଇଁ ଓଡ଼ିଶାରେ ସେମିତି କିଛି ସୁଯୋଗ ନ ମିଳିବାରୁ ଧାରାବାହିକ ଜରିଆରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଉଚିତ ମଣିଥିଲି । ଏଥିପାଇଁ ଅଡିସନ୍ ଦେବା ଆରମ୍ଭ କରିଦେଇଥିଲି । ପ୍ରଥମେ ‘ରାଜଯୋଗ’ରେ ଅଭିନୟ କରିବାକୁ ସୁଯୋଗ ପାଇଥିଲି । ପରେ ଦୀପୁ ଭାଇଙ୍କ ଦିଗ୍‌ଦର୍ଶନରେ ‘ସନ୍ଧ୍ୟା ରାଗିଣୀ’ ଧାରାବାହିକରେ ଅଭିନୟ କରିଥିଲି । ଏବେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଦର୍ଶକଙ୍କ ହୃଦୟରେ ରହିବା ପାଇଁ ଭଲ ଅଭିନୟ କରିବାକୁ ପ୍ରାଧାନ୍ୟ ଦେଉଛି ।

**କ୍ୟାମେରା ସାମ୍ନାରେ ପ୍ରଥମ ଦିନ କେମିତି ଥିଲା?**

- ଅଭିନୟ କ’ଣ ମୋତେ ଜଣାନଥିଲା । ପ୍ରଥମ ଧାରାବାହିକ ସୁଟିଂ ପୂର୍ବରୁ କ୍ୟାମେରାକୁ ସାମ୍ନା କରିବା ପାଇଁ ଦର୍ପଣ ଆଗେ ସଂଳାପ ଅଭ୍ୟାସ କରିଥିଲି । ତେବେ ପୂରା ଟିମ୍ କ୍ୟାମେରା ସାମ୍ନାରେ ଭଲ ଅଭନୟ କରିବାକୁ ଭରପୂର ସାହସ ଓ ଉତ୍ସାହ ଯୋଗାଇ ମୋ ମନୋବଳ ବଢ଼ାଇଥିଲେ । ଫଳରେ ମୁଁ ଖୁବ୍ ସହଜରେ କ୍ୟାମେରାକୁ ସାମ୍ନା କରିଥିଲି ।

**ପ୍ରଥମେ ପଜିଟିଭ ଏବଂ ପରେ ନେଗେଟିଭ୍ ଚରିତ୍ରରେ କାମ କରିବାକୁ ସମସ୍ୟା ହୋଇନଥିଲା?**

- ଜଣେ ଭଲ କଳାକାର ହେବା ମୋର ଉଦ୍ଦେଶ୍ୟ । ମୋତେ ଯେଉଁ ଚରିତ୍ର ମିଳିବ ତାହାକୁ ମୁଁ କରିବି । ତେଣୁ ସମୟ ଓ ସୁଯୋଗକୁ ଉପଯୋଗ କରି ମୋର ପ୍ରତିଭାକୁ ପ୍ରମାଣିତ କରିବାକୁ ଚାହିଁଛି । ନାୟକ କି ଖଳନାୟକ ଉଭୟ ଚରିତ୍ରକୁ ବେଶ୍ ନିଖୁଣ ଭାବେ ଫୁଟାଇବାକୁ ଚେଷ୍ଟା କରିଛି । ଗୋଟିଏ କଥା କହିବି, ଅଭିନୟ ହିଁ ମୋତେ ପରିଚୟ ଦେଇଛି ।

**‘ସାଥି ସାତ ଜନ୍ମର’ରେ ଅଭି ଚରିତ୍ର ସମ୍ପର୍କରେ କ’ଣ କହିବେ?**

- ଏହି ଧାରାବାହିକରେ ମୁଁ ନାୟିକାଙ୍କ ମଝିଆ ଭଉଣୀ ଉପାସନାର ବସ୍ ଅଭିଜିତ୍ ଚରିତ୍ରରେ ଅଭିନୟ କରୁଛି । ଅଫିସ୍‌କୁ ବାଦ୍ ଦେଲେ ଆମ ଭିତର ସମ୍ପର୍କକୁ ନେଇ ତାଙ୍କ ଘରେ ତୁମ୍ବି ତୋଫାନ ହେଉଛି । ତେବେ ବର୍ତ୍ତମାନ ଯାଏଁ ମୋର ଚରିତ୍ର ସକାରାତ୍ମକ ଥିବାବେଳେ ଆଗାମୀ ଦିନରେ କ’ଣ ଟ୍ୱିଷ୍ଟ ଆସିବ ତାହା ଦର୍ଶକ ଜାଣିବେ ।

**ମଡେଲିଂ, ଅଭିନୟକୁ ବାଦ୍ ଦେଲେ, କ’ଣ କରନ୍ତି?**

- କ୍ରିକେଟ ଖେଳିବାକୁ ବହୁତ ଭଲଲାଗେ । ବିଭିନ୍ନ ଶୋ’ର ନୂଆ ନୂଆ ଚରିତ୍ରକୁ ଦେଖି ଅନୁକରଣ କରୁଥାଏ । ଫଟୋସୁଟ୍ କରିଥାଏ ।

**ସୁଟିଂ ନଥିଲେ କ’ଣ କରନ୍ତି?**

- ସୁଟିଂ ପାଇଁ ବହୁତ ସମୟ ଦେବାକୁ ପଡ଼େ । ଏଥିରୁ ଫୁରସତ୍ ମିଳିଲେ ମୁଁ ମୋ ପରିବାର ଓ ବନ୍ଧୁମାନଙ୍କ ସହିତ ସମୟ ଅତିବାହିତ କରିଥାଏ ।

**ଫିଟ୍ ରହିବାର ମୂଳମନ୍ତ୍ର?**

- ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର । ୧୨ ଘଣ୍ଟା ସୁଟିଂ କରି ସୁସ୍ଥ ରହିବା ଆମ ପାଇଁ ଚ୍ୟାଲେଞ୍ଜିଂ ହୋଇଥାଏ । ତେଣୁ ଶାରୀରିକ ବ୍ୟାୟାମ ସହିତ କମ୍ ତେଲ ମସଲା ଯୁକ୍ତ ଖାଦ୍ୟ ଖାଇଥାଏ । ଚର୍ମର ମଧ ବିଶେଷ ଦେଖାରଖା କରିବାକୁ ହୋଇଥାଏ ।

**ଧାରାବାହିକରୁ ପ୍ରଶଂସା ପାଇବା ପରେ ସିନେମା ଆଡ଼କୁ ମନ ବଳୁଛି କି?**

- ବର୍ତ୍ତମାନ ମୋ ଚରିତ୍ରରେ ମୁଁ ବୁଡ଼ି ରହିବାକୁ ପ୍ରାଧାନ୍ୟ ଦେଉଛି । କିନ୍ତୁ ହଁ ଆଗାମୀ ଦିନରେ ମୁଁ ନିଶ୍ଚୟ ଫିଲ୍ମ କରିବି ।

**ଆପଣଙ୍କ ଡ୍ରିମ୍ ରୋଲ୍ କ’ଣ?**

- ସ୍ୱାଏ ଟାଇପ୍‌ର ଚରିତ୍ର କରିବାକୁ ଇଚ୍ଛା ରହିଛି ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ କ’ଣ କରିବା ଆବଶ୍ୟକ?**

- ଯେଉଁମାନେ ଅଭିନୟ ଜଗତକୁ ଆସୁଛନ୍ତି ସେମାନଙ୍କର ଅସୀମ ଧୈର୍ଯ୍ୟ ଥିବା ଦରକାର । ନାଁ କରିବାକୁ ଆଶା ରଖିଲେ କଠିନ ପରିଶ୍ରମ କରିବାକୁ ହେବ । ଦ୍ୱିତୀୟରେ ବଡ଼ି ଲାଙ୍ଗୁଏଜ୍ ଓ ଅଭିନୟ । ତେଣୁ ସଫଳତା ପାଇବା ପାଇଁ ସଂଘର୍ଷ ଜାରି ରଖିବା ଦ୍ୱାରା ସ୍ୱପ୍ନ ସାକାର ହୋଇଥାଏ । ■



# ଡେଲିଭରି ଗାର୍ଲ ଚରିତ୍ରରେ ଅର୍ଚ୍ଚିତା

ଅଗଷ୍ଟ ୨୭ ତାରିଖ ଗଣେଶ ପୂଜାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା ‘ଡେଲିଭରି ବୟ-୨’ । ଏଥିରେ ଡେଲିଭରି ଗାର୍ଲ ଭୂମିକାରେ ନଜର ଆସିବେ ଚୁଲ୍‌ବୁଲି ଅଭିନେତ୍ରୀ ଅର୍ଚ୍ଚିତା । ସେ ନିଜର ବଳିଷ୍ଠ ଅଭିନୟ ସାଙ୍ଗକୁ ନୃତ୍ୟ ପାଇଁ ପ୍ରତିଟି ଓଡ଼ିଆ ଦର୍ଶକଙ୍କ ମନରେ ଘର କରିଛନ୍ତି । ଜ୍ୟୋତି ରଞ୍ଜନ ମହାନ୍ତି ପ୍ରଯୋଜିତ ଏବଂ ଅଶ୍ୱିନ ତ୍ରିପାଠୀ ନିର୍ଦ୍ଦେଶିତ ଏହି ସିନେମାରେ ଅର୍ଚ୍ଚିତାଙ୍କର ବଳିଷ୍ଠ ଅଭିନୟର ଯାଦୁ ଦର୍ଶକ ଦେଖିବାକୁ ପାଇବେ । ଅନେକ ନିଷ୍ଠାର ସହ ନିଜର ନିଖୁଣ ଅଭିନୟର ପରାକାଷ୍ଠା ଦେଖାଇଥିବା ଅନେକ ସାକ୍ଷାତକାରରେ କହିଛନ୍ତି । ମଲ୍ଟି ଷ୍ଟାର୍‌ଙ୍କୁ ନେଇ ନିର୍ମାଣ ହୋଇଥିବା ଡେଲିଭରି ବୟ-୨ ଏକ ସସ୍‌ପେନ୍ସ ତଥା ଥ୍ରିଲର ଚଳଚ୍ଚିତ୍ର । ସଙ୍ଗୀତ ନିର୍ଦ୍ଦେଶନା ବୈଦ୍ୟନାଥ ଦାଶ, କ୍ୟାମେରାରେ ଅଛନ୍ତି ଈଶ୍ୱର ବାରିକ । ପ୍ରଥମଥର ପାଇଁ ଡେଲିଭରି ବୟ ୨ ମାଧ୍ୟମରେ ଶୈଳେନ୍ଦ୍ର, ପ୍ରିୟମ୍ବଦା, ବୁଦ୍ଧାଦିତ୍ୟଙ୍କ ସମେତ ଶ୍ରୀତମ ଦାସ, ପୁପିନ୍ଦର ସିଂ, ସୁଶାନ୍ତ ଦାସ ମହାପାତ୍ର, ସନ୍ତୁ ପ୍ରମୁଖଙ୍କୁ ଦେଖିବାକୁ ମିଳିବ । ନିକଟରେ ଲୋକାଲ୍ ମାଧୁରୀ ଗୀତ ରିଲିଜ୍ ହୋଇ ରେକର୍ଡ ସୃଷ୍ଟି କରିଛି । ସେଇ ପ୍ରମୋସନାଲ୍ ଗୀତର ନୃତ୍ୟରେ ନାୟିକା ଭୂମିକା ଦାଶ ଯୁବପିଢ଼ିଙ୍କୁ ବେହୋସ କରିସାରିଲେଣି । ସିନେମାଟି ନିଶ୍ଚିତ ଭାବେ ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ବ୍ୟବସାୟିକ ସଫଳତା ଦେବା ଆଶା କରାଯାଉଛି । ■

# ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ରେ ହିମାନୀ

ଅଗଷ୍ଟ ୯ ତାରିଖରୁ ଜୀ ସାର୍ଥକରେ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ’ ‘ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍’ । ଏହି ଶୋ’ରେ ମୁମ୍ବାଇର ବରିଷ୍ଠ ଅଭିନେତ୍ରୀ ହିମାନୀ ଶିବପୁରୀ ଅତିଥି ବିଚାରକ ଭାବେ ଯୋଗ ଦେଇଥିଲେ । ‘ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ’ ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ବିଜେତାଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ’ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ଅଛନ୍ତି । ଅନନ୍ୟା ଏବଂ ରଞ୍ଜନ ଶୋ’ ସଂଚାଳନ କରୁଛନ୍ତି । ■






# ଅଭିନେତ୍ରୀରୁ ଫିଲ୍ମ ନିର୍ମାତା

ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ହୁମା କ୍ୟୁରେସି ଫିଲ୍ମ ନିର୍ମାତା ଭାବେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି । ସେ ଓ ତାଙ୍କ ଭାଇ ସାକିବ୍ ସଲିମ୍ ଖୁବ୍‌ଶୀଘ୍ର ନିଜର ପ୍ରଥମ ପ୍ରଡକ୍ସନ୍ ଫିଲ୍ମ ‘ବେବି ଡୁ ଡାଇ ଡୁ’ ରିଲିଜ୍ କରିବେ । ତେବେ ନିର୍ମାତା ହେବା ପଛର କାରଣ ସମ୍ପର୍କରେ ସେ କହିଛନ୍ତି । ହୁମାଙ୍କ ମତରେ ନିର୍ମାତା ହେବା ଦ୍ୱାରା ଭଲ କାହାଣୀ ନିଜେ ବାଛି ଦର୍ଶକଙ୍କ ପାଖରେ ପହଞ୍ଚାଇ ପାରିବେ । ଅଭିନେତ୍ରୀ ଭାବେ ହୁମାଙ୍କୁ ଅନ୍ୟମାନେ ମନୋନୀତ କରୁଥିବା ଚରିତ୍ରରେ ନିର୍ଭର କରିବାକୁ ପଡ଼ିଥାଏ । ତେଣୁ ଏହାକୁ ନେଇ ତାଙ୍କ ମନରେ ନିରାଶା ରହୁଥିଲା । ସେଥିପାଇଁ ସେ ଓ ସାକିବ ନିଜେ କାହାଣୀ ତିଆରି କରିବା ନିଷ୍ପତ୍ତି ନେଇଛନ୍ତି । ■

# ପ୍ୟାଣ୍ଟ ପିନ୍ଧିବାରେ ସମସ୍ୟା ଚିନ୍ତାରେ ଅମିତାଭ




ବଲିଉଡ୍‌ର ବର୍ଷୀୟାନ ଅଭିନେତା ଅମିତାଭ ବଚ୍ଚନ ଏବେ ୮୩ ବର୍ଷ ବୟସ ଦେଇ ଅତିକ୍ରମ କରିବାକୁ ଯାଉଛନ୍ତି । ହେଲେ ବଢ଼ୁଥିବା ବୟସକୁ ନେଇ ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡୁଥିବା କହିଛନ୍ତି । ଏପରିକି ନିତିଦିନର କିଛି କାମରେ ତାଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡୁଛି । ଅମିତାଭ ତାଙ୍କ ବ୍ଲଗ୍‌ରେ ପ୍ରଶଂସକଙ୍କ ସହ ନିଜ ମନକଥା ସେୟାର୍ କରିଥାନ୍ତି । ନିକଟରେ ସେ ଏକ ଭାବୁକ ବ୍ଲଗ୍ ସେୟାର୍ କରିଛନ୍ତି । ଏଥିରେ ସାଧାରଣ କାମ କିଭଳି ଆହ୍ୱାନ ସୃଷ୍ଟି କରୁଛି, ସେ କଥା କହିଛନ୍ତି । ପ୍ରତ୍ୟେକ ରବିବାର ସେ ତାଙ୍କ ଘର ଜଲସା ବାହାରେ ନିଜ ପ୍ରଶଂସକଙ୍କୁ ଆଖିରେ ନ ଦେଖିବା ପର୍ଯ୍ୟନ୍ତ ଏତେ ଲୋକ ତାଙ୍କୁ କେବଳ ଦେଖିବା ପାଇଁ ଆସୁଥିବା ବିଶ୍ୱାସ କରି ନ ଥାନ୍ତି । ସେମାନଙ୍କର ଏହି ଚିୟରିଂ ତାଙ୍କୁ ଶକ୍ତି ଯୋଗାଏ । ସେହିପରି ଏବେ ତାଙ୍କ ଦିନଚର୍ଯ୍ୟା ଔଷଧ ଏବଂ ଏକ୍ସରସାଇଜ୍‌ରୁ ସ୍ଥିର ହେଉଛି । ଚଲାବୁଲା କରିବାରେ ଯେଭଳି କୌଣସି ସମସ୍ୟା ନ ହେବ, ନିତିଦିନ ସେ ଜିମ୍‌ରେ ମୋବିଲିଟି ଏକ୍ସରସାଇଜ୍ କରନ୍ତି । କେବଳ ସେତିକି ନୁହେଁ, ବିଗ୍ ବିଙ୍କୁ ଏବେ ପ୍ୟାଣ୍ଟ ପିନ୍ଧିବା, ତଳେ ପଡ଼ିଥିବା କାଗଜକୁ ଉଠାଇବା ଭଳି ସାଧାରଣ କାମରେ ସମସ୍ୟା ହେଉଥିବା କହିଛନ୍ତି । ତେଣୁ ଡାକ୍ତର ତାଙ୍କୁ ବସିକି ପ୍ୟାଣ୍ଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ଏପରିକି ଛିଡ଼ା ହୋଇ ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ଅମିତାଭଙ୍କ ବାଲାନ୍ସ ବିଗିଡ଼ିବା ନେଇ ଡାକ୍ତର ତାଙ୍କୁ ଚେତାଇ ଦେଇଛନ୍ତି । ଅନ୍ୟପଟେ ଚଲାବୁଲା ସମୟରେ ଯେମିତି ତାଙ୍କୁ ସାହାରା ମିଳିବ, ତାଙ୍କ ଘରର ପ୍ରତି ସ୍ଥାନରେ ସ୍ପୋର୍ଟସ ରୋଲିଂ ଲଗାଯାଇଛି । ଅବଶ୍ୟ ପ୍ରଥମେ ଏହିସବୁ କାମ ତାଙ୍କୁ ସହଜ ଲାଗୁଥିଲା । ହେଲେ ଏବେ ଏହା ବଡ଼ କାମ ବୋଲି ସେ ବୁଝିଥିବା କହିଛନ୍ତି । ତେବେ ତାଙ୍କ ପ୍ରଶଂସକଙ୍କୁ ଏଭଳି ସ୍ଥିତି ସାମ୍ନା ନ କରିବାକୁ ପଡୁ ବୋଲି କହନ୍ତି । ଏହାବାଦ୍ ଏଭଳି ବାସ୍ତବିକତା ପ୍ରତ୍ୟେକ ମଣିଷ ଜୀବନରେ ଆସିଥାଏ ବୋଲି ଅମିତାଭ ନିଜ ପୋଷ୍ଟ ଶେଷରେ କହିଛନ୍ତି । ■

ପରଦା ପଛର କାହାଣୀ

# ଝୁମ୍ପୁଡ଼ିରେ ନେଉଥିଲେ ମେକ୍‌ଅପ୍

୧୯୭୫ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ ‘ସୋଲେ’ ଏକ କ୍ଲଟ୍ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ । ଏହି ଫିଲ୍ମରେ ଧର୍ମେନ୍ଦ୍ର, ହେମାମାଳିନୀ, ଅମିତାଭ ବଚ୍ଚନ, ସଞ୍ଜୀବ କପୁରଙ୍କ ଭଳି ଲୋକପ୍ରିୟ ଅଭିନେତା ଅଭିନେତ୍ରୀ ଚମତ୍କାର ଅଭିନୟ କରିଛନ୍ତି । ଫିଲ୍ମରେ ନିର୍ଦ୍ଦେଶନା ଦେଇଥିଲେ ରମେଶ ସିପି । ନିକଟରେ ଏହି ଫିଲ୍ମକୁ ୫୦ ବର୍ଷ ପୂରିଛି । ଏହାକୁ ଦୃଷ୍ଟିରେ ରଖି ଫିଲ୍ମ ନିର୍ଦ୍ଦେଶକ ସଚିନ ପିଲଗାଁବକର ନିକଟରେ ଫିଲ୍ମ ସୋଲେ ସେଟ୍‌କୁ ନେଇ ଏକ ରୋଚକୀୟ କଥା ଖୁଲାସା କରିଛନ୍ତି । ସେ ସମୟରେ ସେଟ୍‌ରେ ଭାନିଟି ଭ୍ୟାନ ନ ଥିଲା, ତେଣୁ କଳାକାରମାନଙ୍କୁ ଝୁମ୍ପୁଡ଼ିରେ ସୁସଜ୍ଜିତ ଏୟାର୍ କଣ୍ଡିସନ୍‌ରେ ମେକ୍‌ଅପ୍ ଦିଆଯାଇଥିଲା । ସେହିପରି ତାଙ୍କ କହିବାନୁଯାୟୀ ଫିଲ୍ମରେ ଦେଖାଯାଇଥିବା ଗାଁ ରାମନଗରମ୍ ବାସ୍ତବରେ ଅସଲି ଗାଁ ନ ଥିଲା । ଏହା ଏକ ସେଟ୍ ଥିଲା । ଏହା ବାହାରୁ ଝୁମ୍ପୁଡ଼ି ଭଳି ଦିଶୁଥିଲା । କିନ୍ତୁ ଭିତରେ ଆଧୁନିକ ଶୈଳୀରେ ସୁସଜ୍ଜିତ ପରିବେଶ ଅନୁକୂଳ ମେକ୍‌ଅପ୍ ରୁମ୍ ଥିଲା । ଏହି ଝୁମ୍ପୁଡ଼ିରେ ଶୌଚାଳୟ ରହିଥିଲା । ଏଥିସହ ଗୋଟିଏ ପଞ୍ଚତାରକା ହୋଟେଲ ଭଳି ଏଠାରେ ସମସ୍ତ ସୁବିଧା ଥିଲା । ସେଥିମଧ୍ୟରୁ ଗୋଟିଏ ଝୁମ୍ପୁଡ଼ି ମେକ୍‌ଅପ୍ ରୁମ୍ ତାଙ୍କୁ ଅର୍ଥାତ୍ ସଚିନଙ୍କୁ ମିଳିଥିଲା । ଏଥିପାଇଁ ସେ ବେଶ୍ ଖୁସି ଅନୁଭବ କରିଥିଲେ । ସଚିନ୍ ଏହି ଫିଲ୍ମରେ ରହିମ୍ ଚାଚାଙ୍କ ପୁଅର ଚରିତ୍ର ନିର୍ବାହ କରିଥିଲେ । ଏହି ଫିଲ୍ମ ନିଜର ଭବ୍ୟତା , ଅଭିନୟ, କୌଶଳ, ଆକ୍ସନ, ସଂଗୀତ ଆଦି ପାଇଁ ହିନ୍ଦୀ ସିନେମାର ଏକ ଲୋକପ୍ରିୟ ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ଏହି ଫିଲ୍ମର କାହାଣୀ ସଲୀମ –ଜାବେଦ ଲେଖିଥିଲେ । ଏହା ଭାରତୀୟ ସିନେମାରେ ସବୁଠୁ ଦୀର୍ଘ ସମୟ ଚାଲିଥିବା ଫିଲ୍ମ ମଧ୍ୟରୁ ଗୋଟିଏ ଥିଲା । ■



■ ସର୍ବାଧିକ ଫୁଟବଲ ମ୍ୟାଚ୍

# ଫାବିଓଙ୍କ ବିଶ୍ୱରେକର୍ଡ



ରିଓ ଡି ଜାନେଇରୋ,୨୦।୮ (ଏଜେନ୍ସି): ବ୍ରାଜିଲର ୪୪ ବର୍ଷୀୟ ଗୋଲରକ୍ଷକ ଫାବିଓ ସର୍ବାଧିକ ଫୁଟବଲ ମ୍ୟାଚ୍ ଖେଳିବାର ବିଶ୍ୱରେକର୍ଡ କରିଛନ୍ତି। ମଙ୍ଗଳବାର ମାରାକାନାରେ ଖେଳାଯାଇଥିବା କଲମ୍ବିଆର ଆମେରିକା ଡି କାଲି ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପକ୍ଷରୁ ଖେଳି ପ୍ରତିଯୋଗିତାମୂଳକ ଫୁଟବଲ ଖେଳରେ ଏହି ବିଶ୍ୱରେକର୍ଡ କରିଛନ୍ତି। ଫ୍ଲୁମିନେନ୍ସ କ୍ଲବ୍ ପକ୍ଷରୁ ଏହା ଥିଲା ଫାବିଓଙ୍କର ୨୩୫ତମ ତଥା ତାଙ୍କ କ୍ୟାରିୟରର ୧୩୯୧ତମ ମ୍ୟାଚ୍। ଏହି ମ୍ୟାଚ୍‌ରେ ଫ୍ଲୁମିନେନ୍ସ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏହା ଫଳରେ ସେ ଇଂଲଣ୍ଡର ଗୋଲରକ୍ଷକ ପିଟର ସିଲଟନଙ୍କ ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୭ରେ ସିଲଟନ ଅବସର ନେବା ପୂର୍ବରୁ ୧୩୯୦ତମ ମ୍ୟାଚ୍ ଖେଳିଥିଲେ। ବ୍ରାଜିଲୀୟ ଫାବିଓ ୨୦୦୫ରୁ ୨୦୨୨ ମଧ୍ୟରେ କ୍ରୁଜେଇରୋ ପକ୍ଷରୁ ୯୭୬ଟି ମ୍ୟାଚ୍, ଭାସ୍କୋ ଡା ଗାମା ପକ୍ଷରୁ ୧୫୦, ଉନାଇଓ ବାନ୍ଦେରେଟ ପକ୍ଷରୁ ୩୦ଟି ଏବଂ ଫ୍ଲୁମିନେନ୍ସ ପକ୍ଷରୁ ୨୩୫ଟି ମ୍ୟାଚ୍ ଖେଳିଛନ୍ତି।

# ଡୁରାଣ୍ଡ କପ୍: ଇଷ୍ଟ ବେଙ୍ଗଲକୁ ହରାଇ ଫାଇନାଲରେ ଡାଏମଣ୍ଡ ହବର୍

କୋଲକାତା, ୨୦।୮ (ଏଜେନ୍ସି): ପଦାର୍ପଣକାରୀ ଡାଏମଣ୍ଡ ହବର୍ ଦଳ ଚଳିତ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି। ବୁଧବାର ସ୍ଥାନୀୟ ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ସେମିଫାଇନାଲରେ ଦୁଇ ଘରୋଇ ଦଳ ଡାଏମଣ୍ଡ ହବର୍ ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ସାମ୍ନାସାମ୍ନି ହୋଇଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ୨-୧ ଗୋଲରେ ହରାଇ ଡାଏମଣ୍ଡ ହବର୍ ଫାଇନାଲରେ ପହଞ୍ଚିଯାଇଛି। ଅଗଷ୍ଟ ୨୩ରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ମ୍ୟାଚ୍ ଖେଳାଯିବ। ପୂର୍ବରୁ ପ୍ରଥମ ସେମିରେ ନର୍ଥଇଷ୍ଟ ୧-୦ ଗୋଲରେ ସିଲଂ ଲାଜଂ ଦଳକୁ ପରାସ୍ତ କରିଥିଲା। ଉଲ୍ଲେଖଯୋଗ୍ୟ, କୋଲକାତାଭିତ୍ତିକ ଦଳ ଡାଏମଣ୍ଡ ହବର୍ ୨୦୨୦ରେ ସ୍ଥାପନ ହୋଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀ ଏହାର ସଭାପତି ରହିଛନ୍ତି। ଦଳ ପ୍ରଥମଥର ଡୁରାଣ୍ଡ କପ୍‌ରେ ପାଦ ଥାପି ଫାଇନାଲରେ ପହଞ୍ଚିଛି।

# ଭାରତୀୟ ଦଳରେ ଅମିତ୍, ଶିଳାନନ୍ଦ

ଏସିଆ କପ୍ ହକି



ବେଙ୍ଗାଲୁରୁ, ୨୦।୮ (ଏଜେନ୍ସି):

ଆଗାମୀ ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ଡ୍ରାଗ୍‌ଫ୍ଲିକର ହର୍ମନପ୍ରୀତ୍ ସିଂହ ଅଧିନାୟକ ପଦ ବଜାୟ ରଖିଛନ୍ତି। ଘୋଷିତ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ୍ ରୋହିଦାସ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ସେହିଭଳି ଦୁଇଜଣିଆ ରିଜର୍ଭ ଖେଳାଳି ତାଲିକାରେ ଓଡ଼ିଶାର ନୀଲମ ସଞ୍ଜୀପ ଖେସଙ୍କୁ ମଧ୍ୟ ରଖାଯାଇଛି।

ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ ଫୁଲଟନ୍ ଏହି ମହାଦେଶୀୟ ଟୁର୍ଣ୍ଣାମେଣ୍ଟ ଲାଗି ଏକ ଅଭିଜ୍ଞ ଓ ସନ୍ତୁଳିତ ଦଳ ଘୋଷଣା କରିଛନ୍ତି। 'ଆମେ ଅଭିଜ୍ଞ ଖେଳାଳିଙ୍କୁ ନେଇ ଦଳ ଗଠନ କରିଛୁ। ଯେଉଁମାନେ କି ଚାପର ପରିସ୍ଥିତିରେ କେଉଁଭଳି ପ୍ରଦର୍ଶନ ଆବଶ୍ୟକ ତାହା ଭଲ ଭାବରେ ଜାଣିଛନ୍ତି। ଏସିଆ କପ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା। ୨୦୨୬ ବିଶ୍ୱକପ୍ ଲାଗି ଏଥିରୁ ସିଧାସଳଖ ଯୋଗ୍ୟତା ବ୍ୟବସ୍ଥା ରହିଛି। ତେଣୁ ଏହି ଦଳ ଦୃଢ଼ ଭାବରେ ମୁକାବିଲା କରି ଆମର ମୁଖ୍ୟ ଲକ୍ଷ୍ୟକୁ ହାସଲ କରିବା ନେଇ ଆଶାବାଦୀ ରହିଛି ବୋଲି ଫୁଲଟନ୍ କହିଛନ୍ତି। ଘୋଷିତ ଦଳରେ କିଷନ ବାହାଦୂର ପାଠକ ଓ ସୂରଜ କେରକେଟ୍ଟା ଗୋଲ୍‌ରକ୍ଷଣ ଭାର ସମ୍ଭାଳିବେ।

ବିହାରର ରାଜଗିରିରେ ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଭାରତୀୟ ହକି ଦଳ ପୁଲ୍-ଏ'ରେ ସ୍ଥାନ ପାଇଛି। ଭାରତ ସହ ଜାପାନ, ଚାଇନା ଓ କାଜଖସ୍ତାନ ଏହି ପୁଲ୍‌ରେ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଚାଇନା ସହ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୩୧ରେ ଜାପାନ ଓ ସେପ୍ଟେମ୍ବର ୧ରେ କାଜାଖସ୍ତାନ ସହ ଶେଷ ପୁଲ୍ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ସର୍ବାଧିକ ୫ଥରର ବିଜେତା କୋରିଆ ସହ ମାଲେସିଆ, ବାଂଲାଦେଶ, ଚାଇନିଜ ତାଇପେଇ ପୁଲ୍-ବି'ରେ ରହିଛନ୍ତି। ସୁରକ୍ଷାଜନିତ କାରଣ ଲାଗି ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବା ପରେ ବାଂଲାଦେଶକୁ ସାମିଲ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏସିଆ କପ୍‌ର ବିଜେତା ଆସନ୍ତା ବର୍ଷ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ କୋରିଆ ୫ଥର ଟାଇଟଲ୍ ଜିତି ସବୁଠୁ ଶ୍ରେଷ୍ଠ ଦଳ ରହିଛି। ସେହିଭଳି ଭାରତ ଓ ପାକିସ୍ତାନ ୩ଥର ଲେଖାଏ ଟ୍ରଫି ଜିତିଛନ୍ତି। ଭାରତ ଶେଷଥର ଲାଗି ୨୦୧୭ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

### ଘୋଷିତ ଭାରତୀୟ ଦଳ

**ଗୋଲ୍‌କିପର:** କିଷନ ବାହାଦୂର ପାଠକ, ସୂରଜ କେରକେଟ୍ଟା

**ଡିଫେଣ୍ଡର:** ସୁମିତ, ଜରମନପ୍ରୀତ୍ ସିଂହ, ସଞ୍ଜୟ, ହରମନପ୍ରୀତ୍ ସିଂହ (ଅଧିନାୟକ), ଅମିତ୍ ରୋହିଦାସ ଓ ଯୁବରାଜ ସିଂହ

**ମିଡ୍‌ଫିଲ୍ଡର:** ରାଜିନ୍ଦର ସିଂହ, ରାଜକୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ୍ ସିଂହ ଓ ବିବେକ ସାଗର ପ୍ରସାଦ

**ଫର୍‌ୱାର୍ଡ:** ମନଦୀପ୍ ସିଂହ, ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ୍ ସିଂହ ଓ ଦିଲ୍‌ପ୍ରୀତ୍ ସିଂହ

**ରିଜର୍ଭ ଖେଳାଳି:** ନୀଲମ ସଞ୍ଜୀପ ଖେସ ଓ ସେଲଭାମ କାର୍ତ୍ତି

### କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୨୯।୮ | ମାଲେସିଆ-ବାଂଲାଦେଶ | ସକାଳ ୯ଟା |
| ୨୯।୮ | ଦ. କୋରିଆ-ଚାଇନିଜ ତାଇପେଇ | ପୂର୍ବାହ୍ନ ୧୧ଟା |
| ୨୯।୮ | ଜାପାନ-କାଜାଖସ୍ତାନ | ଅପରାହ୍ନ ୧ଟା |
| ୨୯।୮ | ଭାରତ-ଚାଇନା | ଅପରାହ୍ନ ୩ଟା |
| ୩୦।୮ | ବାଂଲାଦେଶ-ଚାଇନିଜ ତାଇପେଇ | ଅପରାହ୍ନ ୧ଟା |
| ୩୦।୮ | ଦ.କୋରିଆ-ମାଲେସିଆ | ଅପରାହ୍ନ ୩ଟା |
| ୩୧।୮ | ଚାଇନା-କାଜାଖସ୍ତାନ | ଅପରାହ୍ନ ୧ଟା |
| ୩୧।୮ | ଭାରତ-ଜାପାନ | ଅପରାହ୍ନ ୩ଟା |
| ୧।୯ | ବାଂଲାଦେଶ-ଦ.କୋରିଆ | ଅପରାହ୍ନ ୧ଟା ୩୦ |
| ୧।୯ | ମାଲେସିଆ-ଚାଇନିଜ ତାଇପେଇ | ଅପରାହ୍ନ ୩ଟା ୩୦ |
| ୧।୯ | ଚାଇନା-ଜାପାନ | ସନ୍ଧ୍ୟା ୫ଟା ୩୦ |
| ୧।୯ | ଭାରତ-କାଜାଖସ୍ତାନ | ରାତି ୭ଟା ୩୦ |
| ୩।୯ | ସୁପର୍-୪ ପର୍ଯ୍ୟାୟ ଆରମ୍ଭ | |
| ୭।୯ | ଫାଇନାଲ | |

ପୁଲ୍-ଏ: ଭାରତ, ଚାଇନା, ଜାପାନ, କାଜାଖସ୍ତାନ

ପୁଲ୍-ବି: ଦକ୍ଷିଣ କୋରିଆ, ମାଲେସିଆ, ଚାଇନିଜ ତାଇପେଇ, ବାଂଲାଦେଶ

# ଜାତୀୟ ଜୁନିଅର ହକି ସେମିରେ ଓଡ଼ିଶା

ଭୁବନେଶ୍ୱର, ୨୦।୮ (ସମିସ): ପଞ୍ଜାବରେ ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ଲଢ଼େଇରେ ଓଡ଼ିଶା ଦଳ ଏକପାଖିଆ ଭାବେ ୯-୦ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ହାରୁନ ମିଞ୍ଜ, ନୀତେଶ ମିଞ୍ଜ, ଅଭିଷେକ ଟପ୍ପୋ, କରନ ଲାକ୍ରା, ଯୋଜିନ ମିଞ୍ଜ, ଦୀପକ ପ୍ରଧାନ, ବିଲ୍‌କାନ ଓରାମ ଓ ରିତିକ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଅନ୍ୟ କ୍ୱାର୍ଟରଫାଇନାଲରେ ହରିୟାଣା ୩-୨ରେ କର୍ଣ୍ଣାଟକକୁ, ଉତ୍ତର ପ୍ରଦେଶ ୨-୧ରେ ମଧ୍ୟ ପ୍ରଦେଶକୁ ଓ ପଞ୍ଜାବ ୪-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଗୁରୁବାର ସେମିଫାଇନାଲ ଖେଳାଯିବ। ଏଥିରେ ଓଡ଼ିଶା ଓ ପଞ୍ଜାବ ସାମ୍ନାସାମ୍ନି ହେବେ।

■ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ

# ବରୋଦାଠୁ ୧୧୩ ରନରେ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ବେଙ୍ଗାଲୁରୁର ଖେଳାଯାଉଥିବା ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଦଳ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ଦଳ ୧୧୩ ରନରେ ବରୋଦାଠାରୁ ପରାସ୍ତ ହୋଇଛି। ୨୮୬ ରନର ଟାର୍ଗେଟକୁ ପିଛା କରିଥିବା ଓଡ଼ିଶା ଦ୍ୱିତୀୟ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଶୁକ୍ରବାର ଭାରତୀୟ ରେଳବାଇ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।

ବରୋଦାର ପ୍ରଥମ ପାଳି ୩୮୧ ରନ ଜବାବରେ ଓଡ଼ିଶା ୩୫୨ ରନ ସଂଗ୍ରହ କରିଥିଲା। ୨୯ ରନରେ ଅଗ୍ରଣୀ ସହ ବୁଧବାର ବରୋଦା ଖେଳ ଆରମ୍ଭ କରିଥିଲା। ୪୫ ଓଭର ବିଶିଷ୍ଟ ଦ୍ୱିତୀୟ ଇନିଂସ୍‌ରେ ବରୋଦା ସମସ୍ତ ୱିକେଟ ହରାଇ ୨୫୬ ରନ କରିଥିଲା। ହର୍ଷ ଦେଶାଇ ୮୧ ରନର ଦ୍ରୁତ ପାଳି ଖେଳିଥିଲେ। ଓପନର ନିତ୍ୟ ପାଣ୍ଡ୍ୟା ୫୪ ଏବଂ ମୋହିତ ମୋଙ୍ଗିଆ ୫୮ ରନ କରିଥିଲେ। ଓଡ଼ିଶା ତରଫରୁ ବାମହାତୀ ସ୍ପିନର ସୁମିତ ଶର୍ମା ୫୫ ରନ ବିନିମୟରେ ୬ଟି ୱିକେଟ ଦଖଲ କରିଥିଲେ। ବାଦଲ ବିଶ୍ୱାଳ ୨ଟି, ଗୋବିନ୍ଦ ପୋଦ୍ଦାର ଏବଂ ସୁନୀଲ ରାଉଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଜବାବରେ ୪୫ ଓଭରରେ ୨୮୬ ରନର ଟାର୍ଗେଟକୁ ପିଛା କରିଥିବା ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟ ସହ ୧୭୨ ରନରେ ସୀମିତ ରହିଥିଲା। ସମ୍ବିତ ବରାଳ ସର୍ବାଧିକ ୪୬ ରନ କରିଥିଲେ। ସୁନୀଲ ୩୮, ଅଧିନାୟକ ସ୍ୱସ୍ତିକ ସାମଲ ୩୪ ରନର ପାଳି ଖେଳିଥିଲେ। ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ୧୦ ଏବଂ ଗୋବିନ୍ଦ ପୋଦ୍ଦାର ମାତ୍ର ୧ ରନରେ ଆଉଟ ହୋଇଥିଲେ। ବରୋଦାର ବାମହାତୀ ଆର୍ଯ୍ୟନ ଚାଭଡାଙ୍କୁ ୫ଟି ଓ ଡାହାଣହାତୀ ଅଫସ୍ପିନର ପ୍ରଦୀପ ଯାଦବ ୪ଟି ୱିକେଟ ଦଖଲ କରିଥିଲେ।

ଦୃଷ୍ଟିହୀନ ମହିଳା ଟି-୨୦

# ପୂର୍ବାଞ୍ଚଳର କ୍ରମାଗତ ବିଜୟ



ଭୁବନେଶ୍ୱର, ୨୦।୮ (ସମିସ): ବେଙ୍ଗାଲୁରୁରେ ଚାଲିଥିବା ଆନ୍ତଃଜୋନାଲ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ବୁଧବାର ପୂର୍ବାଞ୍ଚଳ ଦଳ ୬ ରନରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ୬ ୱିକେଟରେ ୧୫୨ ରନ କରିଥିଲା। ଦଳ ପକ୍ଷରୁ ପାର୍ବତୀ ମାରାଣ୍ଡି ୪୨, ଫୁଲ ୨୭, ରଚନା ଜେନା ୧୭ ଓ ମେହେକ ଲାକ୍ରା ୧୪ ରନ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ୮ ୱିକେଟରେ ୧୪୫ ରନ କରି ପରାସ୍ତ ହୋଇଥିଲା। ଦକ୍ଷିଣାଞ୍ଚଳର ୱିକେଟ୍ ଯାଇଥିବା ସମସ୍ତ ୮ଜଣ ବ୍ୟାଟର୍ ରନଆଉଟ୍ ହୋଇଥିଲେ। ଫୁଲଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପୂର୍ବାଞ୍ଚଳ ଦଳ ୧୦ ୱିକେଟରେ ଉତ୍ତରାଞ୍ଚଳକୁ ପରାସ୍ତ କରିଥିଲା।

ଜାତୀୟ ସବ୍‌ଜୁନିଅର ବାଳିକା ଫୁଟବଲ୍

# ମହାରାଷ୍ଟ୍ରଠାରୁ ହାରିଲା ଓଡ଼ିଶା

କଟକ,୨୦।୮ (ସମିସ): ଆସାମରେ ସବଜୁନିଅର ବାଳିକା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ଠାରୁ ପରାସ୍ତ ହୋଇଛି। ଏହି ମ୍ୟାଚ୍‌ର ଦ୍ୱିତୀୟ ମିନିଟରେ ମହାରାଷ୍ଟ୍ରର ଫରୱାର୍ଡ ସାନଭୀ ଚୌବେ ପ୍ରଥମ ଗୋଲ ଦେଇଥିଲେ। ଏହି ଗୋଲ ସହ ମହାରାଷ୍ଟ୍ର ପ୍ରଥମାର୍ଦ୍ଧରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମହାରାଷ୍ଟ୍ର ୩ଟି ଗୋଲ ସ୍କୋର କରି ସହଜ ବିଜୟ ହାସଲ କରିଥିଲା। ୫୪ତମ ମିନିଟରେ ସାନଭୀ ଦ୍ୱିତୀୟ ଗୋଲ ଦେଇଥିଲେ। ୭୯ତମ ଓ ୮୪ତମ ମିନିଟରେ ହିମାନୀ ହେମନ୍ତ ରାୱତ ଅବଶିଷ୍ଟ ଦୁଇଟି ଗୋଲ ସ୍କୋର କରିଥିଲେ। ଶୁକ୍ରବାର ପଶ୍ଚିମବଙ୍ଗ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

ଜାତୀୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ

# ଦିବ୍ୟା ଶାଣ୍ଡିଲ୍ୟଙ୍କୁ ରୌପ୍ୟ



କଟକ,୨୦।୮ (ସମିସ): ଚେନ୍ନାଇରେ ୬୪ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ ଚାମ୍ପିଅନସିପ୍ ଆଜିଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଓଡ଼ିଶାକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ମହିଳା ହାମର୍ ଥ୍ରୋ ଇଭେଣ୍ଟରେ ଓଡ଼ିଆ ଆଥଲେଟ ଦିବ୍ୟା ଶାଣ୍ଡିଲ୍ୟ ୫୯.୫୮ ମିଟର ସଫଳତା ସହ ରୌପ୍ୟ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଉତ୍ତରପ୍ରଦେଶର ତାନ୍ୟା ଚୌଧୁରୀ (୬୩.୯୧ ମିଟର) ସ୍ୱର୍ଣ୍ଣ ଏବଂ ରାଜସ୍ଥାନର ମାୟା (୫୭.୫୭ ମିଟର) କାଂସ୍ୟ ପଦକ ଜିତିଛନ୍ତି। ସେହିପରି ପୁରୁଷ ୪୦୦ମିଟର ଦୌଡ଼ରେ ଆସ୍ତିକ ପ୍ରଧାନ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦୦ମିଟର ଉଭୟ ପୁରୁଷ ଏବଂ ମହିଳା ଇଭେଣ୍ଟରେ ଓଡ଼ିଶା ନିରାଶ ହୋଇଛି। ଶ୍ରାବଣୀ ନନ୍ଦ ୮ମ ସ୍ଥାନରେ ରହି ହିଟ୍ ଶେଷ କରିଥିବା ବେଳେ ଡିଏମ ଜୟରାମ ୬ଷ୍ଠ ଓ ଶରୁଣ ପାୟାସିଂହ ୭ମ ସ୍ଥାନରେ ରହିଥିଲେ। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ମୋଟ ୨୩ଜଣ ଆଥଲେଟ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୪ଜଣ ପୁରୁଷ ଏବଂ ୯ଜଣ ମହିଳା ଖେଳାଳି ରହିଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

# 'ଆୟର, ସୁନ୍ଦରଙ୍କ ରାସ୍ତା ଶେଷ ହୋଇନାହିଁ'



ମୁମ୍ବଇ,୨୦।୮ (ଏଜେନ୍ସି):

ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଲାଗି ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗତକାଲି ବରିଷ୍ଠ ଚୟନ କମିଟି ୧୫ ଜଣିଆ ଦଳ ଘୋଷଣା କରିଛି। ଏହି ଦଳରେ କିଛି ତାରକା ଏବଂ ଫର୍ମରେ ଥିବା ଖେଳାଳି ଯଥା ଓପନର ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର, ୱାଶିଂଟନ ସୁନ୍ଦର ଓ ପ୍ରସିଦ୍ଧ କୃଷ୍ଣାଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ କମିଟିକୁ ବିରୋଧ ଓ ସମାଲୋଚନା କରାଯାଉଛି। ବିଶେଷ କରି ଆଇପିଏଲ୍‌ର ୨୦୨୪ରେ କୋଲକାତାକୁ ଚାମ୍ପିଅନ ଓ ୨୦୨୫ରେ ପଞ୍ଜାବ କିଙ୍ଗସକୁ ରନର୍ସ ଅପ୍ କରାଇଥିବା ଶ୍ରେୟସ ଆୟରଙ୍କୁ ସାମିଲ କରାଯାଇ ନ ଥିବାରୁ ଚୟନ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକଟ କରାଯାଇଛି। କେଉଁ ଆଧାରରେ ଆୟରଙ୍କୁ ବାଦ୍ ଦିଆଯିବ ତାହାକୁ ନେଇ ସବୁଆଡେ ଚର୍ଚ୍ଚା। ଫର୍ମ ହେଉ ଅବା ଫିଟ୍‌ନେସ୍, ଟି-୨୦ ହେଉ ଅବା ଡେଜ୍ ଗେମ୍‌ରେ ଆୟର ଗତ କିଛି ଦିନ ଧରି ବେଶ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏସିଆ କପ୍ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଆୟର ଏହି ଫର୍ମାଟରେ ସବୁଠାରୁ ଭଲ ଫର୍ମରେ ଅଛନ୍ତି। ଏପରିକି ଦଳରେ ସ୍ଥାନ ପାଇଥିବା ଓପନର ଅଭିଷେକ ଶର୍ମା, ସଞ୍ଜୁ ସାମସନ ଓ ତିଳକ ବର୍ମାଙ୍କ ଅପେକ୍ଷା ଆୟର ଆଇପିଏଲ୍‌ରେ ଅଧିକ ରନ୍ କରିଛନ୍ତି ଓ ଅଧିକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଏଭଳି ଖେଳୁଥିବା ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ନ ମିଳିବା, ଏପରିକି ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ସ୍ଥାନ ନ ଦେବା କେବଳ ଆୟର ନୁହେଁ ବରଂ ନିରପେକ୍ଷ ଭାରତୀୟ କ୍ରିକେଟ ସମର୍ଥକଙ୍କୁ ନିରାଶ କରିଛି। ଅନେକ ସମାଲୋଚକ ରିଙ୍କୁ ସିଂଙ୍କ ସାମିଲକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କିନ୍ତୁ ରିଙ୍କୁଙ୍କ ସ୍ଥାନରେ ଆୟର ଫିଟ୍ ହେବେ ନାହିଁ ବୋଲି ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଛନ୍ତି।

ତୀବ୍ର ଆଲୋଚନା ଓ ସମାଲୋଚନା ପରେ ଅଗରକର ଆଜି ପୁଣିଥରେ ତାଙ୍କ ପୁରୁଣା କଥା ଦୋହରାଇବା ସହ ଏହି ଦଳ କେବଳ ଗୋଟିଏ ଟୁର୍ଣ୍ଣାମେଣ୍ଟ ଲାଗି ଘୋଷଣା କରାଯାଇଛି। ଆମର ଲକ୍ଷ୍ୟ ରହିଛି ଘରୋଇ ମାଟିରେ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ ଉପରେ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମକୁ ଶ୍ରେଷ୍ଠ ୨୦ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମକୁ ୨୦ରୁ ୨୨ଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ୱେଷ୍ଟଇଣ୍ଡିଜ୍, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଅନେକ କିଛି ପରିବର୍ତ୍ତନ ହେବ। ଦଳର କୋର ଖେଳାଳି ତିଷ୍ଠି ରହିବେ। କିନ୍ତୁ କିଛି ଖେଳାଳି ନିଶ୍ଚିତ ପରିବର୍ତ୍ତିତ ହେବେ। ବିଶ୍ୱକପ୍ ଲାଗି ଆମକୁ ଏହି ଟୁର୍ଣ୍ଣାମେଣ୍ଟରୁ ପ୍ରସ୍ତୁତି ହୋଇଛି। ସମସ୍ତ ଖେଳାଳିଙ୍କୁ ସୁଯୋଗ ମିଳିବ ଓ ସେମାନଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏହା ବ୍ୟତୀତ ଆହତ ସମସ୍ୟା ମଧ୍ୟ ରହିଛି। ଫର୍ମ ଓ ଇଞ୍ଜୁରୀକୁ ମୁକାବିଲା କରିବା ପରେ ଯେଉଁ ଖେଳାଳିମାନେ ତିଷ୍ଠି ରହିବେ ସେମାନଙ୍କୁ ନିଶ୍ଚିତଭାବେ ଦଳରେ ସ୍ଥାନ ମିଳିବ ବୋଲି ଅଗରକର କହିଛନ୍ତି। ଏବେ ଆମେ ଦଳରେ ୩ଜଣ ଓପନରଙ୍କୁ ସାମିଲ କରିଛୁ। ଏଣୁ ଯଶସ୍ୱୀ ଜୟସ୍ୱାଲଙ୍କୁ ସ୍ଥାନ ଦେଇ ପାରିନୁ। ମିଡିଲ ଅର୍ଡରରେ ଲମ୍ବା ଲାଇନ୍। ଆୟରଙ୍କ ଲାଗି ଏଠାରେ ସ୍ଥାନ ନାହିଁ। ସେହିପରି ଏବେ ଦଳରେ କାମଚଳା ଅଭିଷେକ ଶର୍ମାଙ୍କ ସହ ୪ ଜଣ ସ୍ପିନର ରହିଛନ୍ତି। ଏଣୁ ସୁନ୍ଦରଙ୍କୁ ନେଇପାରିନୁ। ସେ ଯାହା ହେଉ ପ୍ରତିଭାରେ ଭରପୂର ଭାରତୀୟ ଖେଳାଳିମାନଙ୍କୁ ୧୫ଜଣଙ୍କ ମଧ୍ୟରେ ସୀମିତ ରଖିବା କଷ୍ଟକର। ଏହି ଦଳ ନିଶ୍ଚିତ ବଦଳିବ ଓ ସମସ୍ତ ଖେଳାଳି ସୁଯୋଗ ପାଇବେ ବୋଲି ଅଗରକର କହିଛନ୍ତି।

ରାଜ୍ୟ ପୁଲିସ୍ ଫୁଟବଲ ଉଦ୍‌ଘାଟିତ

# ସୁନ୍ଦରଗଡ଼, ଝାରସୁଗୁଡ଼ା, ବ୍ରହ୍ମପୁର ଜିଲ୍ଲା ବିଜୟୀ



ସୁନ୍ଦରଗଡ଼/ରାଉରକେଲା,୨୦।୮ (ସମିସ): ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ବୁଧବାର ୮୦ତମ ରାଜ୍ୟ ପୁଲିସ୍ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଅନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ସେପ୍ଟେମ୍ବର ୩ ତାରିଖଯାଏ ଦୁଇଟି ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁଲିସ୍‌ର ୪୭ଟି ଦଳ ଭାଗନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୪ଟି ଦଳ ଅଗଷ୍ଟ ୨୦ରୁ ୨୪ ଯାଏ ଖେଳିବେ। ସେହିପରି ଅଗଷ୍ଟ ୨୭ରୁ ସେପ୍ଟେମ୍ବର ୩ ତାରିଖଯାଏ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୩ଟି ଦଳ ଭାଗନେବେ।

ବୁଧବାର ଉଦ୍‌ଘାଟନୀ ଦିବସରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ଏହା ମଧ୍ୟରୁ ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁନ୍ଦରଗଡ଼ ଜିଲ୍ଲା ପୁଲିସ୍ ୬-୦ ଗୋଲରେ ଭଞ୍ଜନଗରରେ ଥିବା ଅଷ୍ଟମ ସ୍ୱତନ୍ତ୍ର ଆଇଆର୍‌ବିଏନ୍‌କୁ ହରାଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡାର ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ୪-୦ ଗୋଲରେ ଶକ୍ତିଶାଳୀ କମିଶନରେଟ ପୁଲିସ୍‌କୁ ହରାଇଛି। ଭବାନୀପୁର ଖେଳପଡ଼ିଆରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ କୋରାପୁଟର ପ୍ରଥମ ଆଇଆର୍‌ବିଏନ୍ ୬-୦ ଗୋଲରେ ଢେଙ୍କାନାଳ ଜିଲ୍ଲା ପୁଲିସ୍‌କୁ ହରାଇଦେଇଛି। ଏଠାରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡା ଜିଲ୍ଲା ପୁଲିସ୍ ୪-୧ ଗୋଲରେ ଦେବଗଡ଼ରେ ଥିବା ଚତୁର୍ଥ ଆଇଆର୍‌ବିଏନ୍‌କୁ ପରାସ୍ତ କରିଛି। ପଞ୍ଚମ ତଥା ପ୍ରଥମ ଦିନ ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ ବ୍ରହ୍ମପୁର ଜିଲ୍ଲା ପୁଲିସ୍ ୨-୦ ଗୋଲରେ ଗଜପତିରେ ଥିବା ତୃତୀୟ ଏସ୍‌ଏସ୍‌ବିଏନ୍‌କୁ ପରାସ୍ତ କରିଛି।

ଉଦ୍‌ଘାଟନୀ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, କେନ୍ଦୁଝର ଏସ୍‌ପି କୁଶଳକର ନିତିନ ଦାଗୁଡ୍ଡୁ, ରାଉରକେଲା ଏସ୍‌ପି ନିତେଶ ୱାଧାୱାନିଙ୍କ ସମେତ ଅନେକ ବରିଷ୍ଠ ପୁଲିସ୍ ଅଧିକାରୀ, ଖେଳାଳି ଓ ଅଫିସିଆଲ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS